
ମା’ ବିରଜା


# ଯାଜପୁର ହାଇଲାଇଟ୍ସ
JAJPUR HIGHLIGHTS

RNI Reg. NO. ODIODI/2023/90444

ଭାଗ-୨ ● ସଂଖ୍ୟା-୯ ● ପାକ୍ଷିକ ● ଯାଜପୁର ● ଓଡିଶା-୧-୧୫, ଏପ୍ରିଲ ୨୦୨୫ ● ମୂଲ୍ୟ-୫.୦୦ Vol.No. 2 ● Issue-9 ● Fortnightly ● Jajpur● Odisha● 1-15, APRIL -2025 ● Rs.5.00


### ଆଧାରକୁ ନେଇ ମୋଦି ସରକାରଙ୍କ ବଡ଼ ନିଷ୍ପତ୍ତି

## ଏବେ କାର୍ଡ ନୁହେଁ, କ୍ୟୁଆର ମାଧ୍ୟମରେ ହେବ ସମସ୍ତ କାମ



ନୂଆଦିଲ୍ଲୀ: ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ (UIDAI) ପରୀକ୍ଷଣ ପର୍ଯ୍ୟାୟରେ ନୂତନ ଆଧାର କାର୍ଡ ଆପ ଲଞ୍ଚ କରିଛି । ଯଦି ଏହି ପରୀକ୍ଷଣ ସଫଳ ହୁଏ, ତେବେ ଖୁବ୍‌ଶୀଘ୍ର ଆଉ ଆଧାର କାର୍ଡ କିମ୍ବା ଫିଜିକାଲ କାର୍ଡର ଫଟୋ କପି ଆବଶ୍ୟକ ପଡିବ ନାହିଁ । ମୋଦି ସରକାରଙ୍କ ଏହି ନୂତନ ପଦକ୍ଷେପ ଅଧୀନରେ, ଏବେ କ୍ୟୁଆର କୋଡ ଏବଂ ଫେସ ଆଇଡି ମାଧ୍ୟମରେ ତୁରନ୍ତ ଆଧାର ଚିହ୍ନଟ କରାଯାଇପାରିବ । ଏହି ଆପ କେବଳ ଆଧାରର ସୁରକ୍ଷାକୁ ସୁଦୃଢ଼ କରିବ ନାହିଁ ବରଂ ଏହାକୁ ବ୍ୟବହାର କରିବାକୁ ମଧ୍ୟ ସହଜ କରିବ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁ ବେଳେ ଚର୍ଚ୍ଚାରେ ରହିଆସିଛନ୍ତି । ସେ କିଛି ନା କିଛି ଗୋଟେ ଭାରତୀୟଙ୍କ ପାଇଁ ନୂଆ ଦିଗନ୍ତ ଆଣୁଛନ୍ତି । ମୋଦୀ ତାଙ୍କ ପ୍ରଥମ ପାଳିରେ ନୋଟ ବନ୍ଦୀ ଯୋଜନାଟି ବେଶ୍ ଚର୍ଚ୍ଚାରେ ରହିଥିଲା । ଏବେ ଡିଜିଟାଲ ଇଣ୍ଡିଆ ବର୍ତ୍ତମାନ ଦେଶରେ ବହୁଳ ଭାବରେ ଚାଲିଛି । ଡିଜିଟାଲ ଇଣ୍ଡିଆ ମଧ୍ୟରୁ କ୍ୟାସଲେସ୍ ଗୋଟିଏ ବଡ କଥା । ପୁଣି ବର୍ତ୍ତମାନ ୟୁଆଇଡିଏଆଇ ମାଧ୍ୟମରେ ଆଧାର ନୁହେଁ କ୍ୟୁଆର କୋଡ ହେବ ପରିଚୟର ମୂଳମନ୍ତ୍ର । ମୋଦିଙ୍କର ଏହି ଚିନ୍ତାଧାରା ଫଳପ୍ରଦ ହେଲେ ଏହା ଭାରତୀୟଙ୍କ ପାଇଁ ଉତ୍ତମ ସେବା ଯୋଗାଇ ପାରିବ ବୋଲି ଆକଳନ କରାଯାଉଛି ।

### ୩୦ ହଜାର କୋଟିର ନିବେଶ

## ୪୮ ହଜାର ନିଯୁକ୍ତି ଆଶା, ୧୩ ଚୁକ୍ତି ଚୂଡ଼ାନ୍ତ

ଭୁବନେଶ୍ୱର: ରାଜ୍ୟରେ ୨୪ ବର୍ଷର ବିଜେଡି ସରକାରକୁ ପଛରେ ପକାଇ ଶାସନ ଗାଦୀକୁ ଆସିଛି ବିଜେପି । ପୁଣି ଜଣେ ଶାନ୍ତ, ସରଳ, ଆଦିବାସୀ ବ୍ୟକ୍ତି ହୋଇଛନ୍ତି ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । ମାତ୍ର ତାଙ୍କ ସରକାରକୁ ୧୧ ମାସ ଚାଲୁଛି । ଏହି ୧୧ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ବହୁତ କିଛି ଜନହିତକର କାର୍ଯ୍ୟ କରିଛନ୍ତି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓଡିଶା ପାଇଁ ବଡ ପଦକ୍ଷେପ ନେଉଛନ୍ତି ବୋଲି କୁହାଯାଇପାରେ । ଓଡିଶାରେ ପୁଞ୍ଜି ନିବେଶ ହେଉ, ବଡ ବଡ ଶିଳ୍ପ ହେଉ ଅଥବା ଜନହିତକର କାର୍ଯ୍ୟ ହେଉ ସବୁ କିଛି କରିବା ପାଇଁ ସେ ଚେଷ୍ଟା ଚଳାଇଥିବା କୁହାଯାଉଛି । ଏହି ୧୧ ମାସ ସରକାର ମଧ୍ୟରେ ଦେଖିବାକୁ ଗଲେ ମୋହନ ସରକାର ରାଜ୍ୟରେ କିଛି ଆଖିଦୃଶିଆ କାର୍ଯ୍ୟ କରିଛନ୍ତି । ବିରୋଧୀ ମାନେ ଭାବୁଛନ୍ତି ସେ ଜଣେ ସାଧାରଣ ଆଦିବାସୀ ବ୍ୟକ୍ତି ରାଜ୍ୟରେ କିଛି କରିପାରିବେ ନାହିଁ ଏବଂ ପଙ୍ଗୁ ସରକାର ବୋଲି କହୁଛନ୍ତି । ହେଲେ ମୋହନଙ୍କୁ ସେମିତି ଭାବିବାଟା ଆମର ବୋକାମିର ପରିଚୟ ଦେଇଛି । ରାଜ୍ୟରେ ପୁଞ୍ଜିନିବେଶ ପାଇଁ ନିବେଶକଙ୍କୁ ଆକୃଷ୍ଟ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ରବିବାର ଦିଲ୍ଲୀ ଗସ୍ତ କରିଛନ୍ତି । ସୋମବାର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ୧୪ କମ୍ପାନୀ ସହ ୩ହଜାର କୋଟିର ନିବେଶ ଓ ୨୧ହଜାର ୩୯୦ ନିଯୁକ୍ତି ସୃଷ୍ଟି ପାଇଁ ଆଲୋଚନା କରିଛନ୍ତି । ଏଥିସହ ଅତିରିକ୍ତ ୨୭,୫୯୫ କୋଟି ଟଙ୍କାର ୧୧ଟି ଚୁକ୍ତି ସ୍ୱାକ୍ଷର ପାଇଁ ଚୂଡ଼ାନ୍ତ ହୋଇଥିବାବେଳେ ୨୭ହଜାର ନିଯୁକ୍ତି ପାଇଁ ବାଟ ଫିଟିଛି । ତେଣୁ ମୋଟ ୩୦ ହଜାର ୫୯୫ କୋଟି ଟଙ୍କାର ପୁଞ୍ଜି ନିବେଶ ସହ ୪୮,୩୯୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହା ରାଜ୍ୟର ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି । ମୁଖ୍ୟମନ୍ତ୍ରୀଙ୍କୁ ଟିମ୍ ଓଡ଼ିଶା ପକ୍ଷରୁ ତାଜ୍ ପ୍ୟାଲେସଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରଥମେ ମୁଖ୍ୟମନ୍ତ୍ରୀ ନଏଡାସ୍ଥିତ ଏଚ୍‌ସିଏଲ୍ ଟେକ୍ କ୍ୟାମ୍ପସ୍ ପରିଦର୍ଶନ କରିଥିଲେ । ଓଡ଼ିଶାରେ ଆଇଟି ଶିଳ୍ପ କ୍ଷେତ୍ରରେ ନିବେଶ ଉପରେ ଏଚ୍‌ସିଏଲ୍‌ର ଚେୟାର ପର୍ସନ ରୋଶନୀ ନାଦାର ମାଲ୍‌ହୋତ୍ରାଙ୍କ ସହ ଆଲୋଚନା କରିଥିଲେ । ରାଜ୍ୟରେ ଏଚ୍‌ସିଏଲ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆମନ୍ତ୍ରଣ କରାଯାଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଂସ୍କୃତି ଓ ବୈଷୟିକ ଜ୍ଞାନକୌଶଳର ସମ୍ମିଶ୍ରଣରେ ପ୍ରଦର୍ଶିତ କିରନ ନାଦାର ମ୍ୟୁଜିୟମ୍ ଅଫ୍ ଆର୍ଟକୁ ପରିଦର୍ଶନ କରିଥିଲେ । ପରେ ସେ ତାଜ୍ ପ୍ୟାଲେସ୍‌ଠାରେ ଦେଶର ବହୁ ଶିଳ୍ପ ନେତୃତ୍ୱଙ୍କ ସହ ୱାନ୍ ଅନ୍ ୱାନ୍ ଆଲୋଚନା କରିଥିଲେ । ବିଭିନ୍ନ ଷ୍ଟେକ୍‌ହୋଲ୍ଡର ଓ ଶିଳ୍ପପତିଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ନିବେଶ ଅନୁକୂଳ କରିବା ଦିଗରେ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ । କ୍ଲାରେନେକ୍ସ କେମିକାଲ୍‌ସର ପରିଚାଳନା ନିର୍ଦ୍ଦେଶକ



### ଶାନ୍ତ, ସରଳ ହୃଦୟରେ ସୀମାହୀନ ଯୋଜନା

ମନୀଷ କିରିଙ୍କ ସହ ପାରାଦୀପରେ ସ୍ୱତନ୍ତ୍ର କେମିକାଲ ୟୁନିଟ୍ ସ୍ଥାପନ ନେଇ ଆଲୋଚନା କରିଥିଲେ । ଗୋକଲଦାସ ଏକ୍ସପର୍ଟସ୍ ନିର୍ଦ୍ଦେଶକ ପ୍ରଭାତ କୁମାର ସିଂହଙ୍କ ସହ ଓଡ଼ିଶାରେ ବସ୍ତ୍ର ଉପତ୍‌ାଦନ ସମ୍ପର୍କରେ ମଧ କଥା ହୋଇଥିଲେ । ମୁଖ୍ୟମନ୍ତ୍ରୀ ଓ ଶିଳ୍ପମନ୍ତ୍ରୀଙ୍କ ସହ ଆଲୋଚନା ପରେ ଏସ୍‌ଏଲଏମ୍‌ଜି ବେଭେରେଜ୍‌ସର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ପାରିତୋଷ ଲଧାନୀ ରାଜ୍ୟରେ ବେଭେରେଜ ମାନୁଫାକ୍ଚରିଂ ୟୁନିଟ୍ ସ୍ଥାପନ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଏହା ବ୍ୟତୀତ ରୁଚି ସୋୟାଫୁଡ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ଆସ୍ଥାନା ମଧ ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ ଓ ଅନ୍ୟାନ୍ୟ ୟୁନିଟ୍ ସ୍ଥାପନ କରିବାକୁ ସ୍ଥିର କରିଛନ୍ତି । ରାଜ୍ୟରେ ବ୍ୟାଟେରି ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ ୟୁନିଟ୍ ପ୍ରତିଷ୍ଠା ପାଇଁ ସେମ୍‌କଏନ୍‌ଫ୍ରାଟେକ୍‌ର ପରିଚାଳନା ନିର୍ଦ୍ଦେଶକ ନୀରଜ କୁମାର ସିଂଘଲଙ୍କ ସହ ଆଲୋଚନା ହୋଇଛି । ସେହିପରି ପାଣିଜାହାଜ ନିର୍ମାଣ ଓ ମରାମତି ସୁବିଧା ଓଡ଼ିଶାରେ ଉପଲବ୍ଧ କରାଇବା ପାଇଁ ଚୌଗୁଲେ ଗ୍ରୁପ୍‌ର ଚେୟାରମ୍ୟାନ ବିଜୟ ଭି ଚୌଗୁଲେଙ୍କ ସହ ସାକ୍ଷାତ ପରେ ସୂଚନା ମିଳିଛି । ସେହିପରି ରାଜ୍ୟରେ ପୁଞ୍ଜି ନିବେଶ ଲାଗି ଆଗ୍ରହ ପ୍ରକାଶ କରିଥିବା ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟରେ ହିମାଦ୍ରୀ ସ୍ପେଶାଲିଟି, ଆଇଆରଇଏଲ, ଆଇନକ୍ସ ଜିଏଫ୍‌ଏଲ ଗ୍ରୁପ୍, ଅଫ୍ ବିଜ୍‌ନେସ୍, କ୍ୱାଣ୍ଟ ସୋଲାର ଆଦି ରହିଛି । ମଙ୍ଗଳବାର ଦ୍ୱିତୀୟ ଦିନରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍), ପେଟ୍ରୋନେଟ୍ ଏଲ୍‌ଏନ୍‌ଜି, ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋକେମିକାଲ ରିଜର୍ଭସ୍ ଲିମିଟେଡ୍ ଓ ଅନ୍ୟାନ୍ୟ କମ୍ପାନୀ ସହ ନିବେଶ ସଂକ୍ରାନ୍ତ ଆଲୋଚନା କରାଯିବ । ଆଇଓସିଏଲ୍ ସହ ଚୁକ୍ତି ପାରାଦୀପରେ ଡୁଆଲ୍ ଫିଡ୍ ନାପଥା କ୍ରାକର ଏବଂ ଡାଉନ୍‌ଷ୍ଟ୍ରିମ୍ ୟୁନିଟ୍ ସ୍ଥାପନ ପୂର୍ବକ ଶିଳ୍ପ ଅଭିବୃଦ୍ଧିରେ ସହାୟକ ହେବ । ପୂର୍ବୋଦୟ ଯୋଜନା ଅଧୀନରେ ପୂର୍ବଭାରତ ବିଶେଷକରି ଓଡ଼ିଶାରେ ଥିବା ଶିଳ୍ପ ସମ୍ଭାବନାକୁ ନୂଆରୂପ ଦେବାରେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସହାୟକ ହେବ ବୋଲି କୁହାଯାଉଛି । ଏଥିସହ ରାଜ୍ୟରେ କେମିକାଲ, ପେଟ୍ରୋକେମିକାଲ ଓ ଖାଦ୍ୟ ଶିଳ୍ପ ସୁଦୃଢ଼ୀକରଣ ଆଶା ଉଜ୍ଜୀବିତ ହୋଇଛି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିବା ବେଳେ ଏପ୍ରିଲ ୯ରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫେରିବାର କାର୍ଯ୍ୟକ୍ରମ ରହିଛି ।

## ୨୪ ବର୍ଷ ବନାମ ୧୧ ମାସ: ରାଜ୍ୟରେ ସୁଦୃଢ଼ ହେଉଛି ସମବାୟ ସଂସ୍ଥା

ଭୁବନେଶ୍ୱର: ରାଜ୍ୟରେ ବିଗତ ୨୪ ବର୍ଷର ବିଜେଡି ସରକାର ସମୟରେ ସମବାୟ ସଂସ୍ଥାଗୁଡିକର ଉନ୍ନତୀକରଣ ଯାହା ହୋଇଛି, ବିଜେପିର ୧୧ ମାସ ସରକାରରେ ରାଜ୍ୟ ସମବାୟ ସଂସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ନକ୍ସା ପ୍ରସ୍ତୁତ ହୋଇଛି । ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ପ୍ରଚେଷ୍ଟାରେ ସମବାୟ ସଂସ୍ଥାଗୁଡିକୁ ଆହୁରି ସୁଦୃଢ଼ କରାଯିବାକୁ ଶ୍ରୀ ବଳ ସାମନ୍ତଙ୍କ ଉଦ୍ୟମ ଜାରି ରହିଛି । ବିଜେଡିର ୨୪ ବର୍ଷ ଶାସନ ମଧ୍ୟରେ ରାଜ୍ୟରେ ଅନେକ ଗୁଡିଏ ସମବାୟ ସଂସ୍ଥା ବନ୍ଦ ହୋଇଥିବା ବେଳେ ଆଉ କିଛି ରୁଗଣ ଅବସ୍ଥାରେ ଚାଲୁଛନ୍ତି । ରାଜ୍ୟରେ ସମବାୟ ସଂସ୍ଥା ମାଧ୍ୟମରେ ଚାଷୀ ପରିବାର କିପରି ଅର୍ଥନୈତିକ ବିକାଶରେ ସାମିଲ ହୋଇପାରିବେ ସେଥି ପ୍ରତି ସମବାୟ ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ବିଭାଗୀୟ ଉଚ୍ଚପଦାଧିକାରୀଙ୍କ ସହିତ ଆଲୋଚନା କରୁଥିବା ଜଣାପଡିଛି ।କିଭଳି ଜଣେ ସାଧାରଣ ଲୋକ ଏବଂ ଚାଷୀର ଉନ୍ନତି ହେବ, ସେନେଇ ବିଶେଷ ଧ୍ୟାନ ଦିଆଯିବ । ଲୋକଙ୍କ ଆଶା ଏବଂ ଆକାଂକ୍ଷାକୁ ନେଇ ବିଜେପି ଦଳ କାର୍ଯ୍ୟ କରୁଛି, ଲୋକଙ୍କୁ ରୋଜଗାରକ୍ଷମ କରାଇବା ସହିତ ଲୋକଙ୍କୁ ସହାୟତା କରିବା ପାଇଁ ସମବାୟ ମନ୍ତ୍ରୀ ଚେଷ୍ଟା କରୁଛନ୍ତି । ବିଜେପି ଶାସନ ଅଧୀନରେ ପ୍ରଥମ ଖରିଫ ମାର୍କେଟିଂ କମ୍ ସମୟ ମଧ୍ୟରେ କୃଷକମାନେ କ୍ୱିଣ୍ଟାଲ ପିଛା ୩,୧୦୦ ଟଙ୍କା ପାଉଛନ୍ତି । ଅଫର ଲାଭଜନକ ମୂଲ୍ୟ ହେତୁ ପଡୋଶୀ ରାଜ୍ୟରୁ ଧାନ ପ୍ରବାହକୁ ନେଇ ଓଡିଶା ସରକାର ସତର୍କ ଅଛନ୍ତି । ପଡୋଶୀ ରାଜ୍ୟର ଦଲାଲଙ୍କୁ ରୋକିବା ପାଇଁ ସମବାୟ ବିଭାଗ ପକ୍ଷରୁ ସୀମାନ୍ତ ରାସ୍ତାରେ ସିସିଟିଭି ଏବଂ ସ୍ମାର୍ଟ କ୍ୟାମେରା ଲଗାଯାଇ ରାଜ୍ୟରେ ପ୍ରବେଶ କରୁଥିବା ସମସ୍ତ ଯାନ ଉପରେ ଘଣ୍ଟା ଘଣ୍ଟା ମନିଟରିଂ ପାଇଁ ନିୟୋଜିତ ସ୍କ୍ୱାଡ୍ ନିୟୋଜିତ କରାଯାଇଥିଲା । ଧାନ ପାଇଁ ଓଡିଶା ବର୍ତ୍ତମାନ ସର୍ବାଧିକ ସହାୟତା ମୂଲ୍ୟ ପ୍ରଦାନ କରୁଛି ଏବଂ ପଡୋଶୀ ରାଜ୍ୟରୁ ଉତ୍ପାଦର ପ୍ରବେଶ ସମ୍ଭାବନା ଅଧିକ । ସମ୍ଭାବନାକୁ ଧ୍ୟାନରେ ରଖି ସମବାୟ ବିଭାଗ ସଜାଗ ରହିଥିଲା ଏବଂ ରାଜ୍ୟର କୃଷକମାନେ ଏହା ଦ୍ୱାରା ପ୍ରଭାବିତ ହୋଇନଥିଲେ । ଟେକ୍ନିକାଲ୍ ଠାରୁ ଆରମ୍ଭ କରି ସମବାୟ ବିଭାଗରେ ସ୍ୱଚ୍ଛ ଏବଂ ଚାଷୀଙ୍କ ପାଇଁ ଅସୁବିଧାମୁକ୍ତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ସେହିଭଳି ଆସ୍କା



କୋଅପରେଟିଭ୍ ସୁଗାର ମିଲକୁ ପୁନର୍ଜୀବିତ କରିବା ପାଇଁ ଓଡିଶା ସରକାର ଚିନ୍ତା କରୁଛନ୍ତି । ତିହାସିକ ଆସ୍କା ସମବାୟ ଚିନି ମିଲର ପୁନରୁଦ୍ଧାର ତଥା ଆଧୁନିକୀକରଣ ପାଇଁ ଓଡିଶା ସରକାର ଏକ ପ୍ରମୁଖ ପଦକ୍ଷେପ ଆରମ୍ଭ କରିଛନ୍ତି । ୧୯୫୬ ରେ ପ୍ରତିଷ୍ଠିତ ହୋଇଥିବା ଆସ୍କା କୋଅପରେଟିଭ୍ ସୁଗାର ମିଲ୍ ୧୯୬୩ ରେ ଉତ୍ପାଦନ ଆରମ୍ଭ କରିଥିଲା । ପରେ ଚିନି ସହିତ ଉପ-ଦ୍ରବ୍ୟ ଉତ୍ପାଦନ ପାଇଁ ବିସ୍ତାର ହୋଇଥିଲା । ଏହି ଚିନି ମିଲର ଦୀର୍ଘ ଇତିହାସ ରହିଛି ଏବଂ ଏହି ଅଞ୍ଚଳର ଅନେକ କୃଷକଙ୍କୁ ସମର୍ଥନ କରିଆସୁଛନ୍ତି । ଏହି ଅଞ୍ଚଳର ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏହାର ପୁନରୁଦ୍ଧାର ତଥା ଉନ୍ନତି ଜରୁରୀ ଅଟେ । ଦୁଗ୍ଧ ସମବାୟ ସଂସ୍ଥାକୁ ଦେଖିବାକୁ ଗଲେ ଏବେ ଓମଫେଡ ଦୈନିକ ୫ ଲକ୍ଷ ୧୪ ହଜାର ଲିଟର ଦୁଗ୍ଧ ସଂଗ୍ରହ କରୁଛି । ସେଥିରେ ଦେଶୀ ବା ବିଞ୍ଝାରପୁରୀ ଗାଈ କ୍ଷୀର ହେଉଛି ୨୫୦୦ ଲିଟର । ବର୍ତ୍ତମାନ ଓମଫେଡ୍ ପକ୍ଷରୁ ବିଭିନ୍ନ ପ୍ରକାରର କ୍ଷୀର, ଘିଅ, ଦହି, ଲସି, ଖୁଆ, ପେଡ଼ା, ଲହୁଣୀ, ପନିର, ମିଠା ଦହି, ମିଲ୍କ ପାଉଡର ଆଦି ଉତ୍ପାଦ ପ୍ରସ୍ତୁତ କରାଯାଉଛି । ଅତ୍ୟାଧୁନିକ ଯନ୍ତ୍ରାଂଶ ଓ ପ୍ରଣାଳୀରେ ଏହି ସବୁ ଉତ୍ପାଦ ପ୍ରସ୍ତୁତ କରାଯାଉଥିବାବେଳେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କର୍ମନିଯୁକ୍ତି ସମ୍ଭବ ହୋଇପାରିଛି । ଏହାବ୍ୟତୀତ ବର୍ଷକ ଭିତରେ ଓମ୍‌ଫେଡ ୧୦ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ନେଇ ଯୋଜନା ପ୍ରସ୍ତୁତ କରିଛି । ଘିଅ ଉତ୍ପାଦନ ବୃଦ୍ଧି ପାଇଁ ଆଗାମୀ ଦିନରେ ଓମଫେଡ ଯୋଜନା ରଖିଛି । ମାସକୁ ଓମଫେଡ ୧୨୦ ଟନ୍ ଘିଅ ଉତ୍ପାଦନ କରୁଛି । ରାଜ୍ୟର ପ୍ରମୁଖ ମନ୍ଦିରରେ ଏହି ଘିଅ ବ୍ୟବହାର କରାଯାଉଥିବାବେଳେ ଦିଲ୍ଲୀ ହଜଖାସ୍ ଜଗନ୍ନାଥ ମନ୍ଦିର ସହ ଆଖପାଖର ଜଗନ୍ନାଥ ମନ୍ଦିରକୁ ମଧ ଓମଫେଡ୍ ଘିଅ ଯୋଗାଇ ପାରୁଛି । ଓଡିଶା ଶିଳ୍ପୀ ଓ ଶିଳ୍ପ କଳାର ରାଜ୍ୟ । ଆମ ଚିତ୍ରକଳା, ଭାସ୍କର୍ଯ୍ୟ, ସ୍ଥାପତ୍ୟ, ହସ୍ତତନ୍ତ, ହସ୍ତଶିଳ୍ପ, ସଂଗୀତ ଏବଂ ନୃତ୍ୟ ଆଦିରେ ମହାନ ସାଂସ୍କୃତିକ ଐତିହ୍ୟ ପ୍ରତିଫଳିତ । ଶିଳ୍ପୀମାନଙ୍କୁ ନିରନ୍ତର ପ୍ରେରିତ, ପ୍ରୋତ୍ସାହନ, ଆର୍ଥିକ ସଶକ୍ତ ସହ ସୃଜନଶୀଳ ସୃଷ୍ଟି ଲାଗି ଉତ୍ସାହିତ କରୁଛନ୍ତି ରାଜ୍ୟ ସରକାର । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରେ ବିଭିନ୍ନ ମେଳା ମାଧ୍ୟମରେ ଏମାନଙ୍କୁ ଉତ୍ସାହିତ ତଥା ଆର୍ଥିକ ବିକାଶରେ ଉନ୍ନତି ଆଣିବା ପାଇଁ ପ୍ରୟାସ ଜାରି ରହିଛି । ରାଜ୍ୟର ବୁଣାକାର ଏବଂ କାରିଗରମାନଙ୍କର ଅପୂର୍ବ କାରିଗରୀ ପାଇଁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ଦେଶ-ବିଦେଶରେ ସୁନାମ ଅର୍ଜନ କରୁଛି । ଓଡ଼ିଶାରେ ଉତ୍ପାଦିତ ହସ୍ତତନ୍ତ ସାମଗ୍ରୀର ବିବିଧ ପରିସର ରହିଛି । ଲୋଟସ୍ ପାଟାଚିତ୍ରା କଳା ସହିତ ସୁନ୍ଦର ଭାବରେ ଚିତ୍ରିତ କାଠ ପଟାଚିତ୍ରା କୋଷ୍ଟର୍ସ । ରାଣିକ କାହାଣୀ ହେଉଛି ଓଡ଼ିଶାର ଏକ ପ୍ରସିଦ୍ଧ କଳା ରୂପ ଯାହାକି ରାଣିକ କାହାଣୀ ଏବଂ ଏହାର ଜଟିଳ ବିବରଣୀଗୁଡିକର ବିସ୍ତୃତ ଚିତ୍ରଣ ପାଇଁ ସ୍ୱୀକୃତିପ୍ରାପ୍ତ ।

## ଦିଲ୍ଲୀରେ ଏବେ ବି ହାତ ଟାଣ



ଭୁବନେଶ୍ୱର: ୱକ୍‌ଫ ବିଲ୍ ପ୍ରସଙ୍ଗରେ ଭି.କେ. ପାଣ୍ଡିଆନଙ୍କୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଥିବାବେଳେ ଦିଲ୍ଲୀରେ ସୁଜାତା ଆର. କାର୍ତ୍ତିକେୟନଙ୍କ ଅବସରକୁ ନେଇ କେତେକ ଓଡ଼ିଆ ଅଫିସରଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି । ଓଡ଼ିଶାର ଜଣେ ମହିଳା ପ୍ରଶାସନିକ ଅଧିକାରୀ କିଭଳି ତାଙ୍କ କାର୍ଯ୍ୟକାଳ ଭିତରେ ମହିଳାମାନଙ୍କ ପ୍ରେରଣାର ଉତ୍ସ ସାଜିଥିଲେ ଓ ମହିଳା ସଶକ୍ତୀକରଣ କରିଥିଲେ ସେନେଇ ଦିଲ୍ଲୀରେ ଏକ ଇଂଲିଶ ଲିଫ୍ ଲେଟ୍ ବିଭିନ୍ନ କାର୍ଯ୍ୟାଳୟରେ ଘୂରି ବୁଲୁଛି । ଏଭଳି ବାର୍ତ୍ତା ଜଣେ ସ୍ୱେଚ୍ଛାକୃତ ଅବସର ଓଡ଼ିଆ ମହିଳା ଅଧିକାରୀଙ୍କ କ୍ଷେତ୍ରରେ ପ୍ରଥମ ଘଟଣା ହୋଇଥିବାରୁ ଏହାକୁ ନେଇ ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି । କେତେକ ବରିଷ୍ଠ ଖବରଦାତା ଏହାକୁ ସୁଜାତାଙ୍କ ରାଜନୈତିକ ଚାଲ୍ ? ବୋଲି କହୁଥିବାବେଳେ ଆଉ କେତେକେ ଜଣେ ସଫଳ ମହିଳାଙ୍କ କାହାଣୀ ବୋଲି ବିବେଚନା କରୁଛନ୍ତି । ତେବେ ସୂତ୍ର ଅନୁଯାୟୀ, ସୁଜାତା ମାର୍ଚ୍ଚ ୧୩ରେ ସ୍ୱେଚ୍ଛାକୃତ ଅବସର ଗ୍ରହଣ ପାଇଁ ରାଜ୍ୟ ସରକାରଙ୍କୁ ଆବେଦନ କରିଥିଲେ । ୨୭ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭାରତ ସରକାରଙ୍କୁ ସ୍ୱେଚ୍ଛାକୃତ ଅବସର ମଞ୍ଜୁର ପାଇଁ ସୁପାରିସ କରାଯାଇଥିଲା । ମାର୍ଚ୍ଚ ୨୮ରେ ଭାରତ ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ସୁଜାତାଙ୍କ ଅବସର ପତ୍ରକୁ ଅନୁମୋଦନ କରିଥିଲେ । ଅର୍ଥାତ୍ ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରର ଅନୁମତି ମିଳିଥିଲା । ଏଥିରେ ଦିଲ୍ଲୀରେ ତାଙ୍କର କେତେ ମୁଠା ଟାଣ (ପକଡ) ରହିଛି ତାହା ସ୍ପଷ୍ଟ ବୁଝାପଡୁଛି । ଏହା ପରେ ଦିଲ୍ଲୀର କେତେକ ପ୍ରଶାସନିକ ଅଧିକାରୀଙ୍କ ନିକଟକୁ ଏକ ଇଂଲିଶ ଲିଫ୍ ଲେଟ୍ ଜରିଆରେ ସୁଜାତାଙ୍କ କୃତିତ୍ୱ ବଣ୍ଟନ କରାଯାଇଥିଲା । ଲିଫ୍ ଲେଟ୍‌ରେ ଉଲ୍ଲେଖ ରହିଛି, ସେ ଜଣେ ମହିଳା; ଯିଏ ସଦାସର୍ବଦା ମହିଳାଙ୍କୁ ସଶକ୍ତୀକରଣ କରିବାର ଲକ୍ଷ୍ୟ ରଖିଥିଲେ । ୨୦୦୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ଭାବରେ ସୁଜାତା ଯୋଗଦେଇଥିଲେ ଏବଂ ଆଇଏଏସ୍ ଏକାଡେମୀରେ ସେ ସ୍ୱର୍ଣ୍ଣପଦକ ବିଜେତା ଥିଲେ । ନକ୍ସଲ ପ୍ରଭାବିତ ସୁନ୍ଦରଗଡ଼ ଜିଲାରେ ଜିଲାପାଳ ଭାବେ ସୁଜାତା କାମ କରୁଥିବାବେଳେ ସେ ଏକ ନୂଆ ପଦକ୍ଷେପ ନେଇଥିଲେ । ସୁନ୍ଦରଗଡ଼ ଜିଲାରେ ବିଦ୍ୟାଳୟରେ ଡ୍ରପ୍ ଆଉଟ୍ ହାର କମାଇବା ପାଇଁ ୨୦୦୫ରେ ବ୍ୟାଙ୍କ ପ୍ରୋତ୍ସାହନରେ ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନଙ୍କ ପାଇଁ ସାଇକେଲ ଯୋଗାଇବାର ବ୍ୟବସ୍ଥା ଆରମ୍ଭ କରିଥିଲେ । ସେତେବେଳେ ଝିଅମାନଙ୍କ ପାଇଁ ବିଦ୍ୟାଳୟକୁ ଯିବା ରାସ୍ତା ଅତ୍ୟନ୍ତ ଦୁର୍ଗମ ଥିଲା, ବିଶେଷ କରି ଅଷ୍ଟମ ଶ୍ରେଣୀ ପରେ ଜନଜାତି ଝିଅମାନେ ବିଦ୍ୟାଳୟ ଛାଡ଼ି ଦେଉଥିଲେ । ଏହାକୁ ନେଇ ସେ ସାଇକେଲ ଯୋଜନା ଆରମ୍ଭ କରିଥିଲେ । ଏହାର ମୁଖ୍ୟ ମନ୍ତ୍ର ଥିଲା ‘ଚଳନଶୀଳତା ହେଉଛି ସଶକ୍ତୀକରଣ’ । ଏହି ସରଳ ପଦକ୍ଷେପ ଯୋଗୁ ଛାତ୍ରୀମାନଙ୍କ ଶିକ୍ଷା ଅବ୍ୟାହତ ରହିଲା ଏବଂ ସେମାନଙ୍କୁ ସମ୍ପୂର୍ଣ୍ଣ ଭାବେ ସଶକ୍ତ କରିଥିଲା । ପରେ ଏହି ଯୋଜନା ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଓଡ଼ିଶାରେ କାର୍ଯ୍ୟକାରୀ କରାଯାଇଥିଲା । ପରବର୍ତ୍ତୀ ସମୟରେ ସେ ‘ଫୁଟବଲ୍ କଲେକ୍ଟର’ ଭାବେ ଜଣାଶୁଣା ଥିଲେ । କାରଣ ସେ ଝାଡ଼ଖଣ୍ଡ ଓ ଛତିଶଗଡ଼ ସୀମାନ୍ତ ଦୂରବର୍ତ୍ତୀ ଗ୍ରାମଗୁଡ଼ିକୁ ଫୁଟବଲ୍ ଓ ହକି ସାମଗ୍ରୀ ବଣ୍ଟନ କରୁଥିଲେ । ଯୁବବର୍ଗଙ୍କୁ ଖେଳ ପାଇଁ ପ୍ରୋତ୍ସାହନ ମିଳୁଥିବାରୁ ସେ ଏହାକୁ ସ୍ୱାଗତ କରୁଥିଲେ ।

## ଆରମ୍ଭ ହେଲା ଶିଶୁ ବାଟିକା ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ

ଭୁବନେଶ୍ୱର: ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆଜିଠାରୁ ବିଦ୍ୟାଳୟ ପ୍ରବେଶ ଉତ୍ସବ, ଖଡ଼ି ଛୁଆଁ ଓ ଶିଶୁ ବାଟିକା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଭୁବନେଶ୍ୱର ବଡ଼ଗଡ଼ ଉଚ୍ଚବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଶୁଭାରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ ପିଲାମାନଙ୍କ ହାତ ଧରି ଚକ୍‌ଖଡ଼ିରେ ବୃତ୍ତ କାଟି ଖଡ଼ିଛୁଆଁ ଆରମ୍ଭ କରିଥିଲେ । ତା’ପରେ ପ୍ରଥମ ଅକ୍ଷର ଭାବେ ‘ମା’ ଲେଖାଇ ଅକ୍ଷର ଶିକ୍ଷା ଆରମ୍ଭ କରାଇଥିଲେ ।ରାଜ୍ୟ ସରକାରଙ୍କ ‘ଓଡ଼ିଆ ପକ୍ଷ’ ପାଳନର ଦ୍ୱିତୀୟ ଦିବସରେ ଆୟୋଜିତ ଏହି ଉତ୍ସବକୁ ସାରା ରାଜ୍ୟରେ ମହାସମାରୋହରେ ପାଳନ କରାଯାଇଥିଲା । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପହଞ୍ଚିବା ପୂର୍ବରୁ କୁନି କୁନି ପିଲାମାନେ ଉତ୍ସାହର ସହ ବିଦ୍ୟାଳୟରେ ପହଞ୍ଚିଥିଲେ । ପ୍ରଥମେ ମୁଖ୍ୟମନ୍ତ୍ରୀ ସ୍କୁଲ ପରିସରରେ ଆୟୋଜିତ ସାକ୍ଷରତା ଶିକ୍ଷଣ ସାମଗ୍ରୀ ଷ୍ଟଲ୍, ସଂଖ୍ୟା ଜ୍ଞାନ ଶିକ୍ଷଣ ସାମଗ୍ରୀ ଷ୍ଟଲ୍, ସୃଜନାତ୍ମକ ଶିକ୍ଷଣ ସାମଗ୍ରୀ ଷ୍ଟଲ୍ ବୁଲି ଦେଖିବା ସହିତ ଶିଶୁ ବାଟିକାରେ ପିଲାଙ୍କ ପଠନ ପ୍ରଣାଳୀ ଅନୁଧ୍ୟାନ କରିଥିଲେ । ବଡ଼ଗଡ଼ ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ଗପ ମାଧ୍ୟମରେ ପିଲାଙ୍କୁ ପାଠ ବୁଝାଉଥିବାରୁ ଏହାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ । ପରେ ମୁଖ୍ୟମନ୍ତ୍ରୀ ପିଲାଙ୍କ ସହିତ ବାର୍ତ୍ତାଳାପ ଆରମ୍ଭ କରିଥିଲେ । ଖୁବ୍ ସହଜ ଭାବରେ ପିଲାଙ୍କ ମା’ଙ୍କ ନାଁ, ବାପାଙ୍କ ନାଁ, କଣ ଖାଇଚ ? ଏମିତି ଅନେକ ପ୍ରଶ୍ନ ପଚାରି ପିଲାଙ୍କ ସହିତ ଭାବଗତ ସମ୍ପର୍କ ଯୋଡ଼ିଥିଲେ । ପିଲାମାନେ ମଧ ଖୁବ୍ ଉତ୍ସାହର ସହିତ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଶିକ୍ଷଣ ସାମଗ୍ରୀ ପ୍ରଦାନ କରିଥିଲେ । ଏହାପରେ ସେ ନବମ ଓ ଦଶମ ଶ୍ରେଣୀ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ପରଷି ଦେଇଥିଲେ । ଏଥିସହ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ-୨୦୨୫ ସଚେତନତା ରଥର ଶୁଭାରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ କହିଲେ, ଛୋଟ ପିଲାଙ୍କ ମାନସିକତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ କରାଯାଇଛି ।



# ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନର ବାର୍ଷିକ ଉତ୍ସବ



କେନ୍ଦ୍ରାପଡ଼ା: ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନର ଊନବିଂଶତମ ବାର୍ଷିକ ବନ୍ଧୁମିଳନ ଓ ପ୍ରତିଭା ସମ୍ମାନ ଉତ୍ସବ ସ୍ଥାନୀୟ ଗୌରୀଶଙ୍କର ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ପୂର୍ଣ୍ଣାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ସାଧାରଣ ସମ୍ପାଦକ ନରୋତ୍ତମ ଜେନା ସଂଯୋଜନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ବରିଷ୍ଠ ସଭ୍ୟ ହେମନ୍ତ କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅତିରିକ୍ତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁସାହିତ୍ୟିକା ଡ. ପ୍ରୀତିପ୍ରତିଭା ଭୋଳ, ବିଶିଷ୍ଟ ଅତିଥି ପ୍ରାକ୍ତନ ପ୍ରାଥମିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ ବ୍ରଜେନ୍ଦ୍ର କୁମାର ପରିଡା, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡା କଲେଜର ପ୍ରାକ୍ତନ ଇଂରାଜୀ ବିଭାଗ ପ୍ରଫେସର ଦୁର୍ଯ୍ୟୋଧନ ପରିଡା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିଶାକର ମୁଦୁଲି, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ଜେନା ଓ ସଂଗଠନର ପ୍ରତିଷ୍ଠାତା ଆବାହକ ମନ୍ମଥ କୁମାର ରାୟ ଯୋଗଦେଇ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସଂଗଠନର ବାର୍ଷିକ ମୁଖପତ୍ର "ସାୟଂପ୍ରଭା"ର ଚତୁର୍ଥ ସଂଖ୍ୟା ଉନ୍ମୋଚିତ ହୋଇଥିଲା । ପୂଜ୍ୟପୂଜାର ସମ୍ମାନ ସ୍ୱରୂପ ବରିଷ୍ଠ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ପରିଦର୍ଶକ ନିଶାକର ମୁଦୁଲି, ବରିଷ୍ଠ ସଭ୍ୟ ଗୌରାଙ୍ଗ ଚରଣ ଶତପଥୀ, ନରେନ୍ଦ୍ର କୁମାର ନାୟକ, ଗୋପୀନାଥ ଦାଶ, ବୃତ୍ତି ଶିକ୍ଷକ ପର୍ଶୁରାମ ପୃଷ୍ଟି, ନୀଳମାଧବ ରାଉତ, ସୁବାଷ ଚନ୍ଦ୍ର ରାଉତ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଈଶ୍ୱର ଚନ୍ଦ୍ର ମନ୍ତ୍ରୀ, ଉପସଭାପତି କୈଳାସ ଚନ୍ଦ୍ର ପଟ୍ଟନାୟକ, ଅନାମ ଚରଣ ସାହୁ, ଦୋଳଗୋବିନ୍ଦ ସାହୁ, କାମପାଳ ଜେନା, ଅକ୍ଷୟ କୁମାର ସ୍ୱାଇଁ, ଦାଶରଥୀ ନାୟକ, ନିରଞ୍ଜନ ପୋଥାଳ, ନିରଞ୍ଜନ ସାମଲ, ସନାତନ ତରାଇ, ନିରଞ୍ଜନ ନାୟକ, କୈଳାସ ଚନ୍ଦ୍ର ସ୍ୱାଇଁ, ସୋମନାଥ ପଢ଼ିହାରୀ, ସଞ୍ଜୟ କୁମାର ଆଚାର୍ଯ୍ୟ, ନରୋତ୍ତମ ବେହେରା, ନରହରି ପାତ୍ର, ତ୍ରୈଲୋକ୍ୟ ସ୍ୱାଇଁ, ଅଜୟ ପରିଡା, ମାଗୁଣି ବିଶ୍ୱାଳ, ନନ୍ଦକିଶୋର ସ୍ୱାଇଁ, ପାବନି କୁମାର ରାଉତ, ବାଉରୀବନ୍ଧୁ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ଭାବଗ୍ରାହୀ କଳା ନିକେତନର କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ପତ୍ରିକା ସମ୍ପାଦକ କାଶୀନାଥ ରାଉତରାୟ, ଦୋଳଗୋବିନ୍ଦ ସାହୁ, ଅନାମ ଚରଣ ସାହୁ ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ।

# ସପ୍ତରଙ୍ଗ ଉତ୍ସବ ଓ ମୃଦୁଗୁଞ୍ଜନ ସମ୍ମାନ

ଭୁବନେଶ୍ୱର: ନୃତ୍ୟାନୁଷ୍ଠାନ 'ମୃଦୁଗୁଞ୍ଜନ' ତରଫରୁ ସୋମବାର ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପଠାରେ ତିନୋଟି ପର୍ଯ୍ୟାୟରେ 'ସପ୍ତରଙ୍ଗ' ନୃତ୍ୟ ଉତ୍ସବ ଓ ମୃଦୁଗୁଞ୍ଜନ ସମ୍ମାନ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୧୦ ଘଟିକାରେ ଉତ୍ସବର ପ୍ରଥମ ପର୍ଯ୍ୟାୟ ଅଧିବେଶନକୁ ବିଶିଷ୍ଟ ନୃତ୍ୟଗୁରୁ ଶ୍ରୀଯୁକ୍ତ ନିରଞ୍ଜନ ରାଉତ ଓ ଗୁରୁ ଶ୍ରୀଯୁକ୍ତ ସନାତନ ନାୟକ ଉଦ୍‌ଘାଟନ କରିଥିଲେ । ମୃଦୁଗୁଞ୍ଜନର ଶିଶୁ କଳାକାରମାନେ ଏହି ପ୍ରାରମ୍ଭିକ ପର୍ଯ୍ୟାୟକୁ ନିଜର ପ୍ରତିଭା ପ୍ରଦର୍ଶନରେ ପ୍ରକମ୍ପିତ କରିଥିଲେ । ଅପରାହ୍ନ ଅଧିବେଶନକୁ ଗୀତିକାର ନିଗମାନନ୍ଦ ମିଶ୍ର, ନୃତ୍ୟଗୁରୁ ଶ୍ରୀମତୀ ମମତା ଶତପଥୀ ସୁରେକାର ଓ ନୃତ୍ୟଗୁରୁ ବ୍ରଜକିଶୋର ମଲ୍ଲିକ ଉଦ୍‌ଘାଟନ କରିଥିଲେ । ବିଭିନ୍ନ ନୃତ୍ୟାନୁଷ୍ଠାନ ମାନଙ୍କରୁ ଆସିଥିବା ଶିଶୁ ଓ କିଶୋରୀ ଶିଳ୍ପୀମାନେ ନିଜର ସୂକ୍ଷ୍ମ କଳା ପ୍ରଦର୍ଶନ କରି ଦର୍ଶକଙ୍କୁ ମୁଗ୍ଧ ବିଭୋର କରିଥିଲେ । ସନ୍ଧ୍ୟା ଅଧିବେଶନକୁ ମୁଖ୍ୟ ଅତିଥି ବିଧାୟକ ବାବୁ ସିଂ,



ନୃତ୍ୟଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, ଶ୍ରୀଯୁକ୍ତ ଏଲ୍.ଏନ୍ ଅଗ୍ରୱାଲ, ସଙ୍ଗୀତ ନାଟକ ଏକାଡ଼େମୀର ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ଆରମ୍ଭ କରିଥିଲେ । ଏହି ଉତ୍ସବରେ ଓଡ଼ିଶାର ପାରମ୍ପରିକ ଲୋକକଳା ଚଇତି ଘୋଡ଼ା ନାଚର ଗୁରୁ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ, ଓଡ଼ିଶୀ ନୃତ୍ୟଗୁରୁ ଡ. ମନୋରଞ୍ଜନ ପ୍ରଧାନ, ନାଟ୍ୟଗୁରୁ ଶ୍ରୀଯୁକ୍ତ ଲାଲା ବୀରେନ ପ୍ରସାଦ ରାୟ, ଓଡ଼ିଶୀ ସଙ୍ଗୀତ ଗୁରୁ ନିମାକାନ୍ତ ରାଉତରାୟ ଓ ମର୍ଦ୍ଦଳ ଗୁରୁ ଶ୍ରୀଯୁକ୍ତ ବିଜୟ କୁମାର ବାରିକଙ୍କୁ ଅନୁଷ୍ଠାନ ତରଫରୁ 'ମୃଦୁଗୁଞ୍ଜନ' ସମ୍ମାନ ପ୍ରଦାନ କରାଯାଇଥିଲା । ସନ୍ଧ୍ୟା ଅଧିବେଶନରେ ରାଜଶ୍ରୀ ପ୍ରହରାଜ ଓ ଗୌରୀଶଙ୍କର ଦାଶ ଏକକ ନୃତ୍ୟ ପରିବେଷଣ କରିଥିଲେ । ଦେବ ନୃତ୍ୟ ପର୍ଯ୍ୟାୟରେ ବିଶ୍ୱଭୂଷଣ ଚମ୍ପତିରାୟ ଓ ଜଗଜ୍ଜିତ ଦାଶ ତାଙ୍କର ଅପୂର୍ବ ନୃତ୍ୟ ପ୍ରଦର୍ଶନରେ ଦର୍ଶକଙ୍କୁ ଚକିତ କରିଥିଲେ । 'ମୃଦୁଗୁଞ୍ଜନ'ର କଳାକାରମାନେ ଗୁରୁ ଶ୍ରୀମତୀ ରାଜଶ୍ରୀ ମହାପାତ୍ରଙ୍କ ସଂଯୋଜନାରେ ଦଳଗତ ନୃତ୍ୟ 'ଦେବୀ' ଓ ପଞ୍ଚଭୂତ ପ୍ରସ୍ତୁତ କରିଥିଲେ । ଗୁରୁ ପତାମ୍ବର ବିଶ୍ୱାଳଙ୍କର ନୃତ୍ୟଶିଳ୍ପୀମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ । ଅନ୍ତିମ ପର୍ଯ୍ୟାୟରେ ମୃଦୁଗୁଞ୍ଜନର କଳାକାରମାନଙ୍କ ସମ୍ବଲପୁରୀ ଲୋକନୃତ୍ୟ ପ୍ରଦର୍ଶନରେ ଦର୍ଶକଙ୍କର ଭବ୍ୟ କରତାଳିରେ ଶେଷ ହୋଇଥିଲା । ଇଂ ଶ୍ରୀନିବାସ ଘଟୁଆରୀ ମଞ୍ଚ ପରିଚାଳନା କରିଥିବା ବେଳେ ମୃଦୁଗୁଞ୍ଜନର ଅଧକ୍ଷା ଡ. ନମିତା କୁମାରୀ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମନ୍ଥନ ପ୍ରଭାବ, ଖବର ପ୍ରକାଶ ପରେ ପୋଲିସର ଚେତା ପଶିଲା, ବିପୁଳ ପରିମାଣର ଚୋରା ମଦ ଜବତ ଜଣେ ଗିରଫ

ବଲଙ୍ଗା: ବଲଙ୍ଗା ଥାନା ଅଞ୍ଚଳରେ ବିପୁଳ ପରିମାଣର ଗଞ୍ଜେଇ ଓ ମାଦକ ଦ୍ରବ୍ୟର ଚୋରା କାରବାର ସମ୍ପର୍କିତ ଖବର ସୋମବାର ମନ୍ଥନରେ ପ୍ରକାଶ ପାଇବା ପରେ ବଲଙ୍ଗାପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଏହି ପରିପୋକ୍ଷରେ ବଲଙ୍ଗା ଥାନା ଅଧିକାରୀ ଦିବ୍ୟରନ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏ.ଏସ.ଆଇ ପ୍ରଶାନ୍ତ କୁମାର ବେହେରା ସଦଳବଳେ ବଲଙ୍ଗା, ନାହମଙ୍ଗ ପାଟଣାଛକ, ନରୁଡା, କମାସାହି, ପାର୍ବତୀପୁର ପ୍ରଭୃତି ଅଞ୍ଚଳରେ ଚଢଉ କରି ୧୦୦ ବୋତଲରୁ ଉର୍ଦ୍ଧ୍ୱ ବିଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛନ୍ତି । ଆଜି ପୋଲିସ ଚଢଉ ବେଳେ ବଲଙ୍ଗା କେନାଲ ରୋଡରେ ଥିବା ଜଣେ ପାନ ଦୋକାନୀ କୈଳାସ ବେହେରା ମଦ ବିକ୍ରି କରୁଥିବାର ସୁରାକ ପୋଲିସକୁ ମିଳିଥିଲା । ଚଢଉ ସମୟରେ ପୋଲିସକୁ ଦେଖି କୈାଳାସ ବେହେରା ମଦ ବୋତଲ ଭର୍ତ୍ତିଥିବା ପାଗ୍ ସହ ଘଟଣା ସ୍ଥଳରୁ ଖସିଯିବାକୁ ଚେଷ୍ଟାକରିଥିଲା । ତେବେ ପୋଲିସ ତାକୁ କାବୁ କରିବାରେ ସକ୍ଷମ ହୋଇଥିଲା ।

# ଛତ୍ରପୁର ସହରରେ ଧୂମଧାମରେ ଇଦ୍ ପାଳିତ



ଛତ୍ରପୁର : ଆଜି ମୁସଲମାନ ଭାଇମାନଙ୍କ ପବିତ୍ର ରାମଜାନ ମାସର ଶେଷ ଦିନ ଆଜିକା ଦିନକୁ ଇଦ୍ ରୁପେ ପାଳନ କରନ୍ତି । ଏହି ପର୍ବ ମୁସଲମାନ ଭାଇମାନଙ୍କ ସବୁଠାରୁ ବଡ ପର୍ବ ଅଟେ । ଏହି ମାସରେ ମୁସଲମାନ ମାନେ ମାସେ ଉପବାସ ବା ରୋକଜା ରଖିଥାନ୍ତି ଏବଂ ମାସ ଶେଷ ଦିନକୁ ବଡ ଧୁମ ଧାମରେ ଇଦ୍ ପାଳନ କରଥାନ୍ତି । ଆଜି ଛତ୍ରପୁର ପୁତିଗୋପାଳପୁର ସ୍ଥିତ ମସଜିଦରେ ଧର୍ମଗରୁ ହାଫିସ୍ ମହମ୍ମଦ ଜମିରଉଦ୍ଦିନଙ୍କ ତତ୍ୱାବଧାନରେ ସକାଳେ ସମୁହ ନମାଜପାଠ କରି ଇଦ୍ ପାଳନ କରିଛନ୍ତି । ଏହି ଅବସରରେ ମୁସଲିମ ଭାଇ ମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକର ଅଭିବାଦନା ମଧ୍ୟ ଜଣାଇଛନ୍ତି । ମୁସଲମାନ ସଂପ୍ରଦାୟର ବିଶ୍ୱାସନୁଯାୟୀ ଏହି ପବିତ୍ର ରାମଜାନ ମାସରେ ଦୀର୍ଘ ଏକ ମାସ ଧରି ରୋଜା ବା ଉପବାସ ପାଳନ କରିଥାନ୍ତି । ଏହାସହ ଗରିବ ଲୋକଙ୍କୁ ବସ୍ତ୍ର ଖାଦ୍ୟ ଓ ବିଭିନ୍ନ ଆର୍ଥିକ ସହାୟତା ମଧ୍ୟ କରିଥାନ୍ତି ଏହା ଦ୍ୱାରା ପୂଣ୍ୟ ଅର୍ଜନ ହୋଇଥାଏ ବୋଲି ମଧ୍ୟ ମୁସଲମାନ ମାନଙ୍କ ବିଶ୍ୱାସ ରହିଛି । ଏହି ପର୍ବ ମୁସଲମାନ ଭାଇ ମାନଙ୍କ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପର୍ବ ଅଟେ ଏହି ଇଦ୍ ପର୍ବକୁ ମୁସଲିମମାନେ ବଡ ଧୁମ୍ ଧାମରେରେ ପାଳନ କରିଥାନ୍ତି । ଏହି ଅବସରରେ ଆଫୋ ଖାନ୍ , ଆଫତାବ୍ ଖାନ, ନାଜର ଖାନ୍, ଇଜୁ ଅମିନ ଖାନ, ଜାକିର ଖାନ୍ , ଇସୁବ୍ ଖାନ, ଫାତୋ ଖାନ , ଆଇବ୍ ଖାନ, ଜଲାଲ ଖାନ୍ , ଆର୍ଶଲାନ ଖାନ୍ , ସିକନ୍ଦର ଖାନ୍, ସଲମାନ ଖାନ ପ୍ରମୁଖ ସମସ୍ତଙ୍କୁ ଇଦ୍ ର ଶୁଭେଚ୍ଛା ଜଣାଇଥିଲେ ।

# କିନ୍ନରମାନଙ୍କ ଉନ୍ନତି ପାଇଁ ସରକାରଙ୍କର ଆନ୍ତରିକତା ନାହିଁ: ପ୍ରତାପ ସାହୁ

ଭୁବନେଶ୍ୱର: ମାର୍ଚ୍ଚ ୩୧ ତାରିଖରେ ସାରା ଦେଶରେ ପାଳିତ ହୋଇଯାଇଛି ଆନ୍ତର୍ଜାତୀୟ ତୃତୀୟଲିଙ୍ଗୀ ଦିବସ । କିନ୍ତୁ ଦୁଃଖ ଓ ପରିତାପର ବିଷୟ କିନ୍ନରମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ । ବିଭିନ୍ନ ପର୍ବପର୍ବାଣୀ ପାଳନ ଓ ପ୍ରମୁଖ ଦିବସରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ନିଜ ନିଜର ବାର୍ତ୍ତା ପ୍ରଦାନ କରୁଥିବା ବେଳେ ଅନ୍ତର୍ଜାତୀୟ ତୃତୀୟଲିଙ୍ଗ ଦିବସ ପାଳନ ଅବସରରେ ନା ରାଜ୍ୟପାଳ, ନା ମୁଖ୍ୟମନ୍ତ୍ରୀ ନା ବିଭାଗୀୟ ମନ୍ତ୍ରୀ, କାହାର ବାର୍ତ୍ତାଟିଏ ନାହିଁ ବୋଲି ତୃତୀୟଲିଙ୍ଗୀ ରାଜ୍ୟସ୍ତରୀୟ ପ୍ରତିନିଧି କମିଟିର ପୂର୍ବତନ ଅଧ୍ୟକ୍ଷ ପ୍ରତାପ ସାହୁ କ୍ଷୋଭ ପ୍ରକାଶ କରିଛନ୍ତି । ଶ୍ରୀଯୁକ୍ତ ସାହୁ ଦର୍ଶାଇଛନ୍ତି ଯେ, ବିଜେପି ସରକାର ଲୋକଙ୍କ ସରକାର କହି ଡିଣ୍ଡିମ ପିଟୁଥିବା ବେଳେ କିନ୍ନରମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ କୌଣସି ଆନ୍ତରିକତା ନାହିଁ କିମ୍ବା ରାଜ୍ୟରେ ତୃତୀୟଲିଙ୍ଗୀ ୱେଲଫେୟାର ବୋର୍ଡ଼ ଗଠନ କରିନାହାଁନ୍ତି । ଫଳରେ କିନ୍ନରମାନେ ବିଭିନ୍ନ ଲୋକଙ୍କ ଠାରୁ ଟାହି ଟାପରା ଶୁଣି ନିଜକୁ ଅସହାୟ ମନେ କରି ଓଡ଼ିଶାରେ ଥିବା ୩୦ ହଜାରରୁ ଉର୍ଦ୍ଧ୍ୱ




କିନ୍ନର ସମାଜରୁ ବାହାରି ଆସି ରେଲ୍‌ୱେ ଷ୍ଟେସନ, ଫୁଟ୍‌ପାଥରେ ରହୁଛନ୍ତି ଓ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେନ୍ଦ୍ର ସରକାର ଅମ୍ବ୍ରେଲା ଯୋଜନାରେ କିନ୍ନରମାନଙ୍କ ଉନ୍ନତି ପାଇଁ ହାତ ବଢାଇଥିବା ବେଳେ ରାଜ୍ୟ ସରକାରଙ୍କ ଉଦାସୀନତା ମନୋଭାବକୁ ନେଇ ଶ୍ରୀ ସାହୁ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସେ ଦାବି କରିଛନ୍ତି ଯେ, ଅନ୍ତର୍ଜାତୀୟ ତୃତୀଲିଙ୍ଗି ଦିବସରେ କିନ୍ନରମାନଙ୍କ ପାଇଁ ରାଜ୍ୟ ସରକାର ବାର୍ତ୍ତା ପ୍ରଦାନ କରିବା ସହିତ ତୃତୀୟଲିଙ୍ଗି ୱେଲଫେୟାର ବୋର୍ଡ଼ ଗଠନ କରିବା, ଓଡ଼ିଶାରେ ଥିବା କିନ୍ନରମାନେ ଭୂମିହୀନ ହୋଇଥିବାରୁ ସେମାନଙ୍କୁ ପଟ୍ଟା ଯୋଗାଇଦେବା, ସମସ୍ତ କିନ୍ନରମାନଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ୍ କରିବା ଓ ଭତ୍ତା ପ୍ରଦାନ କରିବା, କିନ୍ନରମାନଙ୍କ ପାଇଁ ପ୍ରତ୍ୟେକ ରାଜନୈତିକ କ୍ଷେତ୍ରରେ / ସରକାରୀ ଓ ବେସରକାରୀ ଚାକିରି କ୍ଷେତ୍ରରେ ୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା ଏବଂ କିନ୍ନରମାନଙ୍କ ପାଇଁ ସ୍ୱତନ୍ତ୍ର ଟଏଲେଟ୍ ନିର୍ମାଣ କରିବା, ପ୍ରତ୍ୟେକ ସରକାରୀ ଓ ବେସରକାରୀ ବସ୍‌ଗୁଡ଼ିକରେ ସିଟ୍ ସଂରକ୍ଷଣ କଲେ ରାଜ୍ୟରେ ଥିବା କିନ୍ନରମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବା ସହିତ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଶ୍ରୀ ସାହୁ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ।

# ବରିଷ୍ଠ ଶିକ୍ଷକ ପ୍ରଦୀପ ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଡେଲାଙ୍ଗ: ଡେଲାଙ୍ଗ ବ୍ଲକ ରେଞ୍ଚ ପଞ୍ଚାୟତ ଅନ୍ତର୍ଗତ ବାନାମ୍ବର ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷକ ପ୍ରଦୀପ କୁମାର ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଆନୁକୁଲ୍ୟରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦିଗମ୍ବର ରଥଙ୍କ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥୀଭାବେ ସହ ଶିକ୍ଷାଧିକାରୀ ସଂଯୁକ୍ତା ମିଶ୍ର , ସମ୍ମାନିତ ଅତିଥୀଭାବେ ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡା,ଜି ଉଦୟଗିରି ଏବିଇଓ ଛାଟୋଇ ମୋତିଲାଲ ରାୟ, ବରିଷ୍ଠ ଶିକ୍ଷକ ରମେଶଚନ୍ଦ୍ର ପ୍ରଧାନ, ଶିକ୍ଷାବିତ ଭୁବନେଶ୍ୱର ସ୍ୱାଇଁ, ନରସିଂହ ହୋତା, ବିଭୂତିଭୁଷଣ ହୋତା, ପରିଚାଳନା କମିଟି ସଭାପତି ଦିବାକର ମହାପାତ୍ର, ଶିକ୍ଷକ ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ପ୍ରତି ଥିବା ପ୍ରଦୀପ ସାରଙ୍କ ଅତୁଳନୀୟ ଅବଦାନକୁ ଭୂୟଂସୀ ପ୍ରଶଂସା କରିଥିଲେ ।

# ବିଛିନ୍ନାଞ୍ଚଳରେ ଓଡିଆ ଶିକ୍ଷା ପ୍ରସାର କାର୍ଯ୍ୟକ୍ରମକୁ ସରକାରୀ ଅବହେଳା



ଜଳେଶ୍ୱର,(ନିପ୍ର): ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମୟରେ ଓଡ଼ିଶାର ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ,ଝାଡ଼ଖଣ୍ଡ,ଛତିଶଗଡ ଓ ଆନ୍ଧ୍ରପ୍ରଦେଶ ପ୍ରଭୃତି ଏହି ୪ ଟି ରାଜ୍ୟରେ ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ରହିଗଲା ।ଏସବୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ବିଛିନ୍ନାଞ୍ଚଳ କୁହାଯାଉଥିବା ବେଳେ ଏହାର ଜନସଂଖ୍ୟା ଏବେ ଅଢେଇ କୋଟିରେ ପହଞ୍ଚିଛି ।ତେବେ ଏସବୁ ବିଛିନ୍ନାଞ୍ଚଳରେ ରହୁଥିବା ଏହି ଅଢେଇ କୋଟି ଓଡ଼ିଆଙ୍କ ଓଡ଼ିଶା ପ୍ରୀତିକୁ ସମ୍ମାନ ଦେବା ପାଇଁ ଉତ୍କଳ ସମ୍ମିଳନୀ ନିରନ୍ତର ଭାବେ କାର୍ଯ୍ୟ କରୁଛି । ବିଶେଷ କରି ଏହି ବିଛିନ୍ନାଞ୍ଚଳ ମାନଙ୍କ ରେ ଓଡ଼ିଆ ଭାଷାର ପ୍ରଚାର ଓ ଶିକ୍ଷାର ପ୍ରସାର ପାଇଁ ୨୦୧୧ ମସିହାରୁ ଓଡିଶା ସରକାରଙ୍କ ସହାୟତାରେ ଓ ଉତ୍କଳ ସମ୍ମିଳନୀ ସହଯୋଗରେ ୬୫୦ ଟି ଚାଟଶାଳୀ ଓ ବିଦ୍ୟାଳୟ କାର୍ଯ୍ୟ କରୁଛି ।ଏସବୁ ଚାଟଶାଳୀ ଓ ବିଦ୍ୟାଳୟ ମାନଙ୍କରେ ୬୫୦ ରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ସ୍ୱଳ୍ପ ଦରମାରେ ଓଡିଆ ଶିକ୍ଷାଦାନକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ବେଳେ ୨୦୨୪-୨୫ ଶିକ୍ଷା ବର୍ଷରେ ସେମାନଙ୍କୁ ସେମାନଙ୍କର ପ୍ରାପ୍ୟ ନମିଳିବା ବିଛିନ୍ନାଞ୍ଚଳ ପ୍ରତି ସରକାର ଙ୍କ ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିବରଣୀରୁ ପ୍ରକାଶ ଯେ ଏହି ୬୫୦ ଟି ଚାଟଶାଳୀ ଓ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ରାଜ୍ୟ ସରକାର ମାସିକ ଦରମା ହିସାବରେ ୩ ହଜାର ଟଙ୍କା ପ୍ରଦାନ କରିଥାନ୍ତି । କିନ୍ତୁ ବିଗତ ଦିନରେ ରାଜ୍ୟରେ ଶାସନ କରୁଥିବା ବିଜେଡି ସରକାର ଏହି ଦରମାକୁ ୪୫୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ଘୋଷଣା କରିବା ସହ ଆଇନଗତ ଭାବେ ମଧ୍ୟ ଏ ନେଇ ପଦକ୍ଷେପ ନେଇଥିଲେ ।କିନ୍ତୁ ଏହା କାର୍ଯ୍ୟକାରୀ ହେବା ପୂର୍ବରୁ ରାଜ୍ୟରେ ସରକାର ବଦଳିଗଲା । ତଥାପି ବିଗତ ସରକାର ଏହି ଦରମାକୁ ନେଇ ଆଇନଗତ ବ୍ୟବସ୍ଥା କରିଥିବାରୁ ବିଛିନ୍ନାଞ୍ଚଳରେ ଚାଟଶାଳୀ ଓ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କରୁଥିବା ଉତ୍କଳ ସମ୍ମିଳନୀ ସେମାନଙ୍କ ବର୍ଦ୍ଧିତ ଦରମା ଚଳିତ ଆର୍ଥିକ ବର୍ଷରେ ମିଳିଯିବ ବୋଲି ଆଶା ବାନ୍ଧିଥିଲେ ।କିନ୍ତୁ ଆଶ୍ଚର୍ଯ୍ୟର କଥା ୨୦୨୪-୨୫ ଶିକ୍ଷା ବର୍ଷ ଶେଷ ହେବାକୁ ଆଉ ମାତ୍ର କିଛି ଘଣ୍ଟା ବାକିଥିବା ବେଳେ ଅଦ୍ୟାବଧି ସେମାନଙ୍କୁ ପ୍ରାପ୍ୟ ମିଳିନାହିଁ ।ଏହା ବ୍ୟତୀତ ଗତ ଝାଡ଼ଖଣ୍ଡରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ସମୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବିଛିନ୍ନାଞ୍ଚଳରେ ଅନୁଷ୍ଠିତ ଏକ ନିର୍ବାଚନୀ ସଭାରେ ଯୋଗଦେଇ ଉକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦରମା ୬ ହଜାର ଟଙ୍କାକୁ ବୃଦ୍ଧି କରିବେ ବୋଲି କହିଥିଲେ । ଝାଡ଼ଖଣ୍ଡରେ ନିର୍ବାଚନକୁ ବେଶ କିଛି ମାସ ଅତିକ୍ରାନ୍ତ ହୋଇ ଯାଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଘୋଷଣାରେ ହିଁ ରହିଯାଇଛି । ଏହାପୂର୍ବରୁ ଅନୁରୂପ ଭାବେ ୨୦୨୧-୨୨ ଶିକ୍ଷା ବର୍ଷରେ ମଧ୍ୟ କୋଭିଡ୍ ବାହାନା ଦେଖାଇ ସରକାର ଏହି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସେମାନଙ୍କ ପ୍ରାପ୍ୟ ଦେଇନଥିଲେ ।ବିଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ସହ ଏହାର ଟେକ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏହି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଏପରି ଆଚରଣ ସେମାନଙ୍କୁ ନିରାଶ କରିଛି ବୋଲି ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଓ ପଶ୍ଚିମ ମେଦିନୀପୁର ପ୍ରଭୃତି ବିଛିନ୍ନାଞ୍ଚଳରେ ପରିଦର୍ଶକ ଭାବେ କାର୍ଯ୍ୟ କରୁଥିବା ସୁବାସ ବେହେରା କହିଛନ୍ତି।

# ପିପିଲିରେ ଷୋଡଶ ଜାଗୃତି ମହୋତ୍ସବ-୨୦୨୫ ଉଦଘାଟିତ





ପିପିଲି: ପିପିଲିରେ ରାଷ୍ଟ୍ରୀୟ ନବ ବର୍ଷର ପାଳନ ଉପଲକ୍ଷେ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ପିପିଲି ବଜାର ମେଳଣ ପଡିଆରେ ତ୍ରିଦିବସୀୟ ଷୋଡଶ ଜାଗୃତି ମହୋତ୍ସବ ୨୦୨୫ ଉଦଘାଟିତ ହୋଇଯାଇଛି । ଜାଗୃତି ସଂଗଠନର ସଭାପତି ତଥା ସାମ୍ବାଦିକ ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବ ସଭାରେ ମୁଖ୍ୟ ଅତିଥି ଭାବେ ପୁରୀ ଲୋକସଭା ସାଂସଦ ଡକ୍ଟର ସମ୍ବିତ ପାତ୍ର, ସମ୍ମାନିତ ଅତିଥ ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଭାରତୀୟ ନୂଆବର୍ଷର ମହତ୍ତ୍ୱ ପାଳନକୁ ଜାଗୃତି ସଙ୍ଗଠନ ପଦକ୍ଷେପ ପାଇଁ ଭୂରିଭୂରି ପ୍ରଂଶସା କରିଥିଲେ । ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପୁର୍ବ ଓଡ଼ିଶା ସହପ୍ରାନ୍ତ ପ୍ରଚାରକ ଶ୍ରୀମାନ ଅସିତ କୁମାର ସାହୁ ଯୋଗ ଦେଇ ଭାରତୀୟ ନବବର୍ଷର ସଂସ୍କୃତି ପରମ୍ପରାର



ବିଭିନ୍ନ ଦୃଷ୍ଟିକୋଣରୁ ପ୍ରମାଣିତ ମନ୍ତବ୍ୟ ପ୍ରଦାନ କରିବା ସହିତ ଏହି ଉତ୍ସବକୁ ବହୁ ପ୍ରଶଂସା କରିଥିଲେ । ବିଶ୍ୱରେ ଭାରତୀୟ ସଂସ୍କୃତି ଉଚ୍ଚତର ମାନବୀୟ ମୂଲ୍ୟବୋଧ ପ୍ରତିଷ୍ଠା କରିଛି ବୋଲି ବକ୍ତା ମାନେ ମତ ପ୍ରକାଶ କରିଥିଲେ । ମହୋତ୍ସବ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଅଧ୍ୟାପକ ଡଃ. ସଚ୍ଚୀକାନ୍ତ ନାୟକ , ଉପଦେଷ୍ଟା ମଣ୍ଡଳୀ ଇଂ ରମେଶ ସତପଥୀ, ବାମଦେବ ମିଶ୍ର , ନଟବର ବିଶ୍ୱାଳ, ରଘୁନାଥ ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ କୃଷକ ରତ୍ନ ସମ୍ମାନ ୮୫ ବର୍ଷ ବୟସ୍କ ନାରାୟଣ ସାମନ୍ତରାୟଙ୍କୁ ସମ୍ମାନିତ କରାଯାଇଥିଲା । କଣ୍ଠଶିଳ୍ପୀ ବସନ୍ତ ପାତ୍ର, ସିନେ ସାମ୍ବାଦିକ ଶ୍ରୀରାମ ରଥେ, ଅଭିନେତ୍ରୀ ଦୀପା ମିଶ୍ର, ଯୁବ ସମାଜସେବୀ ଚିତ୍ତରଞ୍ଜନ ନାୟକ , ଯୁବ ଉଦ୍ୟୋଗପତି ଏନ ଗଙ୍ଗାଧର ରେଡ୍ଡୀଙ୍କୁ ଜାଗୃତି ସମ୍ମାନ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ଓଡିଶୀ, ସମ୍ବଲପୁରୀ , ଆଦିବାସୀ ଓ ଘୁଡୁକା ନୃତ୍ୟ ଏବଂ ଭକ୍ତି ସଙ୍ଗୀତ ପରିବେଷଣ ହୋଇଥିଲା । କଳାକାର ମାନଙ୍କ ଦ୍ୱାରା ଜାଗୃତି ନୃତ୍ୟାଞ୍ଜଳି ପରିବେଷଣ ହଜାର ହଜାର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲ । । ପ୍ରିୟଙ୍କା ପ୍ରୀୟଦର୍ଶିନି ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜନତା ପ୍ରଶ୍ନ ମଞ୍ଚ ବାପୁ ବେହେରା ପରିଚାଳନା କରିଥିଲା ବେଳେ ସଂଗଠନର ସାଧାରଣ ସଂପାଦକ ବିଭୁନି ଚନ୍ଦ୍ର ସାମନ୍ତରାୟ, ଉପସଭାପତି ମନୋଜ ପ୍ରଧାନ, କୋଷାଧ୍ୟକ୍ଷ ସୁରେନ୍ଦ୍ର ମହାପାତ୍ର, ସହ ସମ୍ପାଦକ ବିକାଶ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ମୁନୁ ଅଗ୍ରୱାଲ, ପ୍ରଫୁଲ୍ଲ ସାହୁ, ଗୌରାଙ୍ଗ ଷଡ଼ଙ୍ଗୀ, ସମ୍ପଦ ମହାପାତ୍ର, ପ୍ରିତମ ବେହେରା ,ଗଜେନ୍ଦ୍ର ବେହେରା, ସୌମ୍ୟରଞ୍ଜନ ବେହେରାଙ୍କ ସହ ଜାଗୃତି ସଂଗଠନର ସମସ୍ତ ସଭ୍ୟ ସଭ୍ୟା ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସଂପାଦକୀୟ

# ଦଳ ବଦଳ ଓ ଆଇନ

ରାଜନୀତିରେ ଦଳବଦଳକୁ ନିଷିଦ୍ଧ କରିବା ଲାଗି ଗତ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଦେଶରେ 'ଦଳବଦଳ' ନିରୋଧ ଆଇନ ବଳବତର ଥିବା ସତ୍ତ୍ୱେ ନିକଟ ଅତୀତ ବର୍ଷଗୁଡିକରେ ସାଧାରଣ ଜୀବନର ବିଧାନସଭାଗୁଡିକରେ ଦଳ ପରିବର୍ତନ ପ୍ରସଙ୍ଗ ସମସ୍ୟା ବହୁଳ ଭାବେ ଉଭା ହୋଇଥିବା କୁହାଯାଇପାରେ। ଦଳବଦଳ ନିରୋଧ ଆଇନରେ ଦଳତ୍ୟାଗୀ ଲୋକପ୍ରତିମାନଙ୍କ ସଭ୍ୟପଦ ରଦ୍ଦ ବା ସେମାନଙ୍କୁ ଯୋଗ୍ୟ ଘୋଷଣା କରିବା ଲାଗି ବିଧାନସଭା ହେଉ ଲୋକସଭାର ବାଚସ୍ପତି ଏବଂ ରାଜ୍ୟସଭା ଓ ବିଧାନ ପରିଷଦର ଅଧ୍ୟକ୍ଷ ତଥା ପ୍ରିଜାଇଡିଙ୍ଗ ଅଧିକାରୀଙ୍କ ଉପରେ କ୍ଷମା ନ୍ୟସ୍ତ କରାଯାଇଥିବା ସତ୍ତ୍ୱେ ବର୍ଷ ବର୍ଷ ଧରି ବାଚସ୍ପତି କିମ୍ବା ପ୍ରିଜାଇଡିଙ୍ଗ ଅଧିକାରୀମାନେ କୌଣସି ନିର୍ଣ୍ଣାୟକ ନିଷ୍ପତି ନନେବା ଯୋଗୁଁ ଦଳବଦଳ ନିରୋଧ ଆଇନ ଏକ ପ୍ରକାର ମୃତ ବୋଲି କହିଲେ ଭୁଲ ହୋଇନପାରେ। ଅନ୍ୟପକ୍ଷରେ ନିର୍ଣ୍ଣାୟକ ନିଷ୍ପତି ନେବାରେ ବାଚସ୍ପତିମାନଙ୍କର ଅହେତୁକ ବିଳମ୍ବ ଏବଂ ଆଇନରେ ଥିବା ତୃଟି ଯୋଗୁଁ ବିରୋଧି ଦଳଗୁଡିକୁ ଭାଙ୍ଗିବାରେ ଶାସକ ଦଳର ଏହା ଏକ ଆୟୁଦ୍ଧ ହୋଇଥିବା ମନେହୁଏ। ବିଧାନସଭା ବା ଲୋକସଭାର ବାଚସ୍ପତି ଶାସକ ଦଳରୁ ନିର୍ବାଚିତ ହୋଇଥିବାବେଳେ ନିରପେକ୍ଷ ଭାବେ କାର୍ଯ୍ୟ କରିବା ସମ୍ବିଧାନର ନିର୍ଦ୍ଦେଶ ରହିଛି। କିନ୍ତୁ ବାଚସ୍ପତିମାନଙ୍କ ଆଚରଣ ଓ ଉଚ୍ଚାରଣ ଦଳୀୟ ଭିତିରେ ହୋଇଥିବା କହିଲେ ହୁଏତ ଅତିରଂଜିତ ହୋଇନପାରେ। ଯାହାର ସୁଯୋଗ ନେଇ ଶାସକ ଦଳ ବିଶେଷ କରି ବିଜେପି ବୈଧାନିକ ସମର୍ଥନ ପାଇଁ ଦଳବଦଳକୁ ଉତ୍ସାହିତ କରିଆସୁଛି। ବିଲ୍ ଉପରେ ସମର୍ଥନ ହେଉ ବା ବିରୋଧି ଦଳ ସରକାରର ପତନ ଘଟଣା ନିଜେ ସରକାର ଗଢିବା ବିଜେପିର କାମ କରିବାର ଢଙ୍ଗ(ମୋଡୁସ୍ ଅପରେଣ୍ଡି)ରେ ପରିଣତ ହୋଇଛି। ପ୍ରଥମେ ୨୦୧୦ ମସିହାରେ ବିରୋଧି ଦଳରେ ଦଳବଦଳ ମାଧ୍ୟମରେ ମଣିପୁରରେ ସରକାର ଗଢିଥିବା ବେଳେ ପରେ ଗୋଆରେ ଏବଂ ମହାରାଷ୍ଟ୍ରରେ ସରକାର ଗଢିବାରେ ସମର୍ଥ ହୋଇଥିଲା। ଦଳବଦଳକାରୀ ବିଧାୟକମାନଙ୍କୁ ଆଇନ ଅନୁଯାୟୀ ଅଯୋଗ୍ୟ ଘୋଷଣା କରିବା ପାଇଁ ବିରୋଧି ଦଳ ପିଟିସନ ଦାୟର କରିଥିଲେ ମଧ୍ୟ ବର୍ଷ ବର୍ଷ ଧରି ତାହାକୁ ବାଚସ୍ପତି ଛପାଇ ରଖିଥିଲେ। ଏପରିକି କେତେକ ଦଳତ୍ୟାଗୀ ମନ୍ତ୍ରୀ ଭାବେ ଶପଥ ମଧ୍ୟ କରିଥିଲେ। ଆହୁରି ମଧ୍ୟ ନିର୍ବାଚନ ପରେ ଶାସକ ଦଳ ଦଳବଦଳକୁ ଉତ୍ସାହିତ କରି ବିରୋଧି ଦଳରେ ସମୁହ ଦଳବଦଳ ଘଟାଇବା ଦେଖାଯାଏ। ଯାହାକି ଗଣତନ୍ତ୍ର ପ୍ରତି ଉପହାସ ବ୍ୟତୀତ ଅନ୍ୟ କିଛି ନୁହେଁ। ଏବେ ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ତେଲେଙ୍ଗାନା। କହିବା ବାହୁଲ୍ୟ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ଭାରତ ରାଷ୍ଟ୍ର ସମିତି (ବିଆରଏସ)ର ୧୦ଜଣ ବିଧାୟକ କଂଗ୍ରେସକୁ ଦଳବଦଳ କରିବା ପରେ ସେମାନଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ପିଟିସନ ଗତ ବର୍ଷ ମାର୍ଚ୍ଚ-ଏପ୍ରିଲ ମାସରେ ବିଧାନସଭାର ବାଚସ୍ପତିଙ୍କ ନିକଟରେ କରାଯାଇଥିବାବେଳେ ଗତ ଜାନୁୟାରୀ ମାସରେ ବାଚସ୍ପତି କେବଳ ବିବରଣୀ ପ୍ରଦାନ କରିଥିଲେ। ଏହି ମାମଲାରେ ବାଚସ୍ପତିଙ୍କ ଦ୍ୱାରା ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଆରଏସ ପକ୍ଷରୁ ଦାୟର ଏକ ପିଟିସନ ଉପରେ ସୁପ୍ରିମକୋର୍ଟର ବିଚାରପତି ବି.ଆର ଗଭାଇ କହିଥିଲେ ଯେ, କିପରି ମାମଲାର ନିଷ୍ପତି କରିବେ, ସେ ନେଇ ବାଚସ୍ପତିଙ୍କୁ ଅଦାଲତ କହିପାରିବେ ନାହିଁ। କିନ୍ତୁ ନିର୍ଦ୍ଦିଷ୍ଟ ନ୍ୟାୟା ସଂଗତ ସମୟ ମଧ୍ୟରେ ମାମଲାରେ ନିଷ୍ପତି ନେବାକୁ ଅଦାଲତ କହିପାରିବେ, ଯାହାକି ଯୁକ୍ତିଯୁକ୍ତ। ଯଦି ବାଚସ୍ପତିଙ୍କ ନିଷ୍ପତି ଅମୀମାଂସିତ ରହେ, ତେବେ ଏହା ଉପରେ ନିଷ୍ପତି ନେବାକୁ ଅଦାଲତ କ୍ଷମତାସୀନ ନୁହଁନ୍ତି। ଉଲ୍ଲେଖଯୋଗ୍ୟ ଯେ, ସୁପ୍ରିମକୋର୍ଟର ପାଂଚ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଗତ ୨୦୨୩ ମେ' ମାସରେ ଦଳବଦଳ ଉପରେ ବାଚସ୍ପତିଙ୍କ ନିରପେକ୍ଷ ଏବଂ ଔଚିତ୍ୟ ନିଷ୍ପତି ଉପରେ ଆସ୍ଥା ପ୍ରକଟ କରିଥିଲେ। ୨୦୨୩ ଅକ୍ଟୋବରରେ ଖଣ୍ଡପୀଠ ମହାରାଷ୍ଟ୍ର ଦଳବଦଳ ମାମଲାରେ ବାଚସ୍ପତିଙ୍କ ପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଘଂଟ ଧାର୍ଯ୍ୟ କରିଥିଲେ। ଆହୁରି ମଧ୍ୟ ୨୦୨୦ରେ ସୁପ୍ରିମକୋର୍ଟ ଦଳବଦଳ ନିରୋଧ ଆଇନ ଅନୁସାରେ ଦଳତ୍ୟାଗୀଙ୍କ ସଭ୍ୟପଦ ରଦ୍ଦ କରାଯିବା ଉଚିତ୍ କି ନୁହେଁ କିମ୍ବା ବାଚସ୍ପତିଙ୍କ ଉପରେ ନ୍ୟସ୍ତ ଅଖଣ୍ଡ କ୍ଷମତା ପ୍ରତ୍ୟାହାର ପାଇଁ ପାର୍ଲିଆମେଂଟ ସମ୍ବିଧାନ ସଂଶୋଧନ କରିବାକୁ ପରାମର୍ଶ ଦେଇଥିଲେ। ଇତିମଧ୍ୟରେ ଦୀର୍ଘ ପାଂଚ ବର୍ଷରୁ ଅଧିକ ସମୟ ପୁରି ଯାଇଥିବାବେଳେ ପାର୍ଲିଆମେଂଟ କୌଣସି ପଦକ୍ଷେପ ଗ୍ରହଣ କରିବରେ ବିଫଳ ରହିଛି। ଅନ୍ୟପକ୍ଷରେ ବାଚସ୍ପତିମାନେ ନ୍ୟାୟା ସଂଗତ ସମୟ ମଧ୍ୟରେ କୌଣସି ନିଷ୍ପତି ନନେବା ଯୋଗୁଁ କେବଳ ଦଳତ୍ୟାଗୀଙ୍କ ସଂଖ୍ୟା ବଢୁନାହିଁ, ତଦ୍ଜନିତ ସମସ୍ୟା ମଧ୍ୟ ବଢିଚାଲିଛି। ଏହା ନିଃସନ୍ଦେହ ଯେ, ଦେଶରେ ସ୍ୱାର୍ଥାନ୍ଧ, ସୁବିଧାବାଦୀ ଲୋକପ୍ରତିନିଧିଙ୍କୁ ନିୟନ୍ତ୍ରଣ କରିବା ପାଇଁ ମହତ ଉଦ୍ଦେଶ୍ୟରେ ଅଶୀ ଦଶକରେ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସରକାର ଦଳବଦଳ ନିରୋଧ ଆଇନ ପ୍ରଣୟନ କରିଥିଲେ। ଦଳବଦଳକାରୀଙ୍କୁ ନିୟନ୍ତ୍ରଣ କରିବା ଏବେ ବି ଅମୀମାଂସିତ ରହିଛି। କିନ୍ତୁ ଏହା ନିଶ୍ଚିତ ଯେ, ଯେଉଁଦିନ ଭୋଟଦାତା ଏହି ସୁବିଧାବାଦୀ ଲୋକପ୍ରତିନିଧିଙ୍କୁ ଦଣ୍ଡ ଦେବେ, ସେବେ ଏହାର ଅନ୍ତ ଘଟିବ।

## ପରିବାରର ପ୍ରତିଟି ସଦସ୍ୟଙ୍କୁ ମିଳିବ ଗୋଟିଏ ଲେଖାଏ ଆୟୁଷ୍ମାନ କାର୍ଡ

ଭୁବନେଶ୍ୱର: ରାଜ୍ୟର ସାଢ଼େ ୩ କୋଟି ଲୋକଙ୍କୁ ଆୟୁଷ୍ମାନ କାର୍ଡ ମିଳିବ। ୧ କୋଟି ୩ ଲକ୍ଷ ପରିବାରକୁ ଯୋଜନାରେ ସାମିଲ କରାଯିବ। ପୂର୍ବରୁ ପ୍ରତି ପରିବାରକୁ ଗୋଟିଏ କାର୍ଡ ମିଳିଥିଲା। କିନ୍ତୁ ନୂଆ ଯୋଜନାରେ ପ୍ରତି ସଦସ୍ୟଙ୍କୁ ଗୋଟିଏ ଲେଖାଏ କାର୍ଡ ମିଳିବ। ପୂର୍ବରୁ କେବଳ ୯୦୦ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ମିଳୁଥିଲା ଏବେ ଦେଶର ୨୯ ହଜାରରୁ ଅଧିକ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି।

ପ୍ରକାଶ ଥାଉ କି, କଟକ ବାଲିଯାତ୍ରା ପଡ଼ିଆରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ ହେବ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ. ପି. ନଡ୍ଡା ଯୋଗ ଦେବେ।

# ବ୍ଲାକ୍ ଡାଏମଣ୍ଡ – କଳା ହୀରା– ୧

**ପଙ୍କଜ କୁମାର ପାଣିଗ୍ରାହୀ**

କଳା ହୀରା ବିଷୟରେ କିଂଚିତ କେହି ପଦେ ଅଧେ ଶୁଣି ଥିବେ, କି'ନ୍ତୁ ସମସ୍ତେ ପ୍ରାୟତଃ ତା ବିଷୟରେ ସବିଶେଷ ଜ୍ଞାନ ପାଇନଥିବେ। ଆଣବିକ ଗଠନର ସାମଞ୍ଜସ୍ୟ ତଥା ରତ୍ନ ହୀରା ଏବଂ କଳା ହୀରା ମଧ୍ୟରେ ରହିଥିବା ପ୍ରାକୃତିକ ଗଠନ ପ୍ରଣାଳୀରେ ସମାନ୍ତରାଳ ସରଂଚନା ହେତୁ ଅଙ୍ଗାରକୁ ବ୍ଲାକ୍ ଡାଏମଣ୍ଡ ବା କଳା ହୀରା ବୋଲି କୁହାଯାଏ। ଯାହା ହେଉ ବର୍ତ୍ତମାନ ଏଠାରେ ଆମେ ତା'ର ବୈଜ୍ଞାନିକ ବିଶ୍ଳେଷଣ କରିବା ନାହିଁ। ହେଲେ ରତ୍ନ ହୀରାର ବଜାରରେ ଅତୀବ ବିରଳ ତଥା ତା'ର ବଜାର ମୂଲ୍ୟ ଏତେ ଅଧିକ ଯେ ତାହା କିଣିବା ତ ବହୁତ ଦୂର, ଦେଖିବାକୁ ମଧ୍ୟ ସ୍ୱପ୍ନ। ରତ୍ନ ହୀରା ସହିତ ଗଠନରେ ସମାନ୍ତରାଳ ରହିଥିବା କଳା ହୀରା ବା ଅଙ୍ଗାର / କୋଇଲା ଠିକ ତା'ର ବିପରୀତ ସ୍ଥାନରେ ରହିଥାଏ ଯେ ତା'ର ବଜାର ମୂଲ୍ୟ ଅତି ନଗଣ୍ୟ ଏବଂ ତାକୁ ଦେଖିବାକୁ ମଧ୍ୟ କେହି ଚାହାଁନ୍ତି ନାହିଁ ! ସବୁଠାରୁ ଆକର୍ଷଣୀୟ ବିଷୟ ହେଉଛି ଯେ ସାଧାରଣ ମଣିଷ ସେହି କଳା ହୀରା କୁ ଅଙ୍ଗାର ବୋଲି ଜାଣିନଥିଲେ ମଧ୍ୟ ବ୍ଲାକ୍ ଡାଇମଣ୍ଡ ବୋଲି ଆକ୍ଷରିକ ଉଚ୍ଚାରଣରେ ଡାଇମଣ୍ଡ ଅର୍ଥାତ ହୀରା ବୋଲି ଶବ୍ଦଟିଏ ରହିଥିବା ହେତୁ ତାହା ନିଶ୍ଚିତ କିଛି ଗୋଟେ ମୂଲ୍ୟବାନ ପଦାର୍ଥ ହୋଇଥିବ ବୋଲି ଭାବୁଥିବା କୌଣସି ଆଶ୍ଚର୍ଯ୍ୟ ବିଷୟ ନୁହେଁ ଆମ ଦେଶରେ। ତେଣୁ କେତେକ ବ୍ୟବସାୟୀକ କ୍ଷେତ୍ରରେ ବ୍ଲାକ୍ ଡାଇମଣ୍ଡ ଶବ୍ଦ ବ୍ୟବହାର କରି ଲୋକଙ୍କୁ ଭୁଆଁ ବୁଲାଇ ବ୍ୟବସାୟ କରୁଛନ୍ତି କେତେକ କମ୍ପାନୀ। ଆମ ଦେଶର ଲୋକଙ୍କ କୌଣସି ବିଷୟରେ ତର୍ଜମା ଜ୍ଞାନ ରହିନଥିବା କାରଣରୁ ଯିଏ ଯାହା କହିଲା ସେକଥାରେ ନିର୍ଦ୍ୱନ୍ଦରେ ବିଶ୍ୱାସ କରିବା ଆମର ଏକ ସହଜାତ ପ୍ରକୃତି। ତେଣୁ ବ୍ୟବସାୟୀ ସହଜରେ ଯାହା-ତାହା କହି ବ୍ୟାପାର କରନ୍ତି ଏଠାରେ ଯାହା ସାଧାରଣ ଲୋକଙ୍କୁ ଲୁଣ୍ଠନ କରିବାରେ ଯଥେଷ୍ଟ ସହାୟକ ହୋଇଥାଏ ସେମାନଙ୍କ ପାଇଁ। ଏଠାରେ ସେହି ପାର୍ଥିବ ରତ୍ନ ହୀରା ଏବଂ କଳା ହୀରା ମଧ୍ୟରେ ରହିଥିବା ସମ୍ପର୍କ / ଭେଦକୁ ବିଚାରକୁ ନେଇ ସାମାଜିକ ମଣିଷଙ୍କ ଚାରିତ୍ରିକ ବିଚାର ଏବଂ ସାମାଜିକ ସ୍ଥିତି ଉପରେ ଏକ ବିଶେଷ ଆଲୋଚନା କରିବା।

ବିଶ୍ୱ ଇତିହାସ ଦେଖିଲେ ଜାଣିବାକୁ ମିଳିବ ଯେ ଭାରତୀୟ ସଂସ୍କୃତି ଓ ସଭ୍ୟତା ପୃଥିବୀର ସର୍ବ ପ୍ରଥମ ଉନ୍ନତ ଓ ମାନବବାଦୀ ସଂସ୍କାରର ପୃଷ୍ଠଭୂମି ଭାବେ ଗଢି ଉଠିଥିଲା। ଆଜିକୁ ଅନ୍ୟୁନ ୫୦୦୦ ବର୍ଷ ପୂର୍ବେ ଅଖଣ୍ଡ ଭାରତବର୍ଷରେ ସମାଜର ପ୍ରଥମ ଉନ୍ନ□ ମାନବ ଉଦ୍ଭବ ହୋଇଥିଲା। ତେଣୁ ଭାରତକୁ ଏକ ସାଂସ୍କୃତିକ ରାଷ୍ଟ୍ର ଭାବେ ବିଶ୍ୱବ୍ୟାପୀ ଗ୍ରହଣ କରାଯାଉ ଥିଲା। ସେତେବେଳେ ସମଗ୍ର ବିଶ୍ୱର ମଣିଷ ସମୂହଙ୍କ ସାମଗ୍ରିକ ବିକାଶ କେବଳ ମାନବିକ ଧର୍ମ ତଥା ଚରିତ୍ରବ□ା ଉପରେ ଆଧାରିତ ଜୀବନ ଶୈଳୀକୁ ହିଁ ବୁଝାଉ ଥିଲା। ବୈଜ୍ଞାନିକ ଉଦ୍ଭାବନ ତଥା ବସ୍ତୁବାଦୀ ଚେତନାର କୌଣସି ଉନ୍ନ□ କୌଶଳ କିମ୍ବା ବ୍ୟବସାୟ ଭିତ୍ତିକ ଷଡ଼ଯନ୍ତ୍ର ମଣିଷ ମନରେ ଉଦ୍ଗିରଣ ହୋଇ ନଥିଲା। ତେଣୁ ସେହି ସମୟରେ ସାଧାରଣ ମଣିଷଙ୍କ ମଧ୍ୟରେ ଜନ୍ମ ହୋଇଥିବା କେତେକ ପ୍ରାକୃତିକ ଅନ୍ତର୍ଜ୍ଞାନୀ ବିଭିନ୍ନ ଦର୍ଶନକି, ମନସ୍ତାତ୍ତ୍ୱିକ, ସାମାଜିକ ଓ ମାନବିକ ମୂଲ୍ୟବୋଧ ଭିତ୍ତିକ ଅନେକ ଶୈଳୀ ସମାଜକୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ବିଭିନ୍ନ ଲିପି ତଥା ବଚନ ମାଧ୍ୟମରେ ସଚେତନ କରୁଥିଲେ। ହାତ ଗଣତି କେତେକ ଜ୍ଞାନୀ ମଣିଷଙ୍କୁ ସମାଜର ସାଧାରଣ ମଣିଷମାନେ ଆନ୍ତରିକ ମାନ୍ୟତା ଦେଇ ଗ୍ରହଣ, ସମ୍ମାନ କରିବା ସହିତ ସେମାନଙ୍କ ପ୍ରେରଣାକୁ ନିଜ ଜୀବନ ଶୈଳୀରେ ସଂଶ୍ଳିଷ୍ଟ କରି ଆନନ୍ଦରେ ବଂଚିବାର ସୁଯୋଗ ସୃଷ୍ଟି କରୁଥିଲେ।

ସମୟର କରାଳ ଗତିରେ ପ୍ରାକୃତିକ ପରିବେଶ ଜନିତ ମଣିଷ ମସ୍ତିଷ୍କରେ ଧିରେଧିରେ ବ୍ୟାପକ ପରିବର୍ତ୍ତନ ହେବାକୁ ଲାଗିଲା। ଅନେକ ମଣିଷ ନିଜସ୍ୱ ବିଚାରଧାରା ସୃଷ୍ଟି କରି କେତେବେଳେ ଯେ କ'ଣ କ'ଣ ସବୁ ପ୍ରାଦନ କଲେ ମଣିଷ ସମାଜକୁ ସେଗୁଡିକର ଆଉ ସୀମା ନାହିଁ। ଇତି ମଧ୍ୟରେ ପୃଥିବୀ ପୃଷ୍ଠର ଭୌଗଳିକ ସ୍ଥିତି କୁ ନେଇ ଭିନ୍ନ ଭିନ୍ନ ଅଂଚଳରେ କେତେକ ପ୍ରାକୃତିକ ଅନ୍ତର୍ଜ୍ଞାନୀ ମଣିଷ ସୃଷ୍ଟି ହେଲେ ଯେଉଁମାନେ ବିଭିନ୍ନ ବୈଜ୍ଞାନିକ ମନୋଭାବ ସହିତ ଉଦ୍ଭାବନ, ଆବିଷ୍କାର ଗୁଡିଏ କରିବାରେ କୃତକାର୍ଯ୍ୟ ହେବାକୁ ଲାଗିଲା। କାଳକ୍ରମେ ସେହି ବୈଜ୍ଞାନିକ ଉନ୍ନତ୍ତିର ଶାଖା ବିଶ୍ୱବ୍ୟାପୀ ପ୍ରସାର ହୋଇ ଆଜି ଆମେ ଯେଉଁ ସ୍ତରରେ ଆସି ପହଞ୍ଚିଛେ ତାହା ସର୍ବଜନ ଜ୍ଞାତ ବିଷୟ। ବିଭିନ୍ନ ବୈଜ୍ଞାନିକ ପ୍ରଣାଳୀ ତଥା ତାହାର ଉତ୍ସ ଗୁଡିକ ସାଧାରଣ ମଣିଷଙ୍କୁ କିଛି ନୂତନ ପ୍ରେରଣା ଦେବା ସହିତ ଜୀବନ ଶୈଳୀରେ କେତେକ ଉନ୍ନ□ ପରିବର୍ତନରେ ଯଥେଷ୍ଟ ସାହାଯ୍ୟ କଲା। କାଳକ୍ରମେ ଅନେକ ବୈଜ୍ଞାନିକ ପ୍ରଣାଳୀ ବ୍ୟବହାର କରିବା ସହିତ ସେଇଥିରେ ସମ୍ପୂର୍ଣ୍ଣ ମନୋନିବେଶ କରିବା ଦ୍ୱାରା ମଣିଷର ଚାତୁରୀ ବୃଦ୍ଧି ପାଇବାରେ ଲାଗିଲା। ଅର୍ଥାତ ସମାଜରେ କେତେକ ଚତୁରଙ୍କ ଆବିର୍ଭାବ ହେଲା ଯେଉଁମାନେ ସାଧାରଣ ମଣିଷଙ୍କୁ ନିଜ ଅକ୍ତିଆରକୁ ସହଜରେ ଆଣିବାରେ ସମର୍ଥ ହୋଇ ପାରିଲେ !(କ୍ରମଶଃ)


ସୋସିଆଲ ଫୋରୁମ (ଭାରତ)
ଛତ୍ରପୁର, ଗଞ୍ଜାମ-୭୬୧୦୨୦.
ଦୂରଭାଷ.: ୯୪୩୭୩୨୪୯୧୭.


# ରାମ ନାମ ହିଁ ମୋର ବଳ : ଗାନ୍ଧିଜୀ

**ଡଃ.ଅରୁନ୍ଧତୀ ଦେବୀ**

ଗାନ୍ଧିଜୀ ଥିଲେ ପରମ ଭାଗବତ। ଚୈତନ୍ୟ ପ୍ରାପ୍ତି ହେବା ପରଠାରୁ ଜୀବନରେ ସେ କେବେ ଭଗବାନଙ୍କୁ ବି ସ୍ମରଣ ହେବାକୁ ଦେଇନାହାନ୍ତି। ଅନ୍ଧାର ରାତିରେ, ପାଣି ଭିତରେ, ଯାତ୍ରା ସମୟରେ, ଅତ୍ୟନ୍ତ ବ୍ୟସ୍ତତା ଭିତରେ ବି ସେ ଭଗବାନଙ୍କୁ ଭୁଲି ନାହାନ୍ତି। ସେ ସର୍ବଦା ନିଜକୁ ନିମିତ୍ତ ମନେ କରୁଥିଲେ ଏବଂ କହୁଥିଲେ ଯେ ସେ ଯାହା କିଛି କରୁଛନ୍ତି, ସେ ସବୁ ପ୍ରଭୁ ରାମଙ୍କର କୃପା। ରାମ ଯାହା ଚାହୁଁଛନ୍ତି ତାଙ୍କ ଦ୍ୱାରା ତାହା କରାଇ ନେଉଛନ୍ତି। ତେଣୁ ତାଙ୍କ ନିଜର କର୍ତ୍ତୃତ୍ୱ କିଛି ନାହିଁ।

ନିଜର ବ୍ୟକ୍ତିଗତ ଅନୁଭବରୁ ଗାନ୍ଧିଜୀ ଲେଖିଛନ୍ତି ଯେ ବିଷୟ ବାସନା ଉପରେ ବିଜୟଲାଭ କରିବାର ସ୍ୱର୍ଣ୍ଣିମ ଧାରା ରାମନାମ ଛଡ଼ା ଅନ୍ୟ କିଛି ନାହିଁ। ମୁଁ ଯଦି ସଂସାରରେ ବ୍ୟଭିଚାରୀ ହେବାରୁ ରକ୍ଷା ପାଇଯାଇଛି ତାହେଲେ ଏହା କେବଳ ରାମନାମର ପ୍ରଭବା ଯୋଗୁ। ଯେବେ ଯେବେ ମୋ ଉପରକୁ କଠିନ ପରିସ୍ଥିତି ଆସିଛି, ମୁଁ ରାମ ନାମ ନେଇଛି ଏବଂ ଉପକୃତ ହୋଇଛି। ବିକାର ବିଚାରରୁ ରକ୍ଷା ପାଇବାର ଅମୋଘ ଅସ୍ତ୍ର ହେଉଛି ରାମ ନାମ। ଏ ପ୍ରସଙ୍ଗରେ ଜଣେ ସନ୍ଥଙ୍କର ମନ୍ତବ୍ୟ ହେଉଛି ବିଷୟଜ୍ୱାଳାରୁ ମୁକ୍ତିର ଅମୋଘ ମନ୍ତ୍ର ରାମ ନାମ। କିନ୍ତୁ ହୃଦୟର ଯୋଗ ଆବଶ୍ୟକ। ଅସହାୟ ବାଳକ ଯେପରି ମାଆଁକୁ ଡାକେ, ସେହିପରି ହୃଦୟ କନ୍ଦରରୁ ପ୍ରଭୁଙ୍କୁ ଡାକିବା ଉଚିତ। ଗାନ୍ଧିଜୀ କହନ୍ତି ରାମ ନାମର ପ୍ରତାପରେ ସମୁଦ୍ରରେ ପଥର ଭାସିଲା, ରାବଣର ବିଶାଳପୁରୀକୁ ବାନରସେନା ଧ୍ୱଂସ କରିଦେଲେ ପୁଣି ରାମ ନାମର ପ୍ରଭାବରେ ହନୁମାନ ବିରାଟ ପର୍ବତ ଉଠାଇ ଧରି ଆଣିଲେ ଏବଂ ଦୁଷ୍ଟ ରାବଣର ଦୁର୍ଗରେ ବର୍ଷାଧିକ କାଳ ରହି ମଧ୍ୟ ସୀତା ତାଙ୍କର ସତୀତ୍ୱ ରକ୍ଷା କରିପାରିଲେ। ଭରତ ଚଉଦବର୍ଷ କାଳ ପ୍ରାଣରକ୍ଷା କରି ରହିପାରିଲେ କାରଣ ତାଙ୍କର କଣ୍ଠରୁ ରାମନାମ ବ୍ୟତୀତ ଅନ୍ୟ କୌଣସି ଶବ୍ଦ ନିର୍ଗତ ହେଉନଥିଲା। ଏଣୁ କଳିଯୁଗର ଦୂଷଣକୁ ସଫା କରିବା ପାଇଁ ନିୟମିତ ରାମନାମ ଜପିବାକୁ ତୁଳସୀ ଦାସ ପରାମର୍ଶ ଦେଇଛନ୍ତି।

ଭଗବାନ ରାମଙ୍କ ଉପରେ ଗାନ୍ଧିଜୀଙ୍କର ନିଷ୍ଠ ତାଙ୍କର ଜୀବନରେ ନିରନ୍ତର ଭାବରେ ଦୃଢ଼ ହୋଇ ଚାଲିଲା। କ୍ରମେ ତାହା ବିକଶିତ ଏପଂ ପ୍ରସାରିତ ହେଲା। ଏପରିକି ତାହା ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ସ୍ପର୍ଶ କଲା। ଏପରିକି ତାଙ୍କ ଭଳି ଜଣେ ବ୍ୟକ୍ତି ଶରୀରର ସମସ୍ତ ବ୍ୟାଧିର ଏକମାତ୍ର ଉପଚାର ରାମନାମ ବୋଲି ସ୍ୱୀକାର କଲେ ଏବଂ କହି ଚାଲିଲେ। ତାଙ୍କର ଜଣେ ଶିଷ୍ୟାଙ୍କ ନିକଟକୁ ସେ ଗୋଟିଏ ପତ୍ରରେ ଲେଖିଥିଲେ ଯେ ବ୍ୟାଧି ଅନେକ ପ୍ରକାର, ବୈଦ୍ୟ ଅନେକ, ଉପଚାର ମଧ୍ୟ ଅନେକ ଅଛି। କିନ୍ତୁ ଯଦି ବ୍ୟାଧିକୁ ଏକ ରୂପେ ଦେଖିବା ଏବଂ ତାକୁ ଦୂର କରୁଥିବା ବୈଦ୍ୟ ଜଣେ ହିଁ ରାମ ବୋଲି ମନେ କରିବା ତାହେଲେ ଆମେ ଅନେକ ଜଞ୍ଜାଳରୁ ମୁକ୍ତି ପାଇଯିବା। କିଛି ଦିନ ପରେ ପୁଣି ଲେଖିଥିଲେ ଆଶ୍ଚର୍ଯ୍ୟର କଥା ଯେ ବୈଦ୍ୟ ମରୁଛନ୍ତି, ଡାକ୍ତର ମରୁଛନ୍ତି, ତଥାପି ଆମେ ତାଙ୍କ ପଛରେ ଧାଉଁଛେ। କିନ୍ତୁ ଯେଉଁ ରାମ ମରନ୍ତି ନାହିଁ, ସର୍ବଦା ଜୀବିତ ଏବଂ ଅବ୍ୟର୍ଥ ବୈଦ୍ୟ ତାଙ୍କୁ ଭୁଲି ଯାଉଛୁ

୧୯୪୬ ମସିହାରେ ସେ ଥରେ କହିଥିଲେ ଯେ କୌଣସି ରୋଗ ହେଉ, ହୃଦୟ ସହକାରେ ଜଣେ ଯଦି ରାମ ନାମ ନିଏ ତାର ରୋଗ ଅବଶ୍ୟ ଦୂର ହୋଇଯିବ। ହରିଜନ ସେବକ ତା ୩/୩୩୧୯୪୬। ଶାରୀରିକ ରୋଗକୁ ଦୂର କରିବାରେ ରାମ ନାମ ଅଳ୍ପ କିଛି ବିଶିଷ୍ଟ ଲୋକଙ୍କ ପାଇଁ ନୁହେଁ, ଏହା ସମସ୍ତଙ୍କ ପାଇଁ। ଯିଏ ତାଙ୍କର ନାମ ନିଏ, ସେ ତାଙ୍କ ପାଇଁ ବିପୁଳ ଭଣ୍ଡାର ଜମା କରିଚାଲେ। ଏହା ଏଭଳି ଏକ ଭଣ୍ଡାର ଯାହା କେବେ ସରେ ନାହିଁ, ସେଥିରୁ ଯେତେ କାଢ଼ିଲେ ତାହା ଆହୁରି ବଢୁଥାଏ। ଉପନିଷଦରେ କୁହାଯାଇଛି ପୂର୍ଣ୍ଣତାରୁ ପୂର୍ଣ୍ଣକୁ କାଢ଼ିଲେ ମଧ୍ୟ ପୂର୍ଣ୍ଣ ହିଁ ଅବଶେଷ ରହିଥାଏ। ରାମ ନାମ ସମ୍ପୂର୍ଣ୍ଣ ରୋଗର ଏକ ନିରାପଦ ଔଷଧ। ତାହା ଶାରୀରିକ ହେଉ ମାନସିକ କିମ୍ବା ଆତ୍ମିକ।

ରାମ ନାମ ହିଁ ମୋର ବଳ ସେ କହୁଥିଲେ ଯେ ତାଙ୍କ ଦ୍ୱାରା ଯାହା କିଛି ସେବା ସମ୍ଭବ ହେଉଛି ସେ ସବୁ ରାମ ନାମର ପ୍ରଭାବ ଏବଂ କୃପା। ତାଙ୍କର ଉକ୍ତି ସ୍ପଷ୍ଟ ଥିଲା ମୋ ପାଖରେ ରାମ ନାମ ବ୍ୟତୀତ ଅନ୍ୟ କୌଣସି ଶକ୍ତି ନାହିଁ। ଏହା ମୋର ଏକମାତ୍ର ଆଶ୍ରା। ମହର୍ଷି ଚରକ କହିଛନ୍ତି -'ବିଷ୍ଣୁ ସହସ୍ରାମୂର୍ଦ୍ଧନାଂ ଚରାଚରପତିଂ ବିଭୁମ୍। ସ୍ତୁବନାମସହସ୍ରେଣ ଜ୍ୱରାନ୍ ବ୍ୟପୋହତି। ଭାରତର ଆସ୍ତିକ ସାଧାରଣ ଜନତା ନ ଜାଣେ କେଉଁ କାଳରୁ କହି ଆସିଛି – ଔଷଧଂ ଜାହ୍ନବୀତୋୟଂ ବୈଦ୍ୟୋ ନାରାୟଣୋ ହରିଃ। ଏଥିପାଇଁ ଗାନ୍ଧିଜୀ କହିଛନ୍ତି – 'ପ୍ରକୃତ ଡାକ୍ତର ତ ରାମ ଅଟନ୍ତି। ଭଗବାନଙ୍କର ନାମର ମହିମା ପ୍ରାୟ ସମସ୍ତ ଧର୍ମରେ ସମାନରୂପରେ ଦେଖିବାକୁ ମିଳିଥାଏ। ଗାନ୍ଧିଜୀଙ୍କ ଭାଷାରେ ରାମ ନାମର ମହିମା କେବଳ ଯେ ତୁଳସୀ ଦାସ ଗାନ କରିଛନ୍ତି ତାହା ନୁହେଁ।

ରାମାୟଣରେ ଗୋଟିଏ କଥା ଅଛି ଯେ ହନୁମାନଜୀଙ୍କୁ ସୀତାଦେବୀ ଯେତେବେଳେ ମୋତିର ମାଳାଟିଏ ଦେଲେ, ସେ ତାକୁ ଛିଣ୍ଡାଇ ଭାଙ୍ଗିଦେଲେ, କାରଣ ତାଙ୍କୁ ସେଥିରେ ଦେଖିବାର ଥିଲା ଯେ ସେଥିରେ ରାମ ନାମ ଅଛି କି ନାହିଁ। ଏହି କଥା ସତ କି ନୁହେଁ ଏହି ଚିନ୍ତା ଆମେ କାହିଁକି କରିବା ? ଆମର ତ ଏତିକି ଶିଖିବାର ଅଛି ଯେ ହନୁମାନଜୀଙ୍କ ଭଳି ଶକ୍ତି ଶୈବାଳପ୍ରଦ ଶରୀର ଆମର ନହେଉ କିନ୍ତୁ ତାଙ୍କ ଭଳି ଆତ୍ମା ତ ବିକଶିତ କରିପାରିବା। ତାହିଁଲେ ଏହି ଉଦାହରଣକୁ ଗ୍ରହଣ କରି ଜଣେ ସିଦ୍ଧ କରିପାରିବ। ସିଦ୍ଧ ନ ହୋଇପାରିଲେ ନ ହେଉ ତାକୁ ଚେଷ୍ଟା କରିବା ତ ଢ଼େର। ଗୀତାରେ କୁହାଯାଇଛି ମନୁଷ୍ୟକୁ ପ୍ରଯତ୍ନ କରିବା ଉଚିତ ଏବଂ ଫଳ ଈଶ୍ୱରଙ୍କ ହାତରେ ଛାଡ଼ିଦେବା ଉଚିତ। ଏଣୁ ତୁମକୁ, ମୋତେ ଏବଂ ସମସ୍ତଙ୍କୁ ପ୍ରୟାସ କରିାକୁ ପଡ଼ିବ। ସେହିଦିନ ରୋଗରେ ପୀଡ଼ିତ ଜଣେ ଭଉଣୀଙ୍କ ନିକଟକୁ ପତ୍ର ଲେଖି ମଧ୍ୟ ବାପୁ ଏକଥା ଲେଖିଥିଲେ ଯେ ସଂସାରରେ ଯଦି କୌଣସି ଅବ୍ୟର୍ଥ ଔଷଧ ଅଛି ତାହେଲେ ତାହା ହେଉଛି ରାମନାମ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦


# ମହାବିଷୁବ ସଂକ୍ରାନ୍ତି

**ସତ୍ୟ ମହାପାତ୍ର**

ମହାନ୍ ଉକ୍ରଳ ସଂସ୍କୃତିର ବର୍ଷ ଆରମ୍ଭ ହୁଏ ମହାବିଷୁବ ସଂକ୍ରାନ୍ତିରୁ। ତେଣୁ ଏହି ଦିନକୁ ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ଓଡ଼ିଆ ନବବର୍ଷ ଭାବେ ପାଳନ କରାଯାଏ। ମହାବିଷୁବ ସଂକ୍ରାନ୍ତି ଠାରୁ ଆରମ୍ଭ ହୁଏ ମେଷ ମାସ ବା ସୌର ବୈଶାଖ ମାସ। ଗଣନା ଅନୁସାରେ ଚଳିତ ବର୍ଷ ପାରମ୍ପରିକ ୧୯୩୭ ଶକାବ୍ଦର ପ୍ରଥମ ଦିବସକୁ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଭାବେ ପାଳନ କରାଯିବ। ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏହା ସବୁଠାରୁ ବଡ଼ଦିନ। ଏହି ଦିନ ବସନ୍ତ ଋତୁ ବିଦାୟ ନେବା ସହ ଗ୍ରୀଷ୍ମଋତୁର ଆଗମନ ହୋଇଥାଏ। ମହାବିଷୁବ ସଂକ୍ରାନ୍ତିରେ ପ୍ରତ୍ୟେକ ଓଡ଼ିଆ ପଣା ପାନ କରିବାର ପରମ୍ପରା ରହିଛି। ତେଣୁ ଏହାକୁ ପଣା ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ।

ମହାବିଷୁବ ସଂକ୍ରାନ୍ତି କେବଳ ଓଡ଼ିଶାର ଜନଜୀବନ ମଧ୍ୟରେ ସୀମିତ ନାହିଁ, ଦେଶବିଦେଶରେ ଏହା ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ। ପଞ୍ଜାବରେ ବୈଶାଖୀ, ଆସାମରେ ବିହୁ, ମିଥିଳାରେ ଜୁଇର ଶିତଲ, ବଙ୍ଗଳାରେ ନବବର୍ଷ, କର୍ଣ୍ଣାଟକରେ ବିଷୁ ପର୍ବ, କେରଳରେ ବିଷୁ ଏବଂ ତାମିଲନାଡୁରେ ପୁଥାଣ୍ଡୁ ନାମରେ ଏହି ଦିନଟିକୁ ପାଳନ କରାଯାଏ। ଓଡ଼ିଶାରେ ଏହି ଦିନଟିକୁ ଲୋକମାନେ ଧୁମ୍‌ଧାମ ସହକାରେ ପାଳନ କରିଥାନ୍ତି। ବ୍ରାହ୍ମଣ, ଗରିବ ଲୋକମାନଙ୍କୁ ଏହିଦିନ ଛତୁଆ, ପଣା, ଛତା ଓ ତାଳପତ୍ରରେ ପ୍ରସ୍ତୁତ ପଙ୍ଖା ଦାନ କରିବାର ପରମ୍ପରା ରହିଛି। ପ୍ରତ୍ୟେକ ହିନ୍ଦୁ ପରିବାରରେ ଏହି ଦିନ ତୁଳସୀ ଚଉରାରେ ମାଟିରେ ତିଆରି ଠେକି ବସାହୁଏ। ଠେକିରେ ସରୁ କଣା କରି ଦୁବ ଲଗାଯାଇଥାଏ। ଚୈତ୍ର ପର୍ବ ନାମରେ ପରିଚିତ ଝାମୁଝାତ୍ରା, ହିଙ୍ଗୁଳା ଯାତ୍ରା ବା ପଟୁଆ ଯାତ୍ରା, ଦଣ୍ଡଯାତ୍ରା, ଉଡା ଯାତ୍ରା ଆଦି ମହାବିଷୁବ ସଂକ୍ରାନ୍ତି ପୂର୍ବରୁ ଶେଷ ହୋଇଥାଏ। ଏହି ଅବସରରେ ଓଡ଼ିଶାର ଛୋଟବଡ଼ ଦେବାଳୟଗୁଡ଼ିକ ଉତ୍ସବମୁଖର ହୋଇଉଠେ। ବିଭିନ୍ନ ସ୍ଥାନରେ ମେଳା, ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। କଟକର କଟକ ଚଣ୍ଡୀ, ଯାଜପୁରର ବିରଜା, ଝଙ୍କଡ଼ର ଶାରଳା, କାକଟପୁରର ମଙ୍ଗଳା, ସମ୍ବଲପୁରର ସମଲେଶ୍ୱରୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପାଇଁ ବହୁ ଜନସମାଗମ ହୁଏ। ସେଠାରେ ଝାମୁଯାତ୍ରା ଅନୁଷ୍ଠିତ ହୁଏ। ଉତ୍ତର ଓଡ଼ିଶାରେ ଏହାକୁ ଚଡ଼କ ପର୍ବ ଏବଂ ଦକ୍ଷିଣ ଓଡ଼ିଶାରେ ମେରୁଯାତ୍ରା ବୋଲି କୁହାଯାଏ।

ନବବର୍ଷକୁ ସ୍ୱାଗତ ଜଣାଇବା ପାଇଁ ବିଭିନ୍ନ ସ୍ଥାନରେ ଦଣ୍ଡନାଚ ଅନୁଷ୍ଠିତ ହୋଇଥାଏ। ପୃଥିବୀର ବିଭିନ୍ନ ସଂସ୍କୃତି ଏବଂ ପରମ୍ପରାଗୁଡ଼ିକ ମଧ୍ୟରେ ଭାରତୀୟ ହିନ୍ଦୁଧର୍ମ, ସଂସ୍କୃତି ଓ ପରମ୍ପରାର ସ୍ଥାନ ସ୍ୱତନ୍ତ୍ର। ସନାତନ ଧର୍ମର ଅବଶିଷ୍ଟାଂଶ ହିଁ ପରବର୍ତ୍ତୀ ସମୟରେ ବା ଆଧୁନିକ ସମାଜରେ ହିନ୍ଦୁଧର୍ମ ନାମ ବହନ କରିଛି। ଏହି ଧର୍ମ ଯାହା କହେ, ତାହା ହିଁ କାର୍ଯ୍ୟରେ ପରିଣତ କରେ। ଏହା ବିଜ୍ଞାନସମ୍ମତ ଭିତ୍ତିଭୂମି ଉପରେ ଆଧାରିତ। ହିନ୍ଦୁ ଧର୍ମରେ ସମସ୍ତ କଳ୍ପନା ହିଁ ବାସ୍ତବ ରୂପ ବହନ କରିଛି। ତେଣୁ କୁହାଯାଇଛି ଯାହା ନାହିଁ ଭାରତେ, ତାହା ନାହିଁ ଜଗତେ। କାଳ୍ପନିକ ମୂର୍ତ୍ତି, ଚିତ୍ରକଳା ଓ ଭାବନା ହିଁ ଈଶ୍ୱର ସତ୍ତାର ଅନୁଭବ ପ୍ରଦାନ କରିଥାଏ। କଳ୍ପନା ବିନା ବାସ୍ତବତା ପ୍ରାପ୍ତି ଅସମ୍ଭବ। ମାଧ୍ୟମ ବିନା ଈଶ୍ୱର ସତ୍ତାକୁ ଅନୁଭବ କରିବା ମଧ୍ୟ ଅସମ୍ଭବ। ଏହି ମୂର୍ତ୍ତି ପୂଜା, ଗୁରୁପୂଜା ଇତ୍ୟାଦି ମାଧ୍ୟମ ଆମ ଧର୍ମ ପରମ୍ପରାରେ ରହିଛି। ପୃଥିବୀ କମଳା ବା ଲେମ୍ବୁ ପରି ଗୋଲ। ଏହା ଭାରତୀୟ ବୈଜ୍ଞାନିକ ଓ ମୁନିଋଷିମାନେ କଳ୍ପନା କରିଥିଲେ ଓ ତାହାକୁ ବାସ୍ତବ ରୂପ ମଧ୍ୟ ଦେଇଥିଲେ। ଦଶାବତାର ପାରମ୍ପରିକ କଳାକାରମାନେ ବହୁ ବର୍ଷ ପୂର୍ବରୁ ବରାହଙ୍କ ଦୁଇ ଦାନ୍ତ ଉପରେ ପୃଥିବୀର ଗୋଲାକାର ରୂପକୁ ସ୍ଥାପନ କରିଛନ୍ତି। ଏହାକୁ ମଧ୍ୟ ଆଧୁନିକ ବୈଜ୍ଞାନିକମାନେ ଗ୍ରହଣ କରିଛନ୍ତି। ପୂର୍ବରୁ ମୁନିଋଷିମାନେ କଳ୍ପନା କରିଥିବା କାଳ୍ପନିକ ରେଖା ଅକ୍ଷାଂଶ, ଦ୍ରାଘିମା, ସୁମେରୁ, କୁମେରୁ, ବିଷୁବରେଖା ଇତ୍ୟାଦିକୁ ମଧ୍ୟ ବାସ୍ତବରେ ପ୍ରମାଣିତ କରାଯାଇଥିବାରୁ ଆଧୁନିକ ବୈଜ୍ଞାନିକମାନେ ମଧ୍ୟ ଏହା ଉପରେ ଭିତ୍ତିକରି ବାସ୍ତବ ନମୁନା ପାଇପାରୁଛନ୍ତି। ଏହି କାଳ୍ପନିକ ରେଖା ମଧ୍ୟରେ ବିଷୁବରେଖା ଅନ୍ୟତମ।

ହିନ୍ଦୁ ଧର୍ମରେ ଥିବା ବାର ରାଶିକୁ ଭିତ୍ତି କରି ଇଂରେଜମାନେ ୧୨ମାସ ଜାନୁୟାରୀ, ଫେବୃଆରୀ ଇତ୍ୟାଦି ନାମକରଣ କରିଛନ୍ତି। ଯେଉଁ ରାଶି ସହିତ ମଧ୍ୟ ରେଖା ଅର୍ଥାତ୍ ବିଷୁବ ରେଖା ସଂଯୁକ୍ତ ହୋଇଥିଲା ସେହି ମାସକୁ ରାଶି ଅନୁସାରେ ନାମିତ କରାଯାଉଥିଲା ଓ ସେହି ରେଖାଯୁକ୍ତ ଦିନଟିକୁ ସଂକ୍ରାନ୍ତି ବା ମାସର ପହିଲା ତଥା ତା'ର ପୂର୍ବଦିନକୁ ମାସନ୍ତ ବା ଗତ ମାସର ଶେଷଦିନ କୁହାଯାଉଥିଲା। ମେଶ ରାଶିରେ ବିଷୁବ ରେଖାର ସଂଯୁକ୍ତ ହେତୁ ବୈଶାଖ ମାସର ସଂକ୍ରାନ୍ତି ଠାରୁ ମେଷ ମାସର ଆରମ୍ଭ ଘଟେ। ଏଣୁ ଏହି ଦିନଟି ବର୍ଷର ପ୍ରଥମ ମାସର ପହିଲା ହୋଇଥିବାରୁ ହିନ୍ଦୁମାନେ ଏହାକୁ ନବବର୍ଷ ଭାବେ ପାଳନ କରନ୍ତି। ବିଦେଶୀମାନେ ଜାନୁଆରୀ ମାସର ପହିଲାକୁ ନବବର୍ଷ ଭାବେ ଗ୍ରହଣ କରି ମଦ, ମାଂସ ଭଳି ତାମସିକ ଖାଦ୍ୟ ଖାଇ ପାଳନ କରୁଥିବା ବେଳେ ହିନ୍ଦୁ ଧର୍ମାବଲମ୍ବୀମାନେ ମେଷ ମାସକୁ ବର୍ଷର ପ୍ରଥମ ମାସ ଓ ବିଷୁବ ସଂକ୍ରାନ୍ତି ଦିନଟିକୁ ପହିଲା ବୋଲି ଭାବି ସାତ୍ତ୍ୱିକତାର ସହିତ ପଣା ସଂକ୍ରାନ୍ତି ନାମରେ ପାଳନ କରିଥାଆନ୍ତି। ଏହି ସଂକ୍ରାନ୍ତି ଦିନ ମେଷ ରାଶିରେ ରବି ଅବସ୍ଥାନ କରୁଥିବାରୁ ଏହାକୁ ମଧ୍ୟ ମେଷ ସଂକ୍ରାନ୍ତି, ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ବୋଲି କୁହାଯାଏ।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଦୂରଭାଷ : ୯୬୫୮୧୦୫୫୩୨

## ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସହିଦ ରାଜ କିଶୋରଙ୍କ ପାର୍ଥିବ ଶରୀରକୁ ଶେଷ ସମ୍ମାନ ଅର୍ପଣ

ବଡ଼ଚଣା: ବିହାର ରେଜିମେଣ୍ଟର ୟୁନିଟ ଷଷ୍ଠ ବାଟାଲିୟନର କାର୍ଯ୍ୟରତ ହାବିଲଦାର ରାଜକିଶୋର ମୁଣ୍ଡା ଅରୁଣାଞ୍ଚଳ ପ୍ରଦେଶର ତାୱାଙ୍ଗ ଠାରେ କର୍ତ୍ତବ୍ୟରତ ଥିବା ସମୟରେ ମାର୍ଚ୍ଚ ୨୯ ତାରିଖରେ ଆତଙ୍କ ସହିତ ଲଢ଼ି ବୀରଗତି ପ୍ରାପ୍ତ କରି ଥିଲେ । ପ୍ରଥମେ ସହିଦ ଶ୍ରୀ ମୁଣ୍ଡାଙ୍କ ମରଶରୀର ଆଜି ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କ ଜନ୍ମ ମାଟି କେନ୍ଦୁଝର ସଦର ବ୍ଲକ ଅଧିନ ନୂଆଗାଁ କୁ ଯିବା ସମୟରେ ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଠାରେ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଶେଷ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ପ୍ରଶାସନ ପକ୍ଷରୁ ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଜନୀ କୁମାର ପ୍ରଧାନ ଓ ଦର୍ଘଣ ଅତିରିକ୍ତ ତହସିଲଦାର ଉପସ୍ଥିତ ରହି ବୀର ସହିଦଙ୍କ ପାର୍ଥିବ ଶରୀରକୁ ପୁଷ୍ପ ମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ତାଙ୍କ ଜନ୍ମ ମାଟି ନୂଆଗାଁ ଅଭିମୁଖେ ବାହାରିଥିଲା ।




## ମଧ୍ୟରାତ୍ର ଦଣ୍ଡଯାତ୍ରାରେ ବାପ-ପୁଅଙ୍କ ଦ୍ୱାରା ହତ୍ୟାକାଣ୍ଡ, ୧ ମୃତ

ବ୍ରହ୍ମପୁର: ସୋମବାର ଭୋର ସମୟରେ ସ୍ଥାନୀୟ ଆସ୍କା ରୋଡ଼ ବଡ଼ ବଜାର ପୋଲିସ ଥାନା ଅନ୍ତର୍ଗତ ଜେନା ସାହିରେ ଏକ ହତ୍ୟାକାଣ୍ଡ ଘଟିଛି । ଜେନା ସାହିରେ ଏକ ଦଣ୍ଡନାଚ ଯାତ୍ରା ଆୟୋଜନ କରାଯାଇଥିବା ବେଳେ, ଯାତ୍ରା ମଞ୍ଚ, ଲାଇଟ୍ ଏଣ୍ଡ ସାଉଣ୍ଡ ପାଇଁ ବେଲାଗାଁର ଜଣେ ବାପା ଏବଂ ପୁଅଙ୍କ ଦ୍ୱାରା ଆୟୋଜନ ବ୍ୟବସ୍ଥା କରାଯାଇଥିଲା। ସେହି ଗାଁର ଆଉ ଜଣେ ବ୍ୟକ୍ତି ମୃତ ଜଗଦୀଶ ପାଣିଗ୍ରାହୀ (୩୪) ମଧ୍ୟ ସେମାନଙ୍କ ସହିତ ଆସି ପରିଚାଳନା କାର୍ଯ୍ୟରେ ସହଯୋଗ କରିଥିଲେ। ସେମାନେ ପରସ୍ପରକୁ ୩୦ ବର୍ଷ ଧରି ଜାଣିଥିବା ସହ ସୋମବାର ପ୍ରାୟ ୨.୩୦ ମିନିଟ ସମୟରେ ମୃତ ଜଗଦୀଶ ପାଣିଗ୍ରାହୀ (ପିତା ତ୍ରିନାଥ ପାଣିଗ୍ରାହୀ) ଯାତ୍ରା ଦଳ ମାଲିକଙ୍କ ସହ ଏକ ଝଗଡ଼ା କରିଥିବା ସହ ପଥର ସାହାଯ୍ୟରେ ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଝଗଡ଼ାର କାରଣ କୌଣସି ସ୍ଥାନରେ ମଞ୍ଚ ସ୍ଥାପନ କରିବା ସହିତ ଜଡ଼ିତ ଥିଲା, ମୃତକ କିଛି ଲୋକଙ୍କ ଠାରୁ ଟଙ୍କା ନେଇଥିଲେ ଆଶା କରି ଯେ ବାପା ଏବଂ ପୁଅ ସେହି ବ୍ୟକ୍ତି ମାନଙ୍କ ପାଇଁ ମଞ୍ଚ ସ୍ଥାପନ କରିବାକୁ ରାଜି ହେବେ। କିନ୍ତୁ ଯେତେବେଳେ ବାପା ଏବଂ ପୁଅ ସେହି ସ୍ଥାନ ପାଇଁ ମନା କଲେ, ମୃତକ ଜାଣି ପାରିଲେ ଯେ ସେ ଟଙ୍କା ହରାଇବେ। ତେଣୁ ଜଗଦୀଶ ପଥର ସାହାଯ୍ୟରେ ତ୍ରିନାଥଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ତ୍ରିନାଥଙ୍କ ପୁତ୍ର ପ୍ରଦୀପ ପାଣିଗ୍ରାହୀ ଏହାକୁ ଦେଖି ହଠାତ୍ ଉତ୍ତେଜନା ଭିତରୁ ଏକ ଛୁରୀ ବ୍ୟବହାର କରି ଜଗଦୀଶଙ୍କୁ ଆକ୍ରମଣ କରିଥିଲେ। ଯାହାର ଫଳସ୍ୱରୂପ ଜଗଦୀଶଙ୍କ ବେକରେ ବହୁ ମାତ୍ରାରେ ରକ୍ତସ୍ରାବ ହୋଇଥିଲା, ସେନେଇ ତାଙ୍କୁ ବିଳମ୍ବରେ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯିବା ଫଳରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାର ୨ ଜଣ ଅଭିଯୁକ୍ତ ଅର୍ଥାତ୍ ପ୍ରଦୀପ କୁମାର ପାଣିଗ୍ରାହୀ (୪୦), ତ୍ରିନାଥ ପାନିଗାହୀ (୭୩)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଏନେଇ ଉକ୍ତ ଜେନା ସାହି ବାସିନ୍ଦା ସମ୍ପୂର୍ଣ୍ଣ ଘଟଣାକୁ ନିନ୍ଦା କରିବା ସହ ଏହିଭଳି କିଛି ବିଶୃଙ୍ଖଳିତ ଯାତ୍ରା କମିଟି ମାନଙ୍କ ପାଇଁ ପବିତ୍ର ପାରମ୍ପରିକ ଦଣ୍ଡନାଚ ଯାତ୍ରା ବଦନାମ ହେଉଛି ବୋଲି ପ୍ରତିକ୍ରିୟା ରଖିଛନ୍ତି। ଏହାସହ ଏହିଭଳି ଯାତ୍ରା ସଦସ୍ୟ ମାନଙ୍କ ପାଇଁ ଆଜି ବ୍ରହ୍ମପୁର ସହରର ଅନ୍ୟତମ ଏକ ଭଦ୍ର, ସମ୍ମାନ ଜନକ ତଥା ଶୃଙ୍ଖଳିତ ସାହିର ନାମ ବଦନାମ ହେଉଛି । ଏଣୁ ସମସ୍ତ ଯାତ୍ରା କମିଟିର ସଦସ୍ୟ ମାନଙ୍କୁ ଅନୁରୋଧ ଆଗାମୀ ଦିନରେ ନିଜ ନିଜ କମିଟିର ସମସ୍ତ ବିଶୃଙ୍ଖଳିତ ଆଚରଣକୁ ସମାପ୍ତ କରି ହିଁ ଯାତ୍ରା ଆୟୋଜନ କରନ୍ତୁ ନଚେତ୍ କରିବା ଆବଶ୍ୟକତା ନାହିଁ ବୋଲି ଚେତାବନୀ ଦେଇଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୩୧।୩: କଂସାର ପଂଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ରାଉଳଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ଶ୍ରୀ ରାଉଳ ଗତ ୨୦୨୧ ମସିହାରେ ଏହି ବିଦ୍ୟାଳୟରେ ଯୋଗଦେଇଥିଲେ। ତାଙ୍କର କାର୍ଯ୍ୟଦକ୍ଷତା, ନିଷ୍ଠା ଓ ସମୟାନୁବର୍ତ୍ତିତା ପାଇଁ ସେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଶ୍ରୀ ରାଉଳଙ୍କୁ ବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଶାଲ, କଲମ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଦିଲ୍ଲିପ କୁମାର ଦାସ, ରଞ୍ଜନ କୁମାର ଦାସ, ଭକ୍ତିଲତା ମହାରଣା, ପୂର୍ଣ୍ଣମା ପ୍ରିୟଦର୍ଶିନୀ ବୈଧୁରୀ, ସରିତା ସାହାଣୀ, ମନୋଜ ସାହୁ, ବିଭୁ ପ୍ରସାଦ ଆଚାର୍ଯ୍ୟ, ଜ୍ଞାନରଞ୍ଜନ ରାଉତ, ନିର୍ମଳ ଖଟୁଆ, ଆଶୁତୋଷ ବେହେରା, ରଶ୍ମିତା ଦାସ, କୌଶଲ୍ୟା ନାୟକ, ଅର୍ପଣ୍ଣା ରଥ, ଜୟଶ୍ରୀ ବେହେରା, ଜାନକୀ ଜେନା, ରମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପ୍ରଧାନ ଶିକ୍ଷକ ଶ୍ରୀ ରାଉଳଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ।



## ୭ ବର୍ଷ ଝିଅ ଦୁଷ୍କର୍ମର ଶିକାର, ଅଭିଯୁକ୍ତ ଗିରଫ

ପିପିଲି: ପିପିଲି ଥାନା ଅଂଚଳରେ ଏବେ ଲଜ୍ଜା ପରେ ଲଜ୍ଜା ଘଟଣା ଘଟିବାରେ ଲାଗିଛି । ପିପିଲି ଥାନା ଅଂଚଳରେ ଜଣେ ୭ ବର୍ଷର ଝିଅକୁ ଜୋରଜବରଦସ୍ତ ଦୁଷ୍କର୍ମ ଘଟଣା ପିପିଲି ଅଂଚଳରେ ଏବେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ସୂଚନାଥାଉକି ସପ୍ତାହକ ତଳେ ପିପିଲି ଅଂଚଳର ଜଣେ ନବମ ଶ୍ରେଣୀର ଛାତ୍ରୀକୁ ୫ମାସ ଗର୍ଭବତୀ କରିବା ଘଟଣାରେ ୫୫ ବର୍ଷିଆ ପାଲାଗାୟକକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ପୁଣି ୨ୟ ଲଜ୍ଜାଜନକ ଘଟଣା ପିପିଲି ଥାନା ଅଂଚଳରେ ଘଟିଛି । ଯାହାକୁ ନେଇ ସମଗ୍ର ପିପିଲି ଅଂଚଳରେ ସାଧାରଣ ଜନତାଠାରୁ ପୁଲିସ ପର୍ଯ୍ୟନ୍ତ ଚିନ୍ତାର ବିଷୟ ପାଲଟିଛି । ପୁଲିସ ସୂଚନା ମୁତାବକ ୭ବର୍ଷର ଝିଅ ଘର ପଛପଟ ଟିଉବଲକୁ ହାତ ଧୋଇବାକୁ ଯାଇଥିବା ବେଳେ ତାର ସମ୍ପର୍କୀୟ ପିଉସା କେହି ନଥିବାର ସୁଯୋଗ ନେଇ ତାକୁ ଟେକି ନେଇ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା । ଝିଅଟି କାନ୍ଦି କାନ୍ଦି ଘରେ ଜଣାଇବାରୁ ତାର ମା ପିପିଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲା । ଅଭିଯୋଗକୁ ଭିତ୍ତିକରି ପୁଲିସ ଏ ସଂକ୍ରାନ୍ତରେ ୧୮୭/୨୫ରେ ମାମାଲା ରୁଜୁ କରି ୫୧ବର୍ଷିଆ ପିଉସାକୁ ଗିରଫ କରିଛି । ଝିଅର ଡାକ୍ତରୀ ମାଇନା କରିବା ସହ ସିଡବ୍ଲୁସିରେ ହାଜର କରିଥିବା ପୁଲିସଠାରୁ ସୂଚନା ମିଳିଛି । ଅନ୍ୟପଟେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି ।

## ଓଡିଶା ଜିବୀକା ମିଶନ ଇସି କର୍ମୀଙ୍କୁ ପୂର୍ଣ୍ଣ ନିଯୁକ୍ତି ପାଇଁ ଦାବି



କଟକ: ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡିଶା ଜିବୀକା ମିଶନ ଇସି ସଂଘର ଏକ ଗରୁତ୍ୱପୂର୍ଣ୍ଣ ବୈଠକ ଆଜି (ସୋମବାର) ବକ୍ସିବଜାର ସ୍ଥିତ ପାନ୍ଥନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଯୋଗମାୟା ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସରାକର ଜିବୀକା ମିଶନ ପୁର୍ନ୍ନଗଠନ ନାମରେ ଜିବୀକା ମିଶନ ମହିଳା ମାନଙ୍କୁ ଉଚ୍ଛେଦକୁ ନେଇ ଜୋରଦାର ବରୋଧ କରାଯାଇଥିଲା । ରାଜ୍ୟରେ ଏକ ଲକ୍ଷ ୬୫ ହଜାର ଏବଂ କଟକ ଜିଲ୍ଲାରେ ୫ ହଜାରେରୁ ଉର୍ଦ୍ଧ୍ୱ ମହିଳାମାନେ ସରକାରଙ୍କର ଏହି ୩ ବର୍ଷିଆ ଯୋଜନାରେ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିଆସୁଛନ୍ତି । ଏପ୍ରିଲ ୧ ତାରିଖରୁ ୩ ବର୍ଷିଆ ଯୋଜନା ପୁନର୍ଗଠନ କରି ଜିବୀକା ମିଶନ ମହିଳାମାନଙ୍କୁ ଉଚ୍ଛେଦ କରାଯାଉଛି । ଦୀର୍ଘଦିନ ଧରି କଟକ ଜିଲ୍ଲା ସମେତ ରାଜ୍ୟରେ ସରକାରଙ୍କର ୩ ବର୍ଷିଆ ଯୋଜନାରେ ଜିବୀକା ମିଶନ ମହିଳାମାନେ ଋଣଗ୍ରସ୍ଥ ହୋଇ ପଡିଛନ୍ତି । ତେଣୁ ଏହି ମହିଳାମାନେ ଋଣଗ୍ରସ୍ଥରୁ ମୁକ୍ତ ନହେଲା ପର୍ଯ୍ୟନ୍ତ ଏମାନଙ୍କୁ ସୁଯୋଗ ଦେବା ସହିତ ପୂର୍ବପରି କାର୍ଯ୍ୟରେ ନିୟୋଜିତ କରାଯାଉ ଓ ପୂର୍ଣ୍ଣ ନିଯୁକ୍ତି ଦିଆଯାଉ ବୋଲି ସଂଘର ସମ୍ପାଦିକା ବୀଣାପାଣି ପାତ୍ର ମତବ୍ୟକ୍ତ କରିଥିଲେ । ଏହି ବେଠକରେ ଭାରତୀୟ ମଜଦୁର ସଂଘର ବରିଷ୍ଠ ସଦସ୍ୟ ବସନ୍ତ କୁମାର ସାହୁ, ଉପସଭାପତି ପ୍ରତିମା ମିଶ୍ର, ସହ-ସମ୍ପାଦିକା ରୋଜାଲିନ ମହାନ୍ତି, ପୁଷ୍ପଲତା ଜେନା, ଶୈଳବାଳା ରଥ, ଦମୟନ୍ତୀ ସାହୁ, ସୁଜାତା ପ୍ରଧାନ, ମୀରା ମହାନ୍ତି, ପଙ୍କଜିନୀ ପଟେଲ, ମାଧବୀଲତା ବାରିକ, ଝରଣା ପରିଡା, ବନୀତା ବାରିକଙ୍କ ସମେତ ବହୁ କର୍ମକର୍ତ୍ତା ଏହି ବୈଠକରେ ଉପସ୍ଥିତ ଥିଲେ ।


## ଗରାପୁର ଶ୍ରୀମହାବୀର ହନୁମାନ ଆଶ୍ରମରେ ଶ୍ରୀରାମଚରିତ ମାନସ ପାରାୟଣ



କେନ୍ଦ୍ରାପଡ଼ା: ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଶୁଭ ଜନ୍ମ ମହୋତ୍ସବ ଶ୍ରୀରାମନବମୀ ଅବସରରେ ପରମପୂଜ୍ୟ ବାବା ଶ୍ରୀ ଶ୍ରୀ ବୈକୁଣ୍ଠନାଥଙ୍କ ଦ୍ୱାରା ପ୍ରତିଷ୍ଠିତ ଗରାପୁରସ୍ଥିତ ଶ୍ରୀମହାବୀର ହନୁମାନ ଆଶ୍ରମରେ ନବଦିନ ବ୍ୟାପି ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଶନିବାର ଠାରୁ ଆରମ୍ଭ ହୋଇଛି । ପ୍ରତ୍ୟେକ ଦିନ ସକାଳ ଓ ଅପରାହ୍ନରେ ଶ୍ରୀରମଚରିତ ମାନସ, ତୁଳସୀ ରାମାୟଣ ପାରାୟଣ ଅନୁଷ୍ଠିତ ହେଉଥିବା ବେଳେ ସନ୍ଧ୍ୟାରେ ବିଭିନ୍ନ ସାଧୁସନ୍ଥ ଓ ବିଜ୍ଞ ପ୍ରବଚକମାନଙ୍କ ଦ୍ୱାରା ଶ୍ରୀରାମକଥା ପ୍ରବଚନ ଅନୁଷ୍ଠିତ ହେଉଅଛି । ଏହି କାର୍ଯ୍ୟକ୍ରମ ଆସନ୍ତା ଅପ୍ରେଲମାସ ୬ ତାରିଖ ଶ୍ରୀରାମ ନବମୀ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ଅବସରରେ ଆଶ୍ରମର ମୁଖ୍ୟ ତଥା ମନ୍ଦିର ପରିଚାଳନା କମିଟି ସଭାପତି ବାବାଜୀ ଚେତନାନନ୍ଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମରେ ଶନିବାର ଓ ରବିବାର ପ୍ରବଚକ ସତ୍ୟାନନ୍ଦ ଦାସ, ସୋମବାର ବାବାଜୀ ଅମୃତାନନ୍ଦ ଦାସ ରାମାୟଣ ଉପରେ ପ୍ରବଚନ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କପାଳେଶ୍ୱର ଗ୍ରାମପଂଚାୟତ ସମେତ ଆଖପାଖ ଅଂଚଳରୁ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ ପ୍ରବଚନ ଶ୍ରବଣ କରିବା ସହ ବିଭୁକୃପା ଲାଭ କରିଥିଲେ । ବାବାଜୀ ଶ୍ରଦ୍ଧାନନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଓଡ଼ିଆ ଅସ୍ମିତାର ମହାନ୍ ସାଧକ ମାଧବ ପ୍ରସାଦ ମିଶ୍ର, ଅବହେଳାର ଅନ୍ଧାର ଭିତରୁ ମିଳିବକି ଉପଯୁକ୍ତ ମର୍ଯ୍ୟାଦା

ଖଣ୍ଡପଡା,(ନି.ପ୍ର) ଖଣ୍ଡପଡ଼ା ସହର ବାସିନ୍ଦା ଶ୍ରୀ ମାଧବ ପ୍ରସାଦ ୧୯୪୫ ମସିହା ନଭେମ୍ବର ୧୮ ତାରିଖରେ ଜନ୍ମଲାଭ କରିଥିବା ବେଳେ ବାଲ୍ୟକାଳରୁ ସ୍ୱାଧୀନ ନେତା ମନୋଭାବ ରଖିଥିବା ଶ୍ରୀ ମିଶ୍ର ୧୯୬୨ ମସିହାରେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପରୀକ୍ଷାରେ ଉତିର୍ନ୍ନ ହେବା ପରେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ଓ କଟକ ରେଭେନ୍ସା କଲେଜରୁ ଉଚ୍ଚ ଶିକ୍ଷା ଗ୍ରହଣ କରିଥିଲେ । ଛାତ୍ର ଜୀବନରୁ ସୋସୋଲିଷ୍ଟ ପାର୍ଟିରେ ଯୋଗଦେଇ ୧୯୬୪ ମସିହା ଛାତ୍ର ଆନ୍ଦୋଳନ ଠାରୁ ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତି ପର୍ଯ୍ୟନ୍ତ ଦୀର୍ଘ ୧୧ ବର୍ଷ ଧରି ସେ ବିଭିନ୍ନ ଗଣ ଆନ୍ଦୋଳନରେ ଅଂଶଗ୍ରହଣ କରି ଅନେକବାର କାରାବରଣ ମଧ୍ୟ କରିଛନ୍ତି । ଛାତ୍ର ଜୀବନରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଗଭୀର ରୁଚି ରଖିଥିବା ଶ୍ରୀ ମିଶ୍ର ସାମ୍ପ୍ରତିକ ସମସ୍ୟା ସମ୍ପର୍କରେ ଅନେକ ଗଳ୍ପ କବିତା ଲେଖି ବିଭିନ୍ନ ଅନୁଷ୍ଠାନରେ ସମ୍ବର୍ଦ୍ଧିତ ହେବା ସହ ଅନେକ ପତ୍ର ପତ୍ରିକାରେ ମଧ୍ୟ ପ୍ରକାଶିତ ପାଇଛି । ଏବେ ମଧ୍ୟ ପରିଣତ ବୟସରଙ୍କ ସାମାଜିକ ଗଣମାଧ୍ୟମରେ ଖୁବ୍ ଚଳଚଂଚଳ ଅଛନ୍ତି । ୧୯୭୩ ମସିହା ଆଇନ୍ ବୃତିରେ ପ୍ରବେଶ କରିଥିଲେ ଶ୍ରୀ ମିଶ୍ର । ୧୯୭୫ ମସିହା ଏପ୍ରିଲ୍ ୧ ତାରିଖରୁ ସଙ୍କଳ୍ପବଧ ଶ୍ରୀ ମିଶ୍ର ଅଦ୍ୟାବଧି ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ନୀରବଛିନ୍ନ ଭାବରେ ଓଡ଼ିଆ ଭାଷାରେ ଅଦାଲତରେ ସମ୍ଭାଷଣ କରନ୍ତି ଓ ଜାବବ୍ ସୁଆଲ କରନ୍ତି । ଓଡ଼ିଶାର ବିଭିନ୍ନ ଅଦାଲତରେ ଓଡ଼ିଆ ଭାଷାରେ ମୋକଦ୍ଦମା ପରିଚାଳନା କରିବାରେ ଜଣେ ଜଣାଶୁଣା ଆଇନ୍‌ଜୀବି । ମାତୃଭାଷାରେ ସାର କଥାକୁ ବ୍ୟାଖ୍ୟା କଲେ ତାହା ଅଦାଲତଙ୍କର ଅଧିକ ବୋଧଗମ୍ୟ ହୁଏ ଓ ଉଚିତ୍ ନ୍ୟାୟ ମିଳିପାରେବୋଲି ଶ୍ରୀ ମିଶ୍ର ଦୃଢତାର



ସହିତ କୁହନ୍ତି । ୧୯୭୫ ମସିହା ଜରୁରୀ ପରିସ୍ଥିତି ସମୟରେ ଶ୍ରୀ ମାଧବ ମିଶ୍ରଙ୍କୁ ନୟାଗଡ଼, ଭନଗର ଓ ଖଣ୍ଡପଡ଼ା ଜେଲ୍‌ରେ ଦୀର୍ଘ ୧୮ ମାସ କାଳ ମିସା ଆଇନ୍‌ରେ ବନ୍ଦି କରି ରଖାଯାଇଥିଲା । କିନ୍ତୁ ବର୍ତମାନର ରାଜ୍ୟ ସରକାର ସେହି ସମୟରେ ବନ୍ଦି ମାନଙ୍କୁ ଚିହ୍ନଟ କରି ମାସିକ ଭତା ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ସହ ସମ୍ମାନୀତ କରିବେ ବୋଲି ଘୋଷଣା କରିଛନ୍ତି । ଶ୍ରୀ ମିଶ୍ର ହେଉଛନ୍ତି ଜଣେ ବିପ୍ଲବି ଓ ଜନନେତା ତଥା ଭାଷା ସଂସ୍କୃତି ସମ୍ପନ୍ନ ସାମାଜିକ କର୍ମି । ଜଣେ ଓଡ଼ିଆ ଭାଷା, ସାହିତ୍ୟ ତଥା ସଂସ୍କୃତିର ବାସ୍ତବ ଉପାସକ ଓ ଅଦାଲତରେ ଓଡ଼ିଆ ଭାଷାର ସଂରକ୍ଷକ ଭାବରେ ଶ୍ରୀ ମାଧବ ପ୍ରସାଦ ମିଶ୍ରଙ୍କର ଅବଦାନ ଅବିସ୍ମରଣୀୟ । ଏପରି ଜଣେ ବହୁମୁଖୀ ପ୍ରତିଭାକୁ ଚିହ୍ନଟ କରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ତଥା ସର୍ବୋପରି ଓଡ଼ିଆ ଅସ୍ମିତାର ଜଣେ ଚରମ ଉତ୍କର୍ସ କାରୀଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେବାର ପ୍ରକୃଷ୍ଟ ସମୟ ଆସିଛି । ଓଡ଼ିଶା ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ଭାଷା ସାହିତ୍ୟ, ସଂସ୍କୃତି ଅନୁଷ୍ଠାନ ମାନେ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବାର ଆବଶ୍ୟକତା ମଧ୍ୟ ରହିଛି । ବିଶେଷ କରି ଚଳିତ ବର୍ଷ ପାଇଁ ତାଙ୍କୁ ପଦ୍ମ ସମ୍ମାନରେ ଭୁଷିତ କରାଗଲେ ଉପଯୁକ୍ତ ସମ୍ମାନ ମିଳିବ ବୋଲି ଅନେକ ବୁଦ୍ଧିଜୀବି ମତବ୍ୟକ୍ତ କରିଛନ୍ତି ।

## ବୟାଳିଶ ମୌଜା ବିକାଶ ପରିଷଦର ମେଧା ଓ ପ୍ରତିଭା ସମ୍ମାନ ଉତ୍ସବ ୨୦୨୫ର ପ୍ରସ୍ତୁତି ବୈଠକ

ଫୁଲନଖରା: କଟକ ସଦର ୪୨ ମୌଜାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୪୨ମୌଜା ବିକାଶ ପରିଷଦର ୨୪ତମ ମେଧା ଓ ପ୍ରତିଭା ସମ୍ମାନ ଉତ୍ସବର ପ୍ରସ୍ତୁତି ବୈଠକ ଆଜି ବହଳପଡ଼ା ଗୋପିନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପରିଷଦର ସଭାପତି ଆଡ଼ଭୋକେଟ୍ କେଶବ ଚନ୍ଦ୍ର କର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ବିକାଶ ପରିଷଦର ପୂର୍ବତନ ପ୍ରାଥମିକ ସଦସ୍ୟ, ଶିକ୍ଷାବିତ୍ ନାଟ୍ୟ ନିର୍ଦ୍ଦେଶକ ପବିତ୍ର ମୋହନ ପ୍ରଧାନଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଆଗାମୀ ମେଧା ଓ ପ୍ରତିଭା ସମ୍ମାନ ଉତ୍ସବ ନିମନ୍ତେ ଆଲୋଚନାରେ ଅଂଶଗ୍ରହଣ କରି ପରିଷଦର ସାଧାରଣ ସଂପାଦକ ସନ୍ତୋଷ କୁମାର ପତି, ଉପସଭାପତି ଗୌତମ ପରିଡ଼ା, ସହସଂପାଦକ ସୁରେଶ ଚନ୍ଦ୍ର ଦେବତା, ଉପଦେଷ୍ଟା ଅଧ୍ୟାପକ ଗଣେଶ୍ୱର ଦାସ, ଅଧ୍ୟାପକ ସ୍ୱାଧିନ ଶେଖର ଷଡ଼ଙ୍ଗୀ, ଧିରେନ୍ଦ୍ର ବେହେରା, ପ୍ରମୋଦ କୁମାର ମହାପାତ୍ର, ପ୍ରସନ୍ନ କୁମାର ଦଳାଇ, ସ୍ମୃତି ମହାନ୍ତି ମାଟ୍ରିକ ପରୀକ୍ଷାର ଫଳାଫଳ ବାହାରିବା ପରେ ପରେ ମେ ମାସର ୨୫ ତାରିଖ ରବିବାର ମେଧା ପ୍ରତିଭା ସମ୍ମାନ ଉତ୍ସବ କରିବା ନିମନ୍ତେ ସଭାରେ ଆଲୋଚନା ହୋଇଥିଲା । ଏପ୍ରିଲ ୩୦ ସୁଦ୍ଧା ସ୍ମରଣିକା “ପଲ୍ଲିଶ୍ରୀ” ନିମନ୍ତେ ସମସ୍ତ ଲେଖାମାନ ସଂପାଦକ ସନ୍ତୋଷ କୁମାର ପତି ଓ ଉପଦେଷ୍ଟା ପ୍ରମୋଦ କୁମାର ମହାପାତ୍ରଙ୍କ ନିକଟରେ ପହଁଚାଇବା ନିମନ୍ତେ ସଭାରେ ନିଷ୍ପତି ନିଆଯାଇଥିଲା । ବୟାଳିଶ ମୌଜା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ତୁରନ୍ତ ଜିଲ୍ଲାପାଳଙ୍କୁ ଓ କମିଶନରେଟ୍ ପୋଲିସଙ୍କୁ ଭେଟି ପରିଷଦ ତରଫରୁ ଏକେ ଲିଖିତ ଅଭିଯୋଗ ପ୍ରଦାନ କରିବାକୁ ସଭାରେ ସ୍ଥିର କରାଗଲା । ପ୍ରଦାନ କରି ନୈଶ୍ୟ ଭୋଜିରେ ଯୋଗ ଦେବାକୁ ଅନୁରୋଧ କରିଥିଲେ ।

## ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଖଣ୍ଡପଡା,(ନି.ପ୍ର) ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପିଏମ ଶ୍ରୀ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପରେ ପ୍ରଥମକରି ବାର୍ଷିକ ଉତ୍ସବ ପାଳନ କରିଛି । ଅନୁଷ୍ଠାନ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ରୁପେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ମୁଖ୍ୟ ବକ୍ତା ରୁପେ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ଓ ସମ୍ମାନୀତ ଅତିଥି ରୁପେ ଶିକ୍ଷାବିତ୍ ମହେଶ୍ୱର ନନ୍ଦ, ଖଳିସାହି କ୍ଲଷ୍ଟର ସିଆରସିସି ପ୍ରଭାତ କୁମାର ସେଠୀ, ବିଦ୍ୟାଳୟ ପଂଚସଖା ଶିକ୍ଷାସେତୁର ସଭାପତି କାଶୀନାଥ ଦାସ, ବିଦ୍ୟଳୟ ପରିଚାଳନା କମିଟି ସଭାନେତ୍ରୀ ରୋଜାଲିନ ପରମଗୁରୁ, ବରିଷ୍ଠ ଶିକ୍ଷୟତ୍ରୀ ଗୀତାଜଂଳି ଖଟୁଆ ପ୍ରମୁଖ ଯୋଗଦେଇଥିଲେ । ଅନୁଷ୍ଠାନର ପ୍ରଧାନ ଶିକ୍ଷୟତ୍ରୀ ଲିପ୍ସା ନନ୍ଦ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ । ଗୁଣାତ୍ମକ ଶକ୍ଷା ପ୍ରଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଗାରିମା ସଂପର୍କରେ ଅତିଥିମାନେ ମତ ରଖିଥିଲେ । ଏ ଅବସରରେ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଖଣ୍ଡପଡା ଉପ ଡ଼ାକଘରେ ଗ୍ରାହକ ସେବା ବିପର୍ଯ୍ୟସ୍ତ

ଖଣ୍ଡପଡା, (ନି.ପ୍ର)ଖଣ୍ଡପଡା ସହରର ୧ ନଂ ୱାର୍ଡସ୍ଥିତ ଉପ ଡ଼ାକଘରେ ଗ୍ରାହକ ସେବା ବିପର୍ଯ୍ୟସ୍ତ ହୋଇପଡିଥିବା ଜଣାପଡିଛି । ଫଳରେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଦୈନିକ ବିଭିନ୍ନ କାର୍ଯ୍ୟରେ ଆଖପାଖ ଅଂଚଳର ଜନସାଧାରଣ ଉପ ଡ଼ାକଘରକୁ ଆସୁଥିବା ବେଳେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ୱେ ଉପ ଡ଼ାକଘର ପରିସରରେ ଜନସାଧାରଣଙ୍କ ବସିବା ନିମନ୍ତେ ଆବଶ୍ୟକୀୟ ଗୃହ, ପାନୀୟ ଜଳର ସୁବିଧା ନଥିବା ଜଣାପଡିଛି । ଆଧାର କାର୍ଡ ସଂଶୋଧନ ଠାରୁ ଆରମ୍ଭ କରି ଟଙ୍କା ନେଣ ଦେଣ ପରି ଛୋଟ ଛୋଟ କାର୍ଯ୍ୟ ପାଇଁ ଜନସାଧାରଣଙ୍କୁ ବାହାରେ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡୁଛି । ଉପ ଡ଼ାକଘର ମଧ୍ୟରେ କର୍ମଚାରୀ ମାନେ ବସି କାର୍ଯ୍ୟ କରୁଥିବା ବେଳେ ଉପ ଡ଼ାକଘର ବାରଣ୍ଡା ଓ ବାହାରେ ଜନସାଧାରଣ ଦିର୍ଘ ସମୟ ଧରି ଅପେକ୍ଷା କରୁଥିବା ପରିଲକ୍ଷିତ ହେଉଛି । ଏବେ ଗ୍ରୀଷ୍ମର ପ୍ରକୋପ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି । ଖଣ୍ଡପଡା ଉପ ଡ଼ାକଘରେ ଦେଖାଦେଇଥିବା ଅବ୍ୟବସ୍ଥା ପ୍ରତି ଡ଼ାକ ବିଭାଗ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ସେହିପରି ଖଣ୍ଡପଡା ଉପ ଡ଼ାକଘରେ ଖାଲି ପଡିଥିବା ପଦବୀ ଗୁଡିକୁ ପୁରଣ ଦିଗରେ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେବାକୁ ଖଣ୍ଡପଡା ସହରବାସୀ ଦାବି କରିଛନ୍ତି ।




## ବିଂଶତମ ପୂଣ୍ୟତିଥିରେ ଜିନ୍ଦଲ ଷ୍ଟିଲ ପକ୍ଷରୁ ଓପି ଜିନ୍ଦଲଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି

ଯୋଡ଼ା/ବଡ଼ବିଲ/ଟେନସା: ବିଶିଷ୍ଟ ଶିଳ୍ପପତି ଏବଂ ଓ. ପି. ଜିନ୍ଦଲ ଗ୍ରୁପର ପ୍ରତିଷ୍ଠାତା ଅଧକ୍ଷ ତଥା ବାଉଜୀ ଭାବେ ବେଶ ଲୋକପ୍ରିୟ ଶ୍ରୀ ଓମ ପ୍ରକାଶ ଜିନ୍ଦଲଙ୍କ ବିଂଶତମ ପୂଣ୍ୟତିଥି ଜିନ୍ଦଲ ଷ୍ଟିଲର ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଓ ଟେନସା ମାଇନ୍ସରେ ଶ୍ରଦ୍ଧାର ସହ ପାଳିତ ହୋଇଛି । ମାର୍ଚ୍ଚ ୩୧ ତଥା ତାଙ୍କ ପୂଣ୍ୟ ତିଥିରେ ଜିନ୍ଦଲ ଷ୍ଟିଲର ବିଭିନ୍ନ କାର୍ଯ୍ୟସ୍ଥଳରେ ବିଭିନ୍ନ ଆଧ୍ୟାତ୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପୂଣ୍ୟତିଥି ପାଳନ ଅବସରରେ କଲୋନି ପରିସର ମନ୍ଦିରରେ ପୂଜା ଓ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା । ବଡ଼ବିଲ ପେଲେଟ ପ୍ଲାଣ୍ଟ ୟୁନିଟ ହେଡ୍ ଶ୍ରୀ ପୁରୁଷୋତ୍ତମ ଏମ ଡି, କାଶିଆ ମାଇନ୍ସ ୟୁନିଟ ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର, ଟେନସା ମାଇନ୍ସ ୟୁନିଟ ହେଡ୍ ଶ୍ରୀ ରଘୁରାଜ ରଘୁବଂଶୀ ଓ ଏଚଆର ଏଣ୍ଡ ଇଏସ ମୁଖ୍ୟ ଶ୍ରୀ ଆଶିଷ ରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ସାମିଲ ହୋଇ ପୂଣ୍ୟାତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜିନ୍ଦଲ ନଗରରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ କର୍ମଚାରୀ ଓ ସ୍ଥାନୀୟ



ବାସିନ୍ଦା ଉପସ୍ଥିତ ରହି ଶ୍ରୀ ଓପି ଜିନ୍ଦଲଙ୍କ ସ୍ମୃତି ଚାରଣ କରିଥିଲେ । ସମସ୍ତ ୩ଟି ୟୁନିଟରେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ ହୋଇଥିଲା । ପେଲେଟ ପ୍ଲାଣ୍ଟ ଓ କାଶିଆ ମାଇନ୍ସରେ କେନ୍ଦୁଝର ଓ ଟେନସା ମାଇନ୍ସରେ ସୁନ୍ଦରଗଡ଼ ଜିଲ୍ଲା ବ୍ଲଡବ୍ୟାଙ୍କ ସହାୟତାରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ୩ଶହରୁ ଅଧିକ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । କର୍ମଚାରୀଙ୍କ ସମେତ ପାରିପାର୍ଶ୍ୱିକ ଅଞ୍ଚଳର ଲୋକେ ମଧ୍ୟ ଉତ୍ସାହର ସହ ରକ୍ତଦାନ କରିଥିଲେ । ସମାଜ ପ୍ରତି ଜିନ୍ଦଲ ଷ୍ଟିଲର ଉତ୍ତର ଦାୟିତ୍ୱ ଏହି ଶିବିର ମାଧ୍ୟମରେ ପ୍ରତିଫଳିତ ହୋଇଥିଲା । ସେହିପରି ଲେଡିଜ କ୍ଲବ ପକ୍ଷରୁ ଟାଉନସିପରେ ଏକାଧିକ ସ୍ମୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କର୍ମଚାରୀ ଓ ବିଜନେସ ଆସୋସିଏଟ୍ସ ସାମିଲ ହୋଇଥିଲେ । ଜିନ୍ଦଲ ଷ୍ଟିଲର ଭୁବନେଶ୍ୱର କାର୍ଯ୍ୟାଳୟରେ ମଧ୍ୟ ଶ୍ରୀ ଓପି ଜିନ୍ଦଲଙ୍କୁ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶ୍ରୀ ପ୍ରଶାନ୍ତ ହୋତା, ପ୍ରେସିଡେଣ୍ଟ ଓ ଗ୍ରୁପ ହେଡ୍ ସିଏସଆର, ମେକ୍ ଇନ ଇଣ୍ଡିଆର ଭିତ୍ତିଭୂମି ପ୍ରତିଷ୍ଠା ତଥା ଶିଳ୍ପ ପ୍ରତିଷ୍ଠା ଦ୍ୱାରା ସାମଗ୍ରିକ ସାମାଜିକ ବିକାଶ କ୍ଷେତ୍ରରେ ଶ୍ରୀ ଓପି ଜିନ୍ଦଲଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଶ୍ରୀ ଓମପ୍ରକାଶ ଜିନ୍ଦଲ (୭, ଅଗଷ୍ଟ ୧୯୩୦- ମାର୍ଚ୍ଚ ୩୧, ୨୦୦୫) ହରିୟାଣାର ହିସାରରେ ଜନ୍ମଲାଭ କରିଥିଲେ । ସେ ଜିନ୍ଦଲ ଗ୍ରୁପ୍ ଅଫ୍ କମ୍ପାନିର ପ୍ରତିଷ୍ଠା କରିଥିଲେ ଏବଂ ଏହାର ପ୍ରତିଷ୍ଠାତା ଅଧକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ ।

## ସଠିକ୍ ଖାଦ୍ୟ ନିମନ୍ତେ ପୁରସ୍କୃତ ହେଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଶ୍ରୀ ଜଗନ୍ନାଥ ମନ୍ଦିର



ମାଲକାନଗିରି: ସଂପୂର୍ଣ୍ଣ ଭୋଜନ ସୁସ୍ଥ ଜୀବନ ଟାଗ୍ କାର୍ଯ୍ୟକ୍ରମ ମାଧ୍ୟମରେ ପରିଚାଳିତ ଇଟ୍ ରାଇଟ୍ ଚ୍ୟାଲେଞ୍ଜ ଫେଜ୍ ୨୦୨୪ ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଶ୍ରୀ ଜଗନ୍ନାଥ ମନ୍ଦିର ପୁରସ୍କୃତ ହୋଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଇଟ୍ ରାଇଟ୍ କ୍ୟାମ୍ପସ ଭାବେ ଓ ଶ୍ରୀ ଜଗନ୍ନାଥ ମନ୍ଦିରକୁ ଇଟ୍ ରାଇଟ୍ ପ୍ଲେସ ଅଫ୍ ଓ୍ୱରସିପ ନିମନ୍ତେ ପୁରସ୍କୃତ କରାଯାଇଛି । ୧୭ ଫେବୃୟାରୀରେ ଫୁଡ୍ ଏବଂ ଡ୍ରଗ ଆଡମିନିଷ୍ଟ୍ରେସନ ପକ୍ଷରୁ ଏକ ଅଡିଟରଙ୍କ ଦଳ ମାଲକାନଗିରି ଗସ୍ତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସଦରମହକୁମା ଶ୍ରୀ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ। ସେଠାରେ ପ୍ରସ୍ତୁତ ଓ ପ୍ରଦାନ କରାଯାଉଥିବା ଖାଦ୍ୟର ସୁରକ୍ଷା ଓ ମାନ ନିରୀକ୍ଷଣ କରିଥିଲେ। ଖାଦ୍ୟ ସୁରକ୍ଷା ମାନକ ହିସାବରେ ପୋଷଣଯୁକ୍ତ ଖାଦ୍ୟ ପ୍ରଦାନ କରାଯାଉଅଛି ବୋଲି ଏହି ପ୍ରତିନିଧି ଦଳ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗକୁ ପ୍ରମାଣ ପତ୍ର ପ୍ରଦାନ କରିଛନ୍ତି। ଏହି ସଫଳତାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ନିଜର ଖୁସି ବ୍ୟକ୍ତ କରି କହିଛନ୍ତି ଯେ ଏହା ଜିଲ୍ଲା ପାଇଁ ଏକ ଖୁସିର ବିଷୟ। ଏଥି ନିମନ୍ତେ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଶ୍ରୀ ଜଗନ୍ନାଥ ମନ୍ଦିରରେ ସମ୍ପୃକ୍ତ ସମସ୍ତ କର୍ମଚାରୀଙ୍କୁ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ ସେଠୀ ଏହି ପୁରସ୍କାର ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧର୍ମଶାଳା ବିଜେପି ତରଫରୁ ସମ୍ବର୍ଦ୍ଧନା



ଧର୍ମଶାଳା: ମାନ୍ୟବର କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯାଜପୁର ଜିଲ୍ଲା ଦେଇ ବାଲେଶ୍ୱର ଯିବା ବାଟରେ ଅପରାହ୍ନ ଚାରି ଘଟିକା ସମୟରେ ଧର୍ମଶାଳା ବିଜେପି ତରଫରୁ ଜାରକା ଛକ ନିକଟରେ ବିପୁଳ ପରିମାଣର ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ନିର୍ବାଚନ ପରେ ମାନ୍ୟବର ମନ୍ତ୍ରୀଙ୍କର ଯାଜପୁର ଜିଲ୍ଲାବାଟରେ ଏହା ପ୍ରଥମ ଗସ୍ତ। ତେଣୁ କରି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ତତ୍ୱାବଧାନରେ ହଜାର ହଜାର ବିଜେପି କର୍ମୀ, ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୫୪ଟି ପଞ୍ଚାୟତରୁ ୧୦ ହଜାରରୁ ଉର୍ଦ୍ଧ ଜନ ସାଧାରଣ ଏହି ସମ୍ବର୍ଦ୍ଧନା ପର୍ବରେ ଯୋଗଦେବା ସହିତ ବହୁ ମହିଳା କର୍ମୀ ଯୋଗଦେଇ ହୁଳା ହୁଳି ହରିବୋଲ ବାଜା, ବାଣ ଓ ଡିଜେ ବଜାଇ ସମ୍ବର୍ଦ୍ଧନା ଦେଇଥିଲେ। ଏକ ବିଶାଳକାୟ ଗେଣ୍ଡୁ ଫୁଲର ହାର ଏକ କ୍ରେନ ଦ୍ୱାରା ଉଠା ଯାଇ ମାନ୍ୟବର ମନ୍ତ୍ରୀଙ୍କୁ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା। କିଛି ସମୟ ପାଇଁ ଜାରକା ଛକରେ ଏକ ବିରାଟ ଖୁସିର ମହଲ ସୃଷ୍ଟି ହୋଇ ଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୬ଟୀ ଜୋନର ସଭାପତି ଓ ବିଜେପି ଦଳର ସମସ୍ତ କର୍ମକର୍ତ୍ତା ଯୋଗ ଦେବା ସହିତ ବରିଷ୍ଠ ବିଜେପି ନେତା କାନୁଚରଣ ଦାସ,ଶ୍ରୀକାନ୍ତ ସାହୁ, ଗିରିଧାରୀ ମାହାନ୍ତି, ଦେବରାଜ ମିଶ୍ର, ରାଜେଶ ପାଳ, ତ୍ରିର୍ଥରାଜ ପଣ୍ଡା, ଶ୍ରୀବତ୍ସ ଧୀର, ଜିତେନ୍ଦ୍ର ପାଳ, ଯୁଗଳ କିଶୋର ଦାସ, ମୁରଲୀ ପାଣ୍ଡବ ଶରତ ଓଝା, ନାରାୟଣ ଚନ୍ଦ୍ର ମଲ୍ଲିକ, ଉପେନ୍ଦ୍ର କର, ସୁନୀଲ ଦତ୍ତ ଏବଂ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବହୁ ବିଜେପି ବରିଷ୍ଠ ନେତା କର୍ମୀ ଯୋଗ ଦେଇଥିଲେ ।

## ଅବ୍ୟବସ୍ଥା ଘେରରେ ଜାମୁସାହି ଉଚ୍ଚ ବିଦ୍ୟାଳୟ



ଦଶପଲ୍ଲା : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ରେ କୁଲୁରକୁମ୍ପା ପଞ୍ଚାୟତରେ ବ୍ୟାପକ ଅବ୍ୟବସ୍ଥା ଘେରରେ ଜାମୁସାହି ଉଚ୍ଚ ବିଦ୍ୟାଳୟ। ସ୍ଥାନୀୟ ଜନସାଧାରଣଙ୍କ ଅଦମ୍ୟ ପ୍ରଚେଷ୍ଟାରେ ଗଢି ଉଠିଥିବା ହାଇସ୍କୁଲ ଏବେ ଅବ୍ୟବସ୍ଥା ଘେରରେ ପରିଚାଳିତ ହେଉଅଛି। ପ୍ରଧାନ ଶିକ୍ଷୟତ୍ରିଙ୍କ ମନାମାନୀ ଯୋଗୁଁ ଅନେକ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବେ ଅନ୍ଧକାର ହେବାକୁ ଯାଉଛି। ସ୍ଥାନୀୟ ଜନସାଧାରଣଙ୍କ ଦାନ ତଥା ଉଦ୍ୟମରେ ହଷ୍ଟେଲର ଦୂରାବସ୍ଥା ଏବେ କହିଲେ ନ ସରେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଙ୍କ କହିବା ଅନୁସାରେ ହଷ୍ଟେଲ ଟିରେ ଆବଶ୍ୟକ ସୁବିଧା ସୁଯୋଗ ନଥିବାରୁ ଗତବର୍ଷ ସେ ହଷ୍ଟେଲର ଭିତିଭୂମି ଓ ଉପଯୁକ୍ତ ସୁବିଧା ସୁଯୋଗ ନଥିବାରୁ ଜିଲ୍ଲା ପ୍ରଶାସନ ତରଫରୁ ହଷ୍ଟେଲରେ ଉପଯୁକ୍ତ ସୁବିଧା ସୁଯୋଗ ଉପଲବ୍ଧ କରାଇବା ପାଇଁ ପ୍ରଧାନଶିକ୍ଷୟତ୍ରୀ ଓ ପରିଚାଳନା କମିଟି କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପ୍ରଧାନ ଶିକ୍ଷୟତ୍ରୀ ଙ୍କ କାଳକ୍ଷେପଣ ନୀତି ଯୋଗୁଁ ଆଦ୍ୟାବଧି ଏହି ହଷ୍ଟେଲରେ ଛାତ୍ରଛାତ୍ରୀ ରହିବା ପାଇଁ ଉପଯୁକ୍ତ ସୁବିଧା ସୁଯୋଗ ସୃଷ୍ଟି କରି ପାରିନାହାନ୍ତି। ଫଳତଃ ୨୫-୨୬ ଶିକ୍ଷାବର୍ଷ ପାଇଁ ଛାତ୍ରଛାତ୍ରୀ ଗ୍ରହଣ କରିବା ବଦଳରେ ଛାତ୍ରଛାତ୍ରୀ ମାନଙ୍କୁ ବାଧ୍ୟତା ମୂଳକ ଭାବରେ ବିଦ୍ୟାଳୟ ପରିତ୍ୟାଗ ପ୍ରମାଣପତ୍ର ଦେଇ ବିଦା କରିଦେବାକୁ ଚେଷ୍ଟା କରୁଥିଲେ। ଖବର ପାଇ ପରିଚାଳନା କମିଟି ଓ ସ୍ଥାନୀୟ ଜନସାଧାରଣ ଏହାର ତୀବ୍ର ବିରୋଧ କରିଥିଲେ। ଫଳତଃ ଆଜି ସକାଳୁ ବିଦ୍ୟାଳୟ ସମୁଖରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। କିଛି ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ଖବର ସଂଗ୍ରହ କରିବା ପରେ ପ୍ରଧାନ ଶିକ୍ଷୟତ୍ରୀ ଛାତ୍ରଛାତ୍ରୀଙ୍କୁ ଅଭିଭାବକ ଙ୍କୁ ଅବଗତ କରାଇବା ପାଇଁ ଘରକୁ ପଠାଇ ଦେଇଥିଲେ। କିନ୍ତୁ ଗ୍ରାମବାସୀ ମାନେ ଛାତ୍ରଛାତ୍ରୀ ମାନଙ୍କୁ କାହିଁକି ହଷ୍ଟେଲ ରୁ ବାହାର କରିଦେଲେ ବୋଲି ପ୍ରତିବାଦ କରି ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇଛନ୍ତି ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀ । ଖବର ପାଇ ଘଟଣା ସ୍ଥଳରେ ବାଣୀଗୋଛା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିବା ବେଳେ , ସ୍ଥାନୀୟ ତହସିଲଦାର ଓ ବ୍ଲକ୍ ଶିକ୍ଷା ଅଧିକାରୀ ପହଞ୍ଚି ଘଟଣାର ସମାଧାନ କରିଥିଲେ।

## ପୁଲିସ କାହା ନିର୍ଦ୍ଦେଶରେ ବିଧାନସଭା ଗୃହ ମଧ୍ୟକୁ ପ୍ରବେଶ କରିଥିଲା: କଂଗ୍ରେସ

## ବିଜେଡି-ବିଜେପି ମଧ୍ୟରେ ଥିବା ସନ୍ଧି ଉଭୟ ସଂସଦ ଓ ବିଧାନ ସଭାରେ ଦେଖିବାକୁ ମିଳିଲା: ତାରା



ଭୁବନେଶ୍ୱର: ଭାରତ ବର୍ଷର ଗଣତାନ୍ତ୍ରିକ ଇତିହାସରେ ପ୍ରଥମ ଥର ପାଇଁ ଓଡ଼ିଶା ବିଧାନସଭାର ଗୃହ ଭିତରକୁ ପୁଲିସ ପଶି ବିଧାନସଭାର ଧାରଣାରେ ବସିଥିବା କଂଗ୍ରେସ ସଦସ୍ୟ ମାନଙ୍କୁ ବଳପ୍ରୟୋଗ କରି ଏବଂ ତାଙ୍କୁ ଧସ୍ତାଧସ୍ତି କରି ଅର୍ଦ୍ଧ ରାତ୍ରିରେ ଆଣି ମାଷ୍ଟରକ୍ୟାଣ୍ଟିନ ଛକରେ ଛାଡ଼ିଲା। ସାରା ପୃଥିବୀର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆପଣେଇ ଥିବା କୌଣସି ଏକ ରାଷ୍ଟ୍ରରେ ଏଭଳି ଘଟଣା କେବେ ଘଟିନାହିଁ ବା ଘଟିବାର ନଜିର ମଧ୍ୟ ନାହିଁ। ଆଜି ଯେଉଁମାନେ ଓଡ଼ିଶାରେ କ୍ଷମତାରେ ଅଛନ୍ତି ସେମାନେ କେବେହେଲେ ଭାରତ ବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଅଂଶ ଗ୍ରହଣ କରିନଥିଲେ କିମ୍ବା ଆମେ ଆପଣେଇଥିବା ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ମଧ୍ୟ ତାଙ୍କର ସମ୍ମାନ ଓ ସହମତି ନଥିଲା ଓ ଆଜି ମଧ୍ୟ ନାହିଁ। ମୂଳ ପ୍ରଶ୍ନ ହେଉଛି ସମ୍ବିଧାନର ଧାରା ୧୦୮ ଅନୁସାରେ ଓଡ଼ିଶା ବିଧାନସଭାର ପରିଚାଳନା କରିବା ପାଇଁ ଯେଉଁ ଆଇନ୍ ଓ ବ୍ୟବସ୍ଥା ପ୍ରଣୟନ କରାଯାଇଛି ତା'ର ନିୟମ ୨୧୬ ଅନୁସାରେ ବିଧାନସଭାର ବାଚସ୍ପତି ଗୃହକୁ ସୁଚାରୁରୂପେ ପରିଚାଳନା କରିବା ତାଙ୍କର ଦାୟିତ୍ୱ। ଗୃହ ଚାଲିଥିବା ସମୟରେ ବାଚସ୍ପତି ମହୋଦୟା ଯେଉଁ ରୁଲିଂ ଦେବେ ତାହା ତୁରନ୍ତ କାର୍ଯ୍ୟକାରୀ କରାଯାଏ କିନ୍ତୁ ଯେତେବେଳେ ଗୃହ ବନ୍ଦ ରହିଛି ସେ ସମୟରେ ବାଚସ୍ପତି ମହୋଦୟା କୌଣସି ରୁଲିଂ ଦେଇପାରିବେ ନାହିଁ। ବୋଲି ଏହି ନିୟମରେ ଉଲ୍ଲେଖ ଅଛି। ତେଣୁ ଯେତେବେଳେ ଗୃହ ବନ୍ଦ ରହିଥିଲା ସେତେବେଳେ କାହା ନିର୍ଦ୍ଦେଶରେ ପୁଲିସ ବିଧାନସଭାର ପବିତ୍ର ଗୃହ ଭିତରକୁ ପ୍ରବେଶ କରିଥିଲା ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ କହିଥିଲେ। ଶ୍ରୀ ହରିଚନ୍ଦନ ଆହୁରି କହିଥିଲେ ଯେ ଏଭଳି ସ୍ଥିତି ଆମ ଗଣତନ୍ତ୍ର ପ୍ରତି ଘୋର ବିପଦ ସୃଷ୍ଟି କରୁଛି। ବାଚସ୍ପତି ମହୋଦୟା ରାଜ୍ୟବାସୀଙ୍କ ସମ୍ମୁଖରେ ଏହାର ସଂପୂର୍ଣ୍ଣ ତଥ୍ୟ ରଖନ୍ତୁ। ବିଧାନସଭା ଭିତରକୁ କେବଳ ବିଧାୟକମାନଙ୍କର ଯିବାର ଅନୁମତି ଅଛି। ବିଧାନସଭା ବନ୍ଦ ଥିବାବେଳେ କିପରି ପୁଲିସ ବିଧାନସଭା ଭିତରକୁ ପଶିଲେ ? ଯଦି ପୁଲିସ ଅଧିକାରୀମାନେ ଅନଧିକାରଭାବେ ବିଧାନସଭା ଗୃହ ଭିତରକୁ ପ୍ରବେଶ କରିଛନ୍ତି ତାହାଲେ ବାଚସ୍ପତି ମହୋଦୟା ତାଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଯଦି ବିଧାନସଭା ଚାଲୁନଥିଲା ଏବଂ ବାଚସ୍ପତିଙ୍କର ନିର୍ଦ୍ଦେଶ ଦେବାରେ କ୍ଷମତା ରୁଲ୍-୨୧୬ ଅନୁସାରେ ନାହିଁ ତାହାଲେ କାହା ନିର୍ଦ୍ଦେଶବଳରେ ପୁଲିସ ସେଠାରେ ପଶିଥିଲା। ଏ କଥା ରାଜ୍ୟବାସୀଙ୍କ ଜାଣିବାର ଅଧିକାର ଅଛି। କଂଗ୍ରେସ ର ଏକ ପ୍ରତିନିଧିଦଳ ରାଜ୍ୟପାଳଙ୍କୁ ମଧ୍ୟ ଭେଟିଥିଲେ ଏବଂ ଦାବି ପତ୍ର ମଧ୍ୟ ଏହି ଘଟଣାକୁ ନେଇ ଦିଆଯାଇଥିଲା। ମହାମହିମ ରାଜ୍ୟପାଳ ଆମ ଶାସନ ବ୍ୟବସ୍ଥାର ସର୍ବୋଚ୍ଚ ଅଧିକାରୀ। ଆମ ସାମ୍ବିଧାନିକ ବ୍ୟବସ୍ଥାରେ ରାଜ୍ୟପାଳ ହେଉଛନ୍ତି ରାଜ୍ୟର ସର୍ବମୁଖ୍ୟ। ଏଣୁ ଏହି ଯୁକ୍ତିରେ ମହାମହିମ ରାଜ୍ୟପାଳ ଏ ଅଗଣତାନ୍ତ୍ରିକ ଓ ସମ୍ବିଧାନ ବିରୋଧି ନିଷ୍ପତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ କାହା ନିର୍ଦ୍ଦେଶରେ ପୁଲିସ ବିଧାନସଭା ଭିତରକୁ ପ୍ରବେଶ କରିଥିଲା ତାହା ମଧ୍ୟ ସେ ସାର୍ବଜନିନ କରିବା ଉଚିତ୍। ବିଧାୟକମାନଙ୍କୁ ବିଧାନସଭାରୁ ଅସାମ୍ବିଧାନିକ ଉପାୟରେ ବରଖାସ୍ତ କରି ଗଣତନ୍ତ୍ରର କଣ୍ଠରୋଧ କରିବା ଅତ୍ୟନ୍ତ ଚିନ୍ତା ଓ କ୍ଷୋଭର ବିଷୟ। ଆମ ସମୟରେ ଗୁରୁତ୍ୱପୂର୍ଣ୍ଣ ବିଲ୍ ପ୍ରସଙ୍ଗରେ ରାତି ରାତି ଆଲୋଚନା ହୋଇଛି। ବିରୋଧି ବିଧାୟକମାନେ ବହୁ ହଟ୍ଟଗୋଳ କରିଛନ୍ତି କିନ୍ତୁ ଓଡ଼ିଶା ବିଧାନସଭା ଇତିହାସରେ ଏଭଳି ନିଷ୍ପତି କେବେ ନିଆଯାଇନାହିଁ। ସାମ୍ବାଦିକମାନଙ୍କ ଓ୍ୱାକ୍‌ଅଫ୍ ବୋର୍ଡ଼ ବିଲ୍ ପାରିତ ପ୍ରସଙ୍ଗରେ ଉତର ରଖି ସେ କହିଥିଲେ ବିଜେଡ଼ି-ବିଜେପି ଏକ। ଏମାନଙ୍କ ଭିତରେ ଏକ ପ୍ରକାର ଡିଲ୍ ହୋଇଛି। ଓ୍ୱାକ୍‌ଅଫ୍ ବିଲ ଆସିବା ପୂର୍ବରୁ ଖୋଦ ବିଜୁ ଜନତାଦଳ ର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ଏବଂ ଦଳର ସାଂସଦ ମାନେ ଏହି ବିଲ୍‌କୁ ବିରୋଧ କରିବେ ବୋଲି କହିଥିଲେ। ଏହି ବିଲ୍ ଅଳ୍ପ ସଂଖ୍ୟକଙ୍କ ବିରୁଦ୍ଧରେ ଏକ ଷଡଯନ୍ତ୍ର ବୋଲି ବିଲ୍ ଉପସ୍ଥାପିତ ହେବାର ୨୪ ଘଣ୍ଟା ପୂର୍ବରୁ କହିଥିଲେ। କିନ୍ତୁ ବିଲ୍ ଉପସ୍ଥାପିତ ହେବା ଦିନ ବିଜୁ ଜନତା ଦଳ ତରଫରୁ ହ୍ୱିପ୍ ଜାରି ପରିବର୍ତ୍ତେ ଯେଉଁ ନିଷ୍ପତି ନିଆଗଲା ତାହା ଏମାନଙ୍କ ଭିତରେ ଥିବା ଡିଲ୍‌କୁ ପଦାରେ ପକାଇବ। କଂଗ୍ରେସ ବାରମ୍ବାର କହିଆସୁଛି ବିଜେଡ଼ି-ବିଜେପି ଏକ। ଏମାନେ ଅଭିନ୍ନ ନୁହଁନ୍ତି। ମୁଖ୍ୟମନ୍ତ୍ରୀ ଏହି ବିଲ୍ ଉପସ୍ଥାପନ ହେବାର କିଛିଦିନ ପୂର୍ବରୁ ଦୀଲ୍ଲି ଯାଇଥିଲେ କ'ଣ ଆଲୋଚନା ହେଲା କେଜାଣି। ତୁରନ୍ତ ନିଷ୍ପତି ବଦଳିଗଲା। ରାଜ୍ୟରେ ମୁସଲମାନ ଭାଇ ଓ ଭଉଣୀମାନେ ବିଜୁ ଜନତା ଦଳର ଅସଲ ରୂପକୁ ଦେଖିଲେ। ଆଚରଣ ଓ ଉଚ୍ଚାରଣ କେତେ ଭିନ୍ନ ତାହା ବାରମ୍ବାର ରାଜ୍ୟବାସୀ ଦେଖୁଛନ୍ତି ବୋଲି ସେ କହିଛନ୍ତି। ଖଣି ଦୁର୍ନିତ ପ୍ରସଙ୍ଗରେ ସାମ୍ବାଦିକମାନଙ୍କ ଏକ ପ୍ରଶ୍ନର ଉତର ରଖି କଂଗ୍ରେସ ବିଧାୟକ ଦଳର ନେତା ଶ୍ରୀ ରାମଚନ୍ଦ୍ର କାଡାମ୍ କହିଲେ ଯେ, ନୂଆ ସରକାର ଆସିଲା ପରେ ରାଜ୍ୟବାସୀ ଭାବିଥିଲେ ଖଣିମାଲିକଙ୍କ ସହିତ ରାଜ୍ୟରେ ଡବଲ ଇଞ୍ଜିନ ସରକାର କୌଣସି ପ୍ରକାର ବୁଝାମଣା କରିବ ନାହିଁ ବୋଲି ? କିନ୍ତୁ ଗତକାଲ ସିଏଜିଙ୍କ ରିପୋର୍ଟ ଆସିଲା ପରେ ଯେଉଁ ସବୁ ଘଟଣା ପ୍ରଘଟ ହେଲା ତାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ରାଜ୍ୟରେ ଆଇନ୍‌କୁ ଉଲଘଂନ କରି ଯେଉଁ ଖଣିମାଲିକ ମାନେ ଦୀର୍ଘ ବର୍ଷ ଧରି ଖଣିଜ ପଦାର୍ଥ ଉତୋଳନ କରିଥିଲେ ସେମାନଙ୍କ ଉପରେ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶନାମା ବଳରେ ସୁପ୍ରିମ୍‌କୋର୍ଟ ଦ୍ୱାରା ଯେଉଁ ସିଇସି ଫାଇନ୍ ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ ଆଜି ସୁଧା ରାଜ୍ୟ ସରକାର ସେ ସବୁ ଖଣିମାଲିକଙ୍କ ପାଖରୁ ୩୯୬୬.୩୪ ଲକ୍ଷ କୋଟି ଟଙ୍କା ଆଦାୟ କରିନାହାନ୍ତି।

## ତିନିବର୍ଷର ଶିଶୁର ବିସ୍ମୟକର ପ୍ରତିଭା



କଟକ : ଜୟାଂଶ ପାତ୍ର ନର୍ସରୀ ନାରାୟଣ ସ୍କୁଲରେ ପଢୁଥିବା ନର୍ସରୀ ଛାତ୍ର। ବାପା ଜଗଦୀଶ ପାତ୍ର ଓ ମାଆଙ୍କ ନାମ ଜୟଶ୍ରୀ ବିଶି। ପାଠପଢା ସହିତ ସଂସ୍କୃତ ଶ୍ଳୋକ ଶୁଦ୍ଧ ସ୍ପଷ୍ଟ ଓ ଅନର୍ଗଳ କହି ପାରୁଛି। ସାଧାରଣ ଜ୍ଞାନଠାରୁ ଆରମ୍ଭ କରି ନୈତିକ ଜ୍ଞାନ ଆଚରଣ ଓ ଉଚ୍ଚାରଣ ତଦ୍ ସହିତ ଆଶ୍ଚର୍ଯ୍ୟର ସ୍ମରଣ ଶକ୍ତି। ଗୋଟିଏ କଥା ଶୁଣିବା ପରେ କମ୍ପ୍ୟୁଟର ପରି ମସ୍ତିଷ୍କରେ ରଖି ପାରୁଛି ବୋଲି ପିଲାଟିର ସ୍କୁଲ ର ଗୁରୁଜୀ ଓ ଗୁରୁମାମାନେ ପ୍ରକାଶ କରିଛନ୍ତି । କେବଳ ସେତିକି ନୁହେଁ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମସ୍ଥାନ ଅଧିକାର କରେ। ସ୍ପୋର୍ଟସ , ଆଥଲେଟିକର ଯେକୌଣସି ଦୌଡ ପ୍ରତିଯୋଗିତା ହେଉ, ସେ ସବୁ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହିଁ ଅଧିକାର କରେ। ଜୟାଂଶୁର ବାପା ମା କହନ୍ତି ଯେ ସେ କେବେ ଚାଲେନି। ତାର ଚାଲିବା ଆରମ୍ଭ ହୁଏ ଦୌଡରୁ। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲାଟିର ପ୍ରତିଭା ସୁଗନ୍ଧ ପୁଷ୍ପ ପରି ମହକି ଯାଉଛି। ଏଭଳି ଏକ ଗୌରବ ଅର୍ଜନ କରିଥିବା କଟକ ସନ୍ତାନର ପିତା ମାତା ହୋଇଥିବାରୁ, ଜୟାଂଶୁର ବାପା ନିଜକୁ ଭାଗ୍ୟବାନ ମନେ କରନ୍ତି ଏବଂ ନିଜ ଆତ୍ମୀୟ ଲୋକଙ୍କ ପାଖରେ ପ୍ରକାଶ କରିଛନ୍ତି ଯେ ଆମ ପୁଅ ପାଠପଢି ଚାକିରୀ କରୁ ଆମେ ଚାହୁଁନୁ, ତାର ଯେଉଁ ଦିଗରେ ରୁଚି ରହୁଛି ସେ ଦିଗରେ ଆମେ ତାର ସାଥ୍ ଦେବୁ। ସେ ଜଣେ ବଡ ମଣିଷ ହେଉ ଆମର, ଆମ ପରିବାରର ନାଁ ରଖିବି ସହିତ ଆମ ଦେଶ ଜାତିର ନାଁ ରଖୁ ଏହା ଆମର ଉଦ୍ଦେଶ୍ୟ। କିଏ ଅକର୍ମ କରି ନାଁ କରୁଛି, କିଏ ପୁଣି ସତକର୍ମ କରି ସୁନାମ ଅର୍ଜନ କରୁଛି। ଏ ଶିଶୁ ନିଶ୍ଚିତ ଭାବରେ ସତକର୍ମ କରି ସୁନାମ ଅର୍ଜନ କରିବ ତାର ପ୍ରତିଭାର ବାସ୍ନା ବାରି ହୋଇ ଯାଉଛି।

## ଓ୍ୱାକଫ୍ ବିଲ୍ ପାଇଁ ବିବେକ ଅନୁମୋଦିତ ଭୋଟ ଦେବା କାହାର ନିଷ୍ପତ୍ତି: ବିଜେଡି ସୁପ୍ରିମୋ ସ୍ପଷ୍ଟ କରନ୍ତୁ

କଟକ: ଗତକାଲି ରାଜ୍ୟ ସଭାରେ ଓ୍ୱାକଫ୍ ବିଲ୍ ଗୃହିତ ହୋଇଛି। ପୂର୍ବରୁ ଏହି ଓ୍ୱାକଫ୍ ବିଲ୍ କୁ ବି ଜେ ଡି ବିରୋଧ କରିବ ବୋଲି ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ ଘୋଷଣା କରିଥିଲେ। ତଦନୁଯାୟୀ ଗତ କାଲି ରାଜ୍ୟ ସଭାରେ ସାଂସଦ ମୁନ୍ନା ଖାଁ ଏହି ଜନବିରୋଧୀ ଅସ୍ୱୀଧାନିକ ବିଲ୍ କୁ ଯୋରଦାର ବିରୋଧ କରିବା ସହ ଓଡ଼ିଶାରେ ଭାଇଚାରା ର ଅନନ୍ୟ ନିଦର୍ଶନ ସମ୍ପର୍କରେ ତଥ୍ୟ ଭିତ୍ତିକ ଅଭିଭାଷଣ ରଖିଥିଲେ। ହେଲେ ଭୋଟ ଅବ୍ୟବହିତ ପୂର୍ବରୁ ହଠାତ୍ ସାଂସଦ ସସ୍ମିତ ପାତ୍ର, ବି ଜେ ଡି ସାଂସଦ ମାନେ ଓ୍ୱାକଫ୍ ବିଲ୍ ରେ ବିବେକ ଅନୁମୋଦିତ ଭୋଟ ଦେବାକୁ ଦଳୀୟ ନିଷ୍ପତ୍ତି ହୋଇଛି ବୋଲି ଗଣମାଧ୍ୟମ ରେ ଘୋଷଣା କରିଥିଲେ। ଯାହାକୁ ନେଇ ଗତ କାଲି ଠାରୁ ସମଗ୍ର ଓଡ଼ିଶାରେ ସାଧାରଣ ରେ ବି ଜେ ଡି ର ନୀତି ଆର୍ଦଶ ଉପରେ ସନ୍ଦେହ ସୃଷ୍ଟି ହେବା ସହ ବି ଜେ ଡି ଦଳ ର ଆଭିମୁଖ୍ୟ ଓ ଧର୍ମ ନିରପେକ୍ଷତା ନୀତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ସ୍ଥିତିରେ ବି ଜେ ଡି ଦଳ ର ସଭାପତି ତଥା ସୁପ୍ରିମୋ ନବୀନ ପଟ୍ଟନାୟକ ସ୍ପଷ୍ଟ କରିବା ଆବଶ୍ୟକ ଯେ ରାଜ୍ୟ ସଭାରେ ଓ୍ୱାକଫ୍ ବିଲ୍ ରେ ବି ଜେ ଡି ସାଂସଦ ମାନେ ବିବେକ ଅନୁମୋଦିତ ଭୋଟ ଦେବା ଏହା ତାଙ୍କର ନିଷ୍ପତ୍ତି ଥିଲା ନା ସସ୍ମିତ ପାତ୍ର ବ୍ୟକ୍ତିଗତ ନିଷ୍ପତ୍ତିକୁ ଶ୍ରୀ ପାତ୍ର ଦଳର ନିଷ୍ପତ୍ତି ବୋଲି କହି ବିଭ୍ରାନ୍ତ କରିଛନ୍ତି।ଆଉ ଯଦି ଏହା ସତ୍ୟ ତେବେ ସସ୍ମିତ ପାତ୍ର ଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡ଼ିଶା ବୋର୍ଡ଼ ଅଫ ଓ୍ୱାକଫ୍ ର ପ୍ରାକ୍ତନ ଚେୟାରମେନ ତଥା ବି ଜେ ଡି ସଂଖ୍ୟା ଲଘୁ ସେଲ୍ ର କଟକ ଜିଲ୍ଲା ସଭାପତି ସୈୟଦ୍ ଏକ୍ରାମ ହୁସେନ ରାଜ୍ୟ ସଭାପତି ଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ସମ୍ମାନନୀୟ ବାର୍ତ୍ତା ସମ୍ପାଦକ ଆପଣଙ୍କ ସମ୍ବାଦ ପତ୍ରରେ ପ୍ରକାଶନ ନିମନ୍ତେ ବିନିତ ଅନୁରୋଧ ସୈୟଦ୍ ଏକ୍ରାମ ହୁସେନ।

## ପଡିଆ ବ୍ଲକ ଅଧକ୍ଷାଙ୍କ ବିରୋଧରେ ଏକାଠି ହେଲେ ସମିତି ସଭ୍ୟ, ବ୍ଲକ ରାଜନୀତି ସରଗରମ



ମାଲକାନଗିରି: ସାଧାରଣ ନିର୍ବାଚନର ଏକ ବର୍ଷ ନପୁରୁଣୁ ପଞ୍ଚାୟତ ସମିତି ସ୍ତରରେ ରହିଥିବା ଚାପା ଉତ୍ତେଜନା ଧୀରେ ଧୀରେ ବିସ୍ତାରିତ ହେବାକୁ ଲାଗିଲାଣି। ଯାହା ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ପୂର୍ବରୁ ବ୍ଲକ ସ୍ତରରେ ରହିଥିବା ମାଲକାନଗିରି ଜିଲ୍ଲା ପଡିଆ ବ୍ଲକର ନେତୃବୃନ୍ଦଙ୍କ ମଧ୍ୟରେ ରହିଥିବା ଫାଟ ଉଗ୍ର ରୂପ ନେବାକୁ ଲାଗିଲାଣି । ପଡ଼ିଆ ବ୍ଲକର ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ ମାନେ ଆଜି ବ୍ଲକ ଅଧକ୍ଷାଙ୍କ ବିରୋଧରେ ଏକତ୍ରୀତ ହୋଇଥିବା ଦେଖିବାକୁ ମିଳିଛି। ବ୍ଲକ ଅଧକ୍ଷା ନିଜର କର୍ତ୍ତବ୍ୟ ସମ୍ପାଦନରେ ପରିପକ୍ୱତା ଦେଖାଇ ପାରୁ ନଥିବା ସହ ବିଭିନ୍ନ ଜନ ପ୍ରତିନିଧିଙ୍କ ସହ ପାତର ଅନ୍ତର ଭାବ ଦେଖାଉଥିବା ନେଇ ଅଭିଯୋଗ ଆଣି ସମିତି ସଭ୍ୟଙ୍କ ସହ ତାଙ୍କ ସହଯୋଗୀ ମାନେ ବ୍ଲକ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ଏକତ୍ରୀତ ହୋଇ ନିଜର କ୍ଷୋଭ ଜାହିର କରିଛନ୍ତି। ଏଥିସହ ବ୍ଲକ ଅଧକ୍ଷା ତୁରନ୍ତ କାର୍ଯ୍ୟରୁ ଇସ୍ତଫା ଦେବା ଲାଗି କହିଛନ୍ତି। ସମିତି ମେମ୍ବର ଓ ସହଯୋଗୀଙ୍କ ଚାପରେ ବ୍ଲକ ଅଧକ୍ଷା ଯମୁନା ମୂଷାକୀ ମଧ୍ୟ ଏକ ଇସ୍ତଫା ପତ୍ରରେ ସ୍ୱାକ୍ଷର କରିଥିବା ସୂଚନା ମିଳିଛି। ଆଜି ଏଥିପାଇଁ ଏକାଧିକ ସମିତି ସଭ୍ୟ ସମେତ କିଛି ସହଯୋଗୀ ବ୍ଲକ ଅଧକ୍ଷାଙ୍କ ବାସଗୃହକୁ ଯାଇ ତାଙ୍କ ସହ ଇସ୍ତଫା ବାବଦରେ ଆଲୋଚନା କରିଥିବା ମଧ୍ୟ ଜଣାପଡ଼ିଛି। ଏଥିସହ ବ୍ଲକ ଅଧକ୍ଷା ପଦ ଛାଡିବା ପାଇଁ ଏକ ସମୟସୀମା ମଧ୍ୟ ଦିଆଯାଇଥିବା ଜଣାପଡିଛି। ତେବେ ଏ ନେଇ ବ୍ଲକ ଅଧକ୍ଷାଙ୍କୁ ପଚାରିବାରୁ ବ୍ଲକର ଉନ୍ନୟନ ମୂଳକ କାମ ବାବଦରେ ଆଲୋଚନା କରିବା ପାଇଁ ବ୍ଲକ ଅଧକ୍ଷାଙ୍କୁ ଡକାଯାଇ ତାଙ୍କୁ ଇସ୍ତଫା ପତ୍ରରେ ସ୍ୱାକ୍ଷର କରିବା ପାଇଁ ଚାପ ପକା ଯାଇଥିବା ନେଇ ପଡିଆ ବ୍ଲକ ଅଧକ୍ଷା ଯମୁନା ମୂଷାକୀ କହିଛନ୍ତି। ଏଥିସହ ବ୍ଲକର ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟଙ୍କ ସହ ଉତ୍ତମ ସମ୍ପର୍କ ରହିଥିବା ବେଳେ କିଛି ରାଜନୈତିକ ଚାପ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବ୍ଲକ ଅଧକ୍ଷା ଶ୍ରୀମତୀ ମୂଷାକୀ କହିଛନ୍ତି। ଗୋଟିଏ ପଟେ ସମିତି ସଭ୍ୟ ସମେତ ବିଭିନ୍ନ ଜନ ପ୍ରତିନିଧିଙ୍କ ବିରୋଧାଭାଷ ସମ୍ପୂର୍ଣ୍ଣ ପରିସ୍ଫୁଟିତ ହେଉଥିବା ବେଳେ ଅନ୍ୟପଟେ ବ୍ଲକ ଅଧକ୍ଷାଙ୍କୁ ଚାପ ଓ ରାଜନୈତିକ କନ୍ଦଳ ବ୍ଲକ ସ୍ତରୀୟ ରାଜନୀତିରେ ଆଲୋଡନ ସୃଷ୍ଟି କରିଛି । ପଡିଆ ଭଳି ଆଦିବାସୀ ଅଧୁଷିତ ଅଂଚଳରେ ବିକାଶ ହିଁ ଜନ ପ୍ରତିନିଧିଙ୍କ ପ୍ରାଥମିକତା ହେବା ବଦଳରେ ଜନପ୍ରତିନିଧିଙ୍କ ମଧ୍ୟରେ ଦେଖା ଦେଇଥିବା ଏଭଳି କନ୍ଦଳ ସ୍ଥାନୀୟ ଅଞ୍ଚଳର ବିକାଶକୁ ପ୍ରଭାବିତ କରିବ ବୋଲି ବୁଦ୍ଧିଜୀବି ମହଲରେ କୁହାଯାଇଛି। ଅନ୍ୟପଟେ ଜନ ପ୍ରତିନିଧିଙ୍କ ଏଭଳି କନ୍ଦଳର ଅନ୍ତକୁ ଅଞ୍ଚଳବାସୀ ଚାହିଁ ରହିଥିବା ସାଧାରଣରେ ଆଲୋଚନା ହେଉଛି।




ବିଶ୍ୱକଲ୍ୟାଣ ମହାଯଜ୍ଞ ରେ ଯୋଗଦେଇଥିବା ପଣ୍ଡିତ ମାନେ

## ବାଲ୍ୟବିବାହ ନିଷେଧ ଆଲୋଚନା ଚକ୍ର

ଦଶପଲ୍ଲା: ସି-୩ ଦ୍ୱାରା ଦଶପଲ୍ଲା ସ୍ଥିତ ମୈତ୍ରୀ ମଣ୍ଡପଠାରେ ଦଶପଲ୍ଲା ବ୍ଲକ୍‌ର ପୁରୋହିତ ବ୍ରାହ୍ମଣ ମାନଙ୍କୁ ନେଇ ଦିନିକିଆ ବାଲ୍ୟ ବିବାହ ନିଷେଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ସଂଯୁକ୍ତା ସାମଲ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ସି-୩ ସଂସ୍ଥାର ନୟାଗଡ ଜିଲ୍ଲା ସଂଯୋଜକ ଶ୍ରୀଯୁକ୍ତ ସୁକେଶ ମୃଧା ଯୋଗ ଦେଇଥିଲେ.ଉକ୍ତ କାର୍ଯକ୍ରମ ରେ ବାଲ୍ୟବିବାହର କାରଣ, ନିରାକରଣ ସହିତ ଏହାରକୁ ପରିଣାମ ବିଷୟ ରେ ଆଲୋଚନା କରାଯାଇଥିଲା।ବାଲ୍ୟବିବାହ ଆଇନ ୨୦୦୬ରେ ଥିବା ଦଣ୍ଡବିଧାନ ପ୍ରାବଧାନ ବିଷୟରେ ବିଶେଷ ଭାବରେ ଆଲୋକପାତ କରା ଯାଇଥିଲା। ବିବାହ କାର୍ଯ୍ୟରେ ବ୍ରାହ୍ମଣ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ସେମାନଙ୍କ ସହଯୋଗରେ କିପରି ଭାବେ ବାଲ୍ୟ ବିବାହ ରୋକାଯାଇ ପାରିବ ଉକ୍ତ ଶିବିରରେ ଉପସ୍ଥିତ ଥିବା ୨୦ଜଣ ବ୍ରାହ୍ମଣ ମାନଙ୍କ ସହ ଆଲୋଚନ କରାଯାଇଥିଲା। ପରିଶେଷରେ ବାଲ୍ୟ ବିବାହକୁ ରୋକିବା ପାଇଁ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ସି-୩ ର ଦଶପଲ୍ଲା ବ୍ଲକ୍ ସଂଯୋଜକ ସୁଭାଶିଷ ମିଶ୍ର ଆୟୋଜନ କରିଥିବା ବେଳେ ଗଣିଆ ବ୍ଲକ୍ ସଂଯୋଜିକା ସ୍ୱତିରେଖା ଦାସ ସହଯୋଗ କରିଥିଲେ।

## ଓଡ଼ିଆରେ ନାମ ଫଳକ ଅଭିଯାନ ଓ ସଚେତନତା ଶୋଭା ଯାତ୍ରା

ମାଲକାନଗିରି: ଓଡ଼ିଆରେ ନାମ ଫଳକ ଅଭିଯାନ ସଚେତନତା ଶୋଭା ଯାତ୍ରା ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଛି। ଜିଲ୍ଲାର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ମାନଙ୍କରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ସୁନିଶ୍ଚିତ କରିବା ନିମନ୍ତେ ଏହି ସଚେତନତା ପଦଯାତ୍ରା କରାଯାଇଥିଲା। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ସବୁଜ ପତାକା ଦେଖାଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଶୋଭା ଯାତ୍ରା ବସ୍ ଷ୍ଟାଣ୍ଡ ଠାରୁ ଆରମ୍ଭ କରି ଡିଏନକେ ଖେଳ ପଡିଆ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ,ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରସନ୍ନ କୁମାର ପାଣିଗ୍ରାହୀ ଓ ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ତୁରୁକା ଉପସ୍ଥିତ ଥିଲେ। ଏହି ସଚେତନତା ପଦଯାତ୍ରାରେ ପ୍ରାୟ ୧୫୦ ଜଣ ମହାବିଦ୍ୟାଳୟ ଛାତ୍ରୀ, ପରିବର୍ତନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତାଙ୍କ ସମେତ ଜିଲ୍ଲା ଶିଶୁ ସୁରକ୍ଷା, ଜିଲ୍ଲା ସୂଚନା ଲୋକ ସମ୍ପର୍କ, ଜିଲ୍ଲା ସଂସ୍କୃତି ବିଭାଗ ଓ ମାଲକାନଗିରି ପୌରପାଳିକା, ଚାଇଲ୍ଡ ଲାଇନ, ବୁଦ୍ଧିଜୀବୀ ଏବଂ ଜନ ସାଧାରଣ ଏଥିରେ ଭାଗ ନେଇଥିଲେ। ଜିଲ୍ଲା ଶ୍ରମ ବିଭାଗ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ଶେଷରେ କିଛି ନିର୍ମାଣ କାର୍ଯ୍ୟସ୍ଥଳରେ ଶ୍ରମିକ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।



# ବିଜେପିର ସାଙ୍ଗଠନିକ ବୈଠକ, ପ୍ରତିଷ୍ଠା ଦିବସରେ ସବୁ କାର୍ଯ୍ୟକର୍ତା ଘରେ ପତାକା ଲଗାଇବେ

ତାଳଚେର: ତାଳଚେର ରେ ବିଜେପି ର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ ଙ୍କର ଅଧକ୍ଷତା ରେ ଅନୁଷ୍ଠିତ ବୈଠକ ରେ ବିଜେପି ପ୍ରତିଷ୍ଠା ଦିବସ ପାଳନ, ଡ଼ଃ ଭୀମରାଓ ଆମ୍ବେଦକର ଙ୍କର ଜନ୍ମଦିବସ ଓ ସାଙ୍ଗଠନିକ ସରଞ୍ଚନା ଉପରେ ଆଲୋଚନା ହୋଇଥିଲା । ଏପ୍ରିଲ ୬ ତାରିଖ ବିଜେପି ର ପ୍ରତିଷ୍ଠା ଦିବସରେ ସବୁ କାର୍ଯ୍ୟକର୍ତା ନିଜ ନିଜ ଘର ଉପରେ ବିଜେପି ପତାକା ଲଗାଇବା ସହ ସବୁ ବୁଥ ରେ ପ୍ରତିଷ୍ଠା ଦିବସ ପାଳନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏପ୍ରିଲ ୧୪ ତାରିଖ ଡ଼ଃ ଭୀମରାଓ ବାବା ସାହେବ ଆମ୍ବେଦକର ଙ୍କର ଜୟନ୍ତୀ ସବୁ ବୁଥ ଓ ମଣ୍ଡଳ ସ୍ତରରେ ପାଳନ କରାଯିବ । ସ୍ୱଚ୍ଛ ଭାରତ, କାର୍ଯ୍ୟକ୍ରମ ମାଧ୍ୟମରେ ମନ୍ଦିର ସଫେଇ କରାଯିବ । ସମସ୍ତ ବୁଥ ରେ ସାଙ୍ଗଠନିକ ନିର୍ବାଚନ ଓ ବାକିଥିବା ମଣ୍ଡଳରେ ନିର୍ବାଚନ କରାଯିବ । ଉକ୍ତ ବୈଠକ ରେ ଜିଲ୍ଲା ସାଧାରଣ ସମ୍ପାଦକ ସୁଦିପ ଗଡ଼ନାୟକ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ,ପ୍ରମୁଖ ଯୋଗଦେଇ ସାଙ୍ଗଠନିକ ଚର୍ଚ୍ଚା ଆଲୋଚନା କରିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା,ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ମନୋଜ ପ୍ରଧାନ, ଅର୍ଜୁନ କିସ୍କୁ, ବିଭୁତି ସାହୁ, ସମସ୍ତ ମଣ୍ଡଳ ସଭାପତି ଜିଲ୍ଲା ପଦାଧିକାରୀ ଯୋଗ ଦେଇଥିଲେ ।



# ରାୟଗଡ଼ ଜିଲ୍ଲାରେ ଓଡ଼ିଆରେ ନାମ ଫଳକ ଅଭିଯାନ ସଚେତନତା ପଦଯାତ୍ରା

ରାୟଗଡ:ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ ଅନୁଯାୟୀ ୧ ଏପ୍ରିଲ ୨୦୨୫ ଠାରୁ ୧୪ ଏପ୍ରିଲ ୨୦୨୫ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି । ଏହି ଅବସରରେ ଜିଲ୍ଲା ପ୍ରଶାସନ ଓ ଶ୍ରମ କାର୍ଯ୍ୟାଳୟ ରାୟଗଡ଼ଙ୍କ ମିଳିତ ସହଯୋଗରେ ଆଜି ଅର୍ଥାତ୍ ୦୪-୦୪-୨୦୨୫ ତାରିଖ ସକାଳ ୭.୩୦ମି ସମୟରେ ରାୟଗଡ଼ ସହର ରେ ଅବସ୍ଥିତ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଗୁଡିକରେ ଓଡ଼ିଆ ଭାଷାରେ ନାମ ଫଳକ ପ୍ରଦର୍ଶନ ନିମନ୍ତେ ଏକ ସଚେତନତା ପଦଯାତ୍ରା ଅଭିଯାନ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ରାୟଗଡ଼ ସହର ବିଭିନ୍ନ ସ୍ଥାନ ପରିକ୍ରମା କରି ଶ୍ରମ କାର୍ଯ୍ୟାଳୟ ପାଖରେ ଶେଷ ହୋଇଛି । ଅତିରକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ସ୍ୱୟଂଶାସିତ ମହାବିଦ୍ୟାଳୟ ରାୟଗଡ଼, ସେଞ୍ଚୁ ରିୟାନ କଲେଜ, ରାୟଗଡ଼ ସହର ଅନେକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ଜିଲ୍ଲାର ବିଭିନ୍ନ ବିଭାଗର ପଦଧିକାରି ଯଥା ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ,ଶ୍ରୀ ଚନ୍ଦ୍ର କାନ୍ତ ମାଝୀ,ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ, ଶ୍ରୀ ବସନ୍ତ କୁମାର ପ୍ରଧନ, ନିର୍ବାହୀ ଅଧିକାରୀ ରାୟଗଡ଼ ପୌର ପରିଷଦ, ଶ୍ରୀ କୁଳଦୀପ କୁମାର, ଜିଲ୍ଲା ସଂସ୍କୃତି ଅଧିକାରି ସୁଶ୍ରୀ ସୁସ୍ମିତା ବାଉରୀ,ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଶ୍ରୀ ଆଉଭାସ ଚନ୍ଦ୍ର ମଣ୍ଡଳ,ମାନବଧିକାର କର୍ମୀ ଏବଂ ଶକ୍ତି ଅନୁଷ୍ଠାନ ର ସଦସ୍ୟ , ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଏବଂ ଗଣ ମାଧ୍ୟମ ପ୍ରତିନିଧି ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।



# ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଦିବସ ପାଳିତ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡ଼ା ଜିଲ୍ଲା ଉତ୍କଳ ସମ୍ମିଳନୀ ଓ ଗୁଳନଗର ସରକାରୀ ଉଚ୍ଚ ବିଦ୍ୟାଳୟର ମିଳିତ ଉଦ୍ୟୋଗରେ ଗୁଳନଗର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠାନର ସଭାପତି ବରିଷ୍ଠ ସାହିତ୍ୟିକ ପ୍ରଫେସର ନନ୍ଦ କିଶୋର ପରିଡାଙ୍କ ସଭାପତିତ୍ୱରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଏହି ସଭାରେ ମ□ଖ୍ୟ ଅତିଥି ଭାବେ ସାହିତ୍ୟିକ ଡ. ବାସନ୍ତୀ ମହାନ୍ତି, ଡ଼ ବାସୁଦେବ ଦାସ ଓ ପ୍ରଧାନ ଶିକ୍ଷୟତ୍ରୀ ପ୍ରିୟଦର୍ଶିନୀ ତରାଇ ପ୍ରମୁଖ ଯୋଗଦେଇ ଓଡ଼ିଶା ପ୍ରଦେଶ ସ୍ୱତନ୍ତ୍ର ମାନ୍ୟତା ପାଇବା ପାଇଁ ଯେଉଁ କାଳଜୟୀ ସାହିତ୍ୟ ସ୍ରଷ୍ଟାମାନେ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି ତାଙ୍କୁ ମନେପକାଇଥିଲେ । ଦ୍ୱିତୀୟ ଅଧିବେଶନରେ ଆୟୋଜିତ କବିତା ପାଠୋତ୍ସବ ମୌସୁମୀର ସମ୍ପାଦକ ଡ଼ ଶ୍ରୀଧର ସାମଲଙ୍କ ସଭାପତିତ୍ୱ କରିଥିଲେ । କବି ଅଶୋକ କୁମାର ସାହୁ ଓ ନିରୁପମା ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବରିଷ୍ଠ କବି ପ୍ରେମାନନ୍ଦ ଖଣ୍ଡୁଆଳ, ମନ୍ମଥ ନାଥ ବରାଳ, ଅପର୍ତ୍ତି ସେଠୀ, ରତ୍ନାକର ମଲ୍ଲିକ, ମଞ୍ଜୁଶ୍ରୀ ବରାଳ, ରଞ୍ଜନ ବାଇ, ଅଜୟ ପାତ୍ର, କୃଷ୍ଣଚନ୍ଦ୍ର ମହାପାତ୍ର, ପ୍ରଦୀପ ରାଉତରାୟ, ସହଦେବ ଜେନା, ଗଗନ ବିହାରୀ ଜେନା, ନୃସିଂହ ତ୍ରିପାଠୀ, ଗୋଲେଖ ସେଠୀ, ନଳିନୀ ବେହେରା, ବିଷ୍ଣୁପ୍ରିୟା ସାମଲ, ଆମର ପ୍ରସାଦ ରାଉତ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ରମଣୀରଞ୍ଜନ ରାଉତରାୟ, ମୋହନ ଚରଣ ଦାସ, ପ୍ରଦୀପ କୁମାର ଦାସ, ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । କଣ୍ଠଶିଳ୍ପୀ ଗୋଲେଖ ସେଠୀ ଉଦଯାପନୀ ସଂଗୀତ ଗାନ କରିଥିଲା ବେଳେ ବିଶିଷ୍ଟ ସମାଜସେବୀ କୁଳମଣୀ ନାୟକ ଉତ୍ସବକୁ ପରିଚାଳନା କରିଥିଲେ । ଶେଷରେ କବି ମଧୁସ୍ମିତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।




# ମୁଖ୍ୟ କିରାଣୀ, ଏପିଓ, ଜିପିଓ ଭଳି ୧୨ ପଦବୀ ଖାଲି, ତଥାପି ଫାଇଲ, ବିଲ ବନ୍ଦ ନାହିଁ, ଚାଲିଛି ଅମଲା ରାଜ, ମୁକ ପାଲଟିଯାଇଛନ୍ତି ୪୫ ନିର୍ବାଚିତ ପ୍ରତିନିଧି ?




କବିସୂର୍ଯ୍ୟନଗର : ଅଫିସ ଅଛି । ଅଫିସର ନାହାନ୍ତି. ଫାଇଲ ଅଛି । ବିଲ ହେଉଛି ହେଲେ ପ୍ରକଳ୍ପ ନାହିଁ । ଯନ୍ତ୍ରୀ ଅଛନ୍ତି ହେଲେ ବୈଷୟିକ ଜ୍ଞାନ ଅଭାବ ଯୋଗୁ ତ୍ରୁଟି ପୂର୍ଣ୍ଣ କାମ ନିର୍ମାଣ ହେଉଛି । ଏଠି ନିର୍ବାଚିତ ପ୍ରତିନିଧି ଅଛନ୍ତି । ହେଲେ ବିକାଶ ଚୟନ ଅଧିକାରୀ କରନ୍ତି । ଗୋଟିଏ ବ୍ଲକ, ହେଲେ ଦୁଇ ଦୁଇ ଜଣ ବିଧାୟକ ଙ୍କ ରାଜ ଚାଲିଛି । ମାଳ ମାଳ କମ୍ପୁଟର ଅଛି ହେଲେ କାମ ପ୍ରାଇଭେଟ ରେ ହେଉଛି । ଦୁର୍ବଳ ନେତୃତ୍ୱ ସାଙ୍ଗକୁ । ଅମଲାଙ୍କ ହାତରେ ଶାସନ ଯୋଗୁ କବିସୂର୍ଯ୍ୟନଗର ବ୍ଲକ ରେ ଗଣତାନ୍ତ୍ରିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି । ଯାହା ଦ୍ୱାରା ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ହାତ ବାନ୍ଧି ବସିଛନ୍ତି । ଯାହା ସୂଚନା ମିଳିଛି ରାଜନୈତିକ ବିବାଦ ମଧ୍ୟରେ ଛନ୍ଦି ହୋଇପଡିଥିବା କବିସୂର୍ଯ୍ୟନଗର ବ୍ଲକ, ରେ କର୍ମଚାରୀ, ଅଧିକାରୀ ମରୁଡି ପଡିଛି ଏଠି ମୁଖ୍ୟ କିରାଣୀ ନାହାନ୍ତି, କିନ୍ତୁ ବିଲ, ଫାଇଲ କାମ କିଏ କରୁଛି ? ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦବୀ ଖାଲି ପଡିଛି ତଥାପି କିଏ ତଦାରଖ କରୁଛି ୨୧ ପଞ୍ଚାୟତର କାମ ଏପିଓ ନାହାନ୍ତି ହେଲେ କୋଟି କୋଟି ଟଙ୍କାର ମନରେଗା ବିଲ ପାସ ହେଉଛି । WEO ପଦବୀ ଖାଲି ଶହ ଶହ ବିଦ୍ୟାଳୟ ର ପିଲାଙ୍କ ଭତା କିପରି ହେଉଛି କାମ । ଏଭଳି ୧୪ ପଦବୀ ଖାଲି ପଡିଛି. ଦୁଇ ଦୁଇ ବିଧାୟକ ଙ୍କ କତୃତ୍ୱ ଥିଲେ ମଧ କର୍ମଚାରୀ ପୂରଣ ପାଇଁ କାହାର ଆନ୍ତରିକତା ନଥିବା ଜଣାପଡିଛି । କୁହାଯାଉଛି ୨୪ ବର୍ଷ ବିଜେଡି ସରକାର ରେ ଯେଉଁ ଅମଲା ରାଜ ଚାଲିଥିଲା ଏବେ ସରକାର ବଦଳିବା ପରେ ମଧ ବିଜେଡି ପବନ ରେ ବିଜେପି ଶାସନ ଚଳାଇଛି । ଗାଁ ଗାଁ ରେ ସରକାରୀ ବାବୁ ମାନେ ପ୍ରକଳ୍ପ ଚୟନ କରୁଛନ୍ତି. କାମ କିଏ କରିବ ଚୟନ କରୁଛନ୍ତି ଯନ୍ତ୍ରୀ । ହେଲେ ବର୍ଷେ ଦୁଇ ବର୍ଷ ପାଇଁ କାମ ତଦାରଖ କରିବାକୁ ଆସିଥିବା ସରକାରୀ ବାବୁ ଙ୍କ ହାତରେ ଯେଉଁଭଳି ରହୁଛି ଶାସନ ଭାର ଏଠି ନିର୍ବାଚିତ ପ୍ରତିନିଧି ମାନେ ପଞ୍ଚାୟତ ଆଇନ କୁ ନାଲି ଫିତା ରେ ବାନ୍ଧି ଗୋଟି ଶ୍ରମିକ ଭଳି ଖଟନ୍ତି ବୋଲି କେତେକ ସରପଞ୍ଚ, ସମିତି ସଭ୍ୟ ନିଜ ପ୍ରତିକ୍ରିୟା ରେ କହିଛନ୍ତି । ଏପଟେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ରେ ନିର୍ମାଣ ପ୍ରକଳ୍ପ ଅଚଳ ହୋଇପଡିଛି । କବିସୂର୍ଯ୍ୟନଗର ବ୍ଲକ ମୁଖ୍ୟ ଫାଟକ ନିର୍ମାଣ କରିବା ପରେ ଆଉ ଖୋଲୁନି ଗେଟ ନା ଭିତରକୁ ଖୋଲୁଛି ନା ବାହାରକୁ ଆସୁଛି । କିଭଳି ବୈଷୟିକ ଜ୍ଞାନ ଆଉ କିମିତି ହେଉଛି ବିକାଶ ଯୋଜନା ଏଇଠୁ ଅନୁମେୟ । ସବୁ ଲୁଟିବାରେ ବ୍ୟସ୍ତ । କାମ ହେଲା ନହେଲା ଆଉ ପଛକୁ ଦେଖିବାକୁ ନାହିଁ । ଖଜୁରୀ ଗଛ ର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ । ସେହିପରି ସରକାରୀ କାର୍ଯ୍ୟକ୍ରମ ରେ ସଭା, ତାଲିମ, ସଚେତନତା ଭଳି କାର୍ଯ୍ୟକ୍ରମ କରିବାକୁ ଏଠି କର୍ମଚାରୀ ଙ୍କ ମଧ୍ୟରେ ଚାଲେ ପ୍ରତିଯୋଗିତା । ରାଜନୈତିକ ବିବାଦ ର ସୁଯୋଗ ନେଇ ଏଠି ରାଜନୀତି କରନ୍ତି ସରକାରୀ ବାବୁ । ନିର୍ବାଚିତ ପ୍ରତିନିଧି ମାନେ ନିଜକୁ ଅସହାୟ ପ୍ରକାଶ କରିବା ପରେ ଗାଁ ଗାଁ ରେ କାମ କରିବା ପାଇଁ ଏବେ ଅଦାଲତ ଭରସା ହୋଇଛି । ସେହିପରି ମନରେଗା କାମ ରେ ବିନା ଶ୍ରମିକ ରେ ଯନ୍ତ୍ରୀ ଙ୍କ ବିଲ ପ୍ରସ୍ତୁତି କିମିତି ଚାଲିଛି ବୋଲି ପ୍ରଶ୍ନ ଉଠୁଥିବା ବେଳେ ମନରେଗା କାମ ରେ ଯନ୍ତ୍ରୀ କରୁଛନ୍ତି ରାଜନୀତି । ପିସି କୁ ନେଇ ବିଲ ପ୍ରଦାନ ହୁଏ । ଜଣେ ଜଣେ ଯନ୍ତ୍ରୀ ୬/୭ ଟି ପଞ୍ଚାୟତ ଦାୟିତ୍ୱ ନେଇ କଣ ବିକାଶ କରିପାରିଛନ୍ତି ତାହାକୁ ନେଇ ଉଠିଛି ପ୍ରଶ୍ନ ? ୬/୭ ଟି ପଞ୍ଚାୟତ ଦାୟିତ୍ୱ ରେ ଥିବା ଯନ୍ତ୍ରୀ ଙ୍କ କାର୍ଯ୍ୟ ଶୈଳୀ ପ୍ରତି ଭିଜିଲାନ୍ସ ବିଭାଗ ଦୃଷ୍ଟି ଦେବେ କି ବୋଲି ଲୋକେ ପ୍ରଶ୍ନ କରିଛନ୍ତି । ହେଲେ ଅନିୟମିତତା ନେଇ ଆମେ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରିଥିଲେ ମଧ ପ୍ରତିକ୍ରିୟା ମିଳିପାରିନାହିଁ ।

# ଯାଜପୁର ଜିଲ୍ଲାରେ ଓଡ଼ିଆରେ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା

ଯାଜପୁର: ରାଜ୍ୟ ସରକାରଙ୍କ ତରଫରୁ ସାରା ରାଜ୍ୟରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଓଡ଼ିଆ ପକ୍ଷ ପାଳନଞ୍ଚ ଓଡିଶା ଦିବସ ତଥା ଏପ୍ରିଲ ଏକ ତାରିଖରୁ ଆରମ୍ଭ ହୋଇ ମହାବିଷୁବ ସଂକ୍ରାନ୍ତି ତଥା ଏପ୍ରିଲ ଚଉଦ ତାରିଖ ପର୍ଯ୍ୟନ୍ତ ଜାରି ରହିଛି । ଏ ହି କ୍ରମରେ ଶ୍ରମ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାରେ ୪ ତାରିଖରେ ଦୋକାନ ଓ ବାଣିଜ୍ୟକ ପ୍ରତିଷ୍ଠାନ ଗୁଡିକରେ ଓଡ଼ିଆରେ ସ୍ୱଷ୍ଟ ଭାବେ ନାମଫଳକ ଲେଖିବା ସମ୍ବନ୍ଧୀୟ ସଚେତନତା ପଦଯାତ୍ରା ତଥା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ପଦଯାତ୍ରାକୁ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡିଙ୍କ ନିର୍ଦ୍ଦେଶରେ କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ସଚେତନତା ଅଭିଯାନ ତଥା ପଦଯାତ୍ରା ଯାଜପୁର ରୋଡ ରେଳ ଷ୍ଟେସନରୁ ଆରମ୍ଭ ହୋଇ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, ଯାଜପୁର ରୋଡରେ ସମାପ୍ତ ହୋଇଥିଲା । ଏହି ଅବସରରେ ବାହାରି ଥିବା ରାଲିରେ ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ ଆୟୁକ୍ତ ଶିବ ଶଙ୍କର ମିଶ୍ର, ଯାଜପୁର ଜିଲ୍ଲା ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସହକାରୀ ଶ୍ରମ ଅଧିକାରୀ ମାନେ ଯଥା ସଞ୍ଜିତ କୁମାର ଦେଓ, ସୁନନ୍ଦା ବିଶ୍ୱାଳ, ସୌମ୍ୟ ସୁନ୍ଦର ରାଉତରାୟ, ସୌମ୍ୟ ରଞ୍ଜନ ବେହେରା, ସ୍ମୃତି ରଞ୍ଜନ ପଣ୍ଡା, ରଚନା ସେଠି ପ୍ରମୁଖ ଯୋଗ ଦେବା ସହିତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ । ଓଡ଼ିଆରେ ନାମ ଫଳକ ଲେଖିବା ସମ୍ବନ୍ଧୀୟ ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ଶୁଭାରମ୍ଭ କରିଥିଲେ ଯାହା ବ୍ୟାସନଗର ଏବଂ ଯାଜପୁର ପୌରସଂସ୍ଥାରେ ମାଇକ ଦ୍ୱାରା ସଚେତନ କରାଇବ । ବ୍ୟାସନଗର ମହାବିଦ୍ୟାଳୟର କଲେଜ ଛାତ୍ର ଏହି ପଦଯାତ୍ରାରେ ସାମିଲ ହେବା ସହିତ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା, ନିର୍ମାଣ ଶ୍ରମିକ, ବ୍ୟାସନଗର ବାଣିଜ୍ୟକ ପ୍ରତିଷ୍ଠାନର କର୍ମକର୍ତ୍ତା ପ୍ଲାକାର୍ଡ ମାନ ଧରି ରାଲିରେ ସାମିଲ ହୋଇ ସବୁ ଦୋକାନ ଓ ବାଣିଜ୍ୟକ ପ୍ରତିଷ୍ଠାନରେ ନାମଫଳକ ଓଡ଼ିଆ ଭାଷାରେ ଅତ୍ୟନ୍ତ ସ୍ୱଷ୍ଟ ଭାବେ ଲେଖିବାକୁ ପ୍ରୋତ୍ସାହିତ କରିଥିଲେ । ଶ୍ରମିକ ମାନଙ୍କୁ କାମକୁ ଯିବା ପୂର୍ବରୁ ରେଳଷ୍ଟେସନ ପାଖରେ ଏକତ୍ରିତ ହେଉଥିବା ଜାଗାରେ ମିଷ୍ଟାନ୍ନ ବଣ୍ଟନ କରିଥିଲେ ଯୁଗ୍ମ ଶ୍ରମ ଆୟୁକ୍ତ ଏବଂ ପ୍ରଭାଗୀୟ ଶ୍ରମ ଆୟୁକ୍ତ । ଏହି କାର୍ଯ୍ୟକ୍ରମରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାସନଗର ପୋଲିସ ପକ୍ଷରୁ ପଦେକ୍ଷପ ଗ୍ରହଣ କରାଯାଇଥିଲା




# ସାମ୍ବାଦିକ ସୁରକ୍ଷା ଦାବିକଲା ଯାଜପୁର ଜିଲ୍ଲା ପ୍ରେସ କ୍ଲବ

ଯାଜପୁର: ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ' ବଡ଼ ଖବର' ର ସ୍ଥାନୀୟ ପ୍ରତିନିଧି ଲିନୁ ନାୟକ ଏବଂ ତାଙ୍କ କ୍ୟାମେରାମ୍ୟାନ ଶିବ କିଶୋର ପଲେଇ ଖବର ସଂଗ୍ରହ କରୁଥିଲେ । ନିଜକୁ ସେବାୟତ ବୋଲି କହୁଥିବା କେତେକ ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ଲିନୁଙ୍କୁ ଟଣାଘୋଷରା କରିବା ସହିତ ମାଡ଼ ମାରିଥିଲେ । ଏଥିସହିତ କ୍ୟାମେରା ମ୍ୟାନ ଶ୍ରୀ ପଲେଇ ଙ୍କୁ ତଳେ ପକେଇ ତାଙ୍କ ଉପରେ କେତେକ ସେବାୟତ ଚଢି ଯାଇଥିଲେ । ଯାହା କି କ୍ୟାମେରାରେ ରେକର୍ଡ଼ ହୋଇଛି ,କେବଳ ସେତିକି ନୁହେଁ ସୁଟିଂ କରାଯାଉଥିବା କ୍ୟାମେରା ଓ ଉଭୟ ଙ୍କ ମୋବାଇଲ ଫୋନ କୁ ମଧ ଉଦ୍ଧତ ସେବାୟତ ମାନେ ଛଡ଼ାଇ ନେଇଛନ୍ତି । ଜଣେ ମହିଳା ସାମ୍ବାଦିକାଙ୍କୁ ପୁରୁଷ ସେବାୟତ ମିଳିମିଶି ମାଡ଼ ମାରିବା, ଅଶ୍ଳୀଳ ଭାଷାରେ ଗାଳିଗୁଳଜ କରିବା ଏବଂ ଫଟୋ ସାମ୍ବାଦିକ ଙ୍କୁ ମରଣାନ୍ତକ ଆକ୍ରମଣ କରି ଗୁରୁତର ଆହତ କରିଥିଲେ । ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଦୃଢ଼ ତଥା ଦୃଷ୍ଟାନ୍ତମୂଳକ କାର୍ଯାନୁଷ୍ଠାନ ଗ୍ରହଣ କରିବା ପାଇଁ ଯାଜପୁର ଜିଲ୍ଲା ପ୍ରେସ କଲଣି ରାଜ୍ୟ ମୁଖ୍ୟମନ୍ତ୍ରୀ ଙ୍କ ଠାରେ ଦୃଢ ଦାବି କରୁଛି । ସେହିପରି ନିଷ୍ଠାର ସହିତ ନିଜର କର୍ତ୍ତବ୍ୟ ସମ୍ପାଦନା କରୁଥିବା କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଉପରେ ରାଜ୍ୟ ର ବିଭିନ୍ନ ଅଞ୍ଚଳ ରେ ନିୟମିତ ଭାବେ ଆକ୍ରମଣ ହେଉଥିବା ଯୋଗୁଁ ସାମ୍ବାଦିକ ମାନେ ସ୍ୱାଧୀନ ଭାବେ କାମ କରିବା କଷ୍ଟକର ହୋଇପଡିଛି । ଏପରି ସ୍ଥଳେ ସରକାର ଯଥାଶୀଘ୍ର ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରିବାକୁ ଯାଜପୁର ଜିଲ୍ଲା ପ୍ରେସ୍ କ୍ଲବର ସଭାପତି ଅଜୟ ରାଉଳଙ୍କ ନେତୃତ୍ୱରେ ଆଦିତ୍ୟ ମେକାପ, ବିରଜା ପାଣି, ଦେବେନ୍ଦ୍ର ପାଢ଼ୀ, ବିଭୁତି ଖଣ୍ଡାଇ, ସନ୍ତୋଷ ମିଶ୍ର, ପରମେଶ୍ୱର ପଣ୍ଡା, ଏସକେ ସାଜିଦ, ତାପସ ପାଲ, ସଞ୍ଜୟ କର, ସଂଜୀବ ଜେନା, ଅଜୟ ମିଶ୍ର, ଅଜିତ ଦାସ ପ୍ରଭୃତି ଜିଲ୍ଲାପାଳଙ୍କ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରେ ଦାବି କରିଛନ୍ତି ।



# ରାମ ନବମୀ ଉତ୍ସବ କମିଟି ରାୟଗଡ ତରଫରୁ ସାମ୍ବାଦିକ ସମ୍ମିଳନୀ

ରାୟଗଡା: ରାୟଗଡ ସହରରେ ପ୍ରତି ବର୍ଷ ବଡ଼ ଧୁମଧାମରେ ଶ୍ରୀ ରାମ ନବମୀ ଉତ୍ସବ ପାଳନ ହୁଏ । ସେହିପରି ଚଳିତ ବର୍ଷ ୬ ତାରିଖ ରେ ଏହି ପବିତ୍ର ଉତ୍ସବ ପାଳନ ବଡ଼ ଆଡମ୍ବର ରେ ପାଳନ କରିବା ନେଇ କମିଟି ତରଫରୁ ସ୍ଥାନୀୟ ମା ମଝିଘରିଆଣି ମନ୍ଦିର ପ୍ରାଙ୍ଗଣରେ ଥିବା ଉଦ୍ୟାନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଥିଲେ । ଆସନ୍ତା ୬ ତାରିଖ ରେ ସକାଳ ଠିକ ୯.୩୦ରେ ରାମ ଜନ୍ମଉତ୍ସବ ଶୋଭାଯାତ୍ରା ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିର ପାଖ ଶ୍ରୀରାମ ମନ୍ଦିର ଠାରୁ ବାହାରି ମୁଖ୍ୟ ବଜାର ଦେଇ କପିଳାସ ହୋଟେଲ ଛକ ଦେଇ ଜ୍ୟୋତି ମହଲ ଛକ ରେ ଥିବା ଶ୍ରୀ ଭେଙ୍କଟସ୍ୱର ସ୍ୱାମୀ ମନ୍ଦିର ଠାରେ ସମାପ୍ତ ହେବ । ଉକ୍ତ ସ୍ଥାନରେ ସମସ୍ତ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିବା ସୂଚନା ମିଳିଛି ।ତେବେ ଏହି ଶୋଭାଯାତ୍ରା ରେ ୩୫ ଗୋଟି କୀର୍ତ୍ତନ ମଣ୍ଡଳୀ, ଜିଲ୍ଲା ର ଅନେକ ସାଧୁ ସନ୍ଥ , ରାମ ସେନା , ଶ୍ରୀ ରାମ ଝାଙ୍କି, ବିଭିନ୍ନ ହିନ୍ଦୁ ସଂଘଠନ, ବିଭିନ୍ନ ଜାତି ସମାଜ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ଓ ବିଭିନ୍ନ ନୃତ୍ୟ ମଣ୍ଡଳୀ ଯୋଗ ଦେବା ସହ ସହରର ଏବଂ ଆଖ ପାଖ ଅଞ୍ଚଳରୁ ହଜାର ହଜାର ଭକ୍ତ ଶୋଭାଯାତ୍ରାରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ବବିଲିରୁ ଆସିଥିବା ପ୍ରଭୁ ଶ୍ରୀରାମଙ୍କ ଦରବାର ଏବଂ ଚିତ୍ରକୂଟ ରୁ ଆସିଥିବା ପ୍ରଭୁ ଶ୍ରୀରାମଙ୍କ ପାଦୁକା ଏକ ରଥରେ ସହର ପରିକ୍ରମା କରିବାପାଇଁ ଏବଂ ଏହି ରଥ କୁ ମାତୃଶକ୍ତି



ମାନଙ୍କ ଦ୍ୱାରା ଟାଣିବା ପାଇଁ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି । ତେବେ ରାମ ନବମୀ ଉତ୍ସବ ପାଇଁ ସମ୍ପୂର୍ଣ୍ଣ ସହରକୁ ଭଗବା ରଙ୍ଗରେ ସଜା ଯାଇଛି । ଶାନ୍ତି ଶୃଙ୍ଖଳା ରକ୍ଷ୍ୟା କରିବା ପାଇଁ କମିଟି ତରଫରୁ ସ୍ୱେଚ୍ଛାସେବୀ ମାନଙ୍କୁ ଦାୟିତ୍ୱ ଦିଆଯାଇଛି ଏବଂ ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିବା ପାଇଁ ପ୍ରଶାସନକୁ କମିଟି ତରଫରୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସହଯୋଗ ମଗା ଯାଇଛି । ତେବେ ଏହି ସାମ୍ବାଦିକ ସମ୍ମିଳନୀରେ ରାମ ନବମୀ ଉତ୍ସବ କମିଟି ତରଫରୁ ଶ୍ୟାମ କୁମାର ଦାଶ, ବିଦ୍ୟା ଭୂଷଣ ପଣ୍ଡା, ଅଜୟ କୁମାର ଚୂଲେଟ, ରାଜେଶ ନାଇଡୁ ଏବଂ ରାମ କୃଷ୍ଣ ପାଣିଗ୍ରାହୀ ଉପସ୍ଥିତ ରହିଥିଲେ ।

# ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀର ନାମଲେଖା ବୟସ ଓ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ

କାରପୁଟ: ଜିଲ୍ଲାର ୨୧୬୬ ଗୋଟି ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି, ପିତାମାତା, ଅଭିଭାବକ ଓ ଗୋଷ୍ଠୀ ମଧ୍ୟରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀର ନାମଲେଖା ବୟସ ଓ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସମନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଜିଲ୍ଲା ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ମସ୍ତିପୁଟ ପଞ୍ଚାୟତ ଅନ୍ତର୍ଗତ ସରକାରୀ ସେବାଶ୍ରମ, ଜାନିଗୁଡା ଠାରେ କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ଙ୍କ ଦ୍ୱାରା ଉଦଘାଟନ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ଜିଲ୍ଲା ଶିକ୍ଷା ଅଧିକାରୀ, କୋରପୁଟ ବ୍ଲକର ପଂଚାୟତ ସମିତି ଅଧକ୍ଷା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ସ୍ଥାନୀୟ ସରପଞ୍ଚ, ପିତାମାତା, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି, ସ୍ଥାନୀୟ ସ୍ୱୟଂସହାୟିକା ଗୋଷ୍ଠୀ ଓ ଅଧିବାସୀମାନେ ସାମିଲ ହୋଇଥିଲେ । ଶିକ୍ଷକ / ଶିକ୍ଷୟିତ୍ରୀ ବିଦ୍ୟାଳୟର ନୂଆ ପିଲାମାନଙ୍କୁ ପାରମ୍ପାରିକ ରୀତିରେ ଫୁଲ ଓ ଚନ୍ଦନ ଦେଇ ସ୍ୱାଗତ କରିଥିଲେ । ଶିକ୍ଷକମାନେ ପିଲାମାନଙ୍କୁ ଆସନ ଉପରେ ବସାଇ ସେମାନଙ୍କ ମୁଣ୍ଡରେ ଚନ୍ଦନ ଟିପା ଲଗାଇ ଦେଇ ଦୁବ, ବରକୋଳି ପତ୍ର ପକାଇ ଆଶୀର୍ବାଦ ପ୍ରଦାନ କରିଥିଲେ । ଏହାପରେ ଶିକ୍ଷକମାନେ ପ୍ରତି ପିଲାର ହାତ ଧରି ଖଡି ଛୁଆଇଁଥିଲେ କ୍ଷ ଖଡି ଛୁଆଁ ପରେ ପିଲାଙ୍କୁ ବିଦ୍ୟାଳୟ ତରଫରୁ ମାଣ୍ଡିଆ ଲଡୁ ଓ କିଟ ପ୍ରଦାନ କରାଯାଇଥିଲା । ଶେଷରେ ଜିଲ୍ଲାପାଳ ପତାକା ଦେଖାଇ କୋରପୁଟ ବ୍ଲକ ନିମନ୍ତେ ଉଦିଷ୍ଟ "ଶିକ୍ଷା ସଚେତନତା ରଥ" ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ ।



# ଜିଲ୍ଲାସ୍ତରୀୟ ସ୍ଥାୟୀ ଜୀବନଶୈଳୀ ପ୍ରଦର୍ଶନୀ

କୋରାପୁଟ: ଆଜି ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ କୋରାପୁଟ ଜିଲ୍ଲାସ୍ତରୀୟ ସ୍ଥାୟୀ ଜୀବନଶୈଳୀ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ରୂପେ ଜୟପୁରସ୍ଥିତ ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ଅଧ୍ୟକ୍ଷ ରୂପ ଚନ୍ଦ୍ର ସୋରେନ ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିଲେ ।୧୪ ଟି ବ୍ଲକ୍ ରୁ ୫୨ ଜଣ ଛାତ୍ରଛାତ୍ରୀ ସାତୋଟି ଭିନ୍ନ ଭିନ୍ନ ପ୍ରସଙ୍ଗକୁ ଆଧାର କରି ପ୍ରକଳ୍ପ ଗୁଡ଼ିକୁ ପ୍ରଦର୍ଶନୀରେ ଉପସ୍ଥାପନ କରିଥିବା ବେଳେ ସହରର ବିଭିନ୍ନ ବିଦ୍ୟାଳୟରୁ ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରଦର୍ଶନୀର ପ୍ରକଳ୍ପ ଗୁଡ଼ିକୁ ଦେଖି ଆନନ୍ଦ ପ୍ରକାଶ କରିଥିଲେ ।ଉଦଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କ ସମେତ ବରିଷ୍ଠ ବୈଜ୍ଞାନିକ ଜ୍ୟୋତିର୍ମୟୀ ଲେଙ୍କା, ଏସଡିପିଓ ଡ.ଶ୍ରାବଣୀ ନାୟକ,ଅଧ୍ୟକ୍ଷ ରୂପ ଚନ୍ଦ୍ର ସୋରେନ, ଗୁଣାତ୍ମକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି ,ଜିଲ୍ଲା ବିଜ୍ଞାନ ପରିଦର୍ଶକ ଅନନ୍ତ ଦଳପତି ଏବଂ ପ୍ରଧାନଶିକ୍ଷକ ହିମାଂଶୁ ଦାସ ଯୋଗ ଦେଇ ଶ୍ରେଷ୍ଠ ତିନି ଜଣଙ୍କୁ ପୁରସ୍କୃତ କରିଥିଲେ ।କୋଟପାଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ସତ୍ୟରାଜ୍ ମହାପାତ୍ର ଏହି ପ୍ରଦର୍ଶନୀରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଦ୍ୱିତୀୟ ସ୍ଥାନ ଜୟପୁର ସିଟି ଉଚ୍ଚ ବିଦ୍ୟାଳୟର ସିଏଚ ସୁପ୍ରିୟା ଏବଂ ତୃତୀୟ ସ୍ଥାନ କୋରାପୁଟ ମାନବର ଉଚ୍ଚ ବିଦ୍ୟାଳୟର ଲିପି ମିନିଆକା ହାସଲ କରିଥିବା ସୂଚନା ମିଳିଛି । ବିଚାରକ ରୂପେ ଜୟପୁର ମହିଳା ମହାବିଦ୍ୟାଳୟର ଡ. ସୈରେନ୍ଦ୍ରି ମହାରଣା,କାଞ୍ଚନ ତାଣ୍ଡି ଏବଂ ଅନନ୍ତ ଦଳପତି କାର୍ଯ୍ୟ ତୁଲାଇଥିଲେ ।





# କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚଣ୍ଡିଖୋଲଠାରେ ଭବ୍ୟ ସ୍ୱାଗତ

ବଡଚଣା/ଚଣ୍ଡିଖୋଲ,(ନି: ପ୍ର) ବଡ଼ଚଣା ବ୍ଲକ ଚଣ୍ଡିଖୋଲ ଠାରେ ସାଧାରଣ ଜନତା କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇ ଥିଲେ । ଶ୍ରୀ ପ୍ରଧାନ ବାଲେଶ୍ୱର ଗସ୍ତରେ ଥିବା ବେଳେ ତାଙ୍କୁ ବଡଚଣା ବିଧାୟକ ଅମର କୁମାର୍ ନାୟକ ଭବ୍ୟ ସ୍ୱାଗତ କରିଥିବା ବେଳେ ଶହ ସହ ଦଳୀୟ କର୍ମକର୍ତ୍ତାଙ୍କୁ ଦେଖି ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଥିଲେ ।



# ରାଜନୈତିକ କନ୍ଦଳରେ ବଳି ପଡିଲା ରାସ୍ତାକାମ

ଫୁଲନଖରା: ବୟାଳିଶମୌଜା ଅନ୍ତର୍ଗତ ଦଧିବାମନପୁର ପଂଚାୟତସ୍ଥ ଭୂଆସୁଣି ମନ୍ଦିର ଠାରୁ ମଲିଆ ଜୋର ପର୍ଯ୍ୟନ୍ତ ଥିବା ରାସ୍ତାଟି ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ରହିଥିଲା । ଏହି ଫଳେଇ ରାସ୍ତାଟି ସମ୍ପୂର୍ଣ୍ଣ ଭାବରେ ବିପର୍ଯ୍ୟସ୍ତ ହୋଇପଡିଥିଲା । ତେବେ ଗତ ଆର୍ଥିକ ବର୍ଷରେ ଜିଲ୍ଲାପରିଷଦ ପାଣ୍ଠିରୁ ୫ ଲକ୍ଷ ଟଙ୍କା ରାସ୍ତା ପାଇଁ ମଂଜୁର କରାଯାଇଥିଲା । ପୂର୍ବତନ ସରକାରଙ୍କ ସମୟରେ ମଂଜୁର ହୋଇଥିବାରୁ ସେତେବେଳର ଶାସକ ଦଳର ଲୋକଙ୍କୁ କାମ କରିବା ପାଇଁ ବାଧ୍ୟ କୁହାଯାଇଥିଲା । ମାତ୍ର ସରକାର ପରିବର୍ତନ ପରେ ବିଧାୟକ ସମସ୍ତ ପୁରୁଣା ଏଜେନ୍ସି ଓ ସମସ୍ତ ପୁରୁଣା କାମକୁ ବାତିଲ କରିଦେଲେ । ନୂତନ ଭାବରେ ନିଜ ଦଳୀୟ ପିଲାଙ୍କ ନାଁ ଏଜେନ୍ସି ପାଇଁ ଦେଲେ । ନୂତନ ଭାବେ ଭୂଆସୁଣି ମନ୍ଦିରର ଏଜେନ୍ସି ନେଇଥିବା ଏବଂ ପୁରୁଣା ଏଜେନ୍ସି ମଧ୍ୟରେ ରାଜନୈତିକ କନ୍ଦଳ ଦେଖାଯାଇଥିଲା । ଏପରିକି ଆକ୍ଷେପ ପ୍ରତ୍ୟାକ୍ଷେପ ଭିତରେ ବୟାଳିଅମୌଜା ଥାନା ରେ କଥା ପହଁଚିଥିଲା । ତେବେ ବହୁଦିନ ପରେ କାମ ନହେବାରୁ ସଦର ବ୍ଲକ ଉନ୍ନୟନ ଅଧିକାରୀ ପ୍ରତୀକ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ସମ୍ପୃକ୍ତ ରାସ୍ତା ପାଇଁ ଥିବା ଅନୁଦାନ ରାଶିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ସେହି ରାସ୍ତା ପାଇଁ ପରେ ଅନୁଦାନ ରାଶି ଆସିଲେ ରାସ୍ତା କାମ ହେବ । ତେବ ରାଜନୈତିକ କନ୍ଦଳରେ ବଳି ପଡିଥିବା ଏହି ରାସ୍ତା କେବେ ମରାମତି ହେବ ତାହା ଏବେ ପ୍ରଶ୍ନବାଚୀ। ଅନ୍ୟପଟେ ଅନୁଦାନ ଫେରିବା ପରେ ଶାସକ ଦଳ ପାଇଁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

# ଓଡ଼ିଆ ପକ୍ଷ ପାଳନର ଷଷ୍ଠ ଦିବସରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ

ଯାଜପୁର: ଓଡ଼ିଶା ଦିବସ ଠାରୁ ଆରମ୍ଭ ହୋଇ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ସାରା ରାଜ୍ୟରେ ଉତ୍ସାହ ଓ ଉଦ୍ଦୀପନା ର ସହିତ ପାଳନ ହେଉଛି ଓଡ଼ିଆ ପକ୍ଷ। ଏହି 'ଓଡ଼ିଆ ପକ୍ଷ' କୁ ଆଧାର କରି ଷଷ୍ଠ ଦିବସ ତଥା ତା-୦୬-୦୪-୨୦୨୫-ରିଖ ଯାଜପୁର ଜିଲ୍ଲାସ୍ତରୀୟ ଦେବାଳୟ ଓ ଐତିହ ସ୍ଥଳୀ ଗୁଡ଼ିକର ସାମୂହିକ ସ୍ୱଚ୍ଛତା ଅଭିଯାନ, ଦଶାଶ୍ୱ ମେଧ ଘାଟ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ସକାଳ ୬:୩୦ ଘଟିକା ସମୟରେ ଏବଂ ସକାଳ ୭:୩୦ ସମୟରେ ବିରଜା ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଯାଜପୁର ପୌରପାଳିକା ଓ ଜିଲ୍ଲା ପ୍ରଶାସନ, ଯାଜପୁର ଆନୁକୁଲ୍ୟ ରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାପାଳ ଶ୍ରୀମତୀ ପି ଅନ୍ୱେଷା ରେଡ୍ଡି ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଉପଜିଲ୍ଲାପାଳ ଏବଂ ଯାଜପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଙ୍କ ଉପସ୍ଥିତିରେ ସ୍ଥାନୀୟ ଜନସାଧାରଣ ମାନଙ୍କୁ ନେଇ ଏହି ଐତିହ୍ୟ ସ୍ଥଳୀ ଗୁଡିକରେ ସାମୂହିକ।ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା।ଓଡ଼ିଆ ଜାତୀୟତା ଏବଂ ଓଡ଼ିଆ ପରମ୍ପରା ବଜାୟ ରଖିବାରେ ଏହି ଐତିହ୍ୟ ସ୍ଥଳୀ ଗୁଡ଼ିକର ଭୂମିକା ଅତୁଳନୀୟ ବୋଲି ଏକ ବାର୍ତ୍ତା ସାଧାରଣ ନାଗରିକ ମାନଙ୍କୁ ଦିଆଯାଇଥିଲା। ଏହି କ୍ରମରେ ଜିଲ୍ଲାବ୍ୟାପୀ ବିଭିନ୍ନ ମନ୍ଦିର ଏବଂ ଧାର୍ମିକ ପୀଠ ଗୁଡ଼ିକରେ ସ୍ଥାନୀୟ ଜନସାଧାରଣ ଏବଂ ଜନପ୍ରତିନିଧି ମାନଙ୍କୁ ନେଇ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା, ଶଙ୍ଖଚିଲା ସ୍ଥିତ







# ହଜାର ହଜାର ଭକ୍ତଙ୍କ ସମାଗମରେ ବାପା ଘରକୁ ଆସିଲେ ମାଁ ବୁଢୀ ଠାକୁରାଣୀ ସାଆନ୍ତାଣୀ

## ଦୁଇ ବର୍ଷର ଅପେକ୍ଷା ପାଇଁ ଭାବିହ୍ୱଳରେ କାନ୍ଦି କାନ୍ଦି ଦର୍ଶନ କଲେ ମହିଳା ଭକ୍ତ

## ୬ ପ୍ଲାଟୁନ୍ ପୋଲିସ ଫୋର୍ସ ଓ ୩୫ଜଣ ଅଧିକାରୀ ସୁରକ୍ଷାରେ ଥିଲେ ମୁତୟନ





ବ୍ରହ୍ମପୁର: ଦୀର୍ଘ ଦିନର ଚଳଚଞ୍ଚଳ ଆଜି ଏକ ପ୍ରକାର ଉତ୍ସାହରେ ପରିଣତ ହୋଇଛି, ବିଶ୍ୱ ପ୍ରସିଦ୍ଧ ଏହି ଯାତ୍ରା ଆଜି ଏକ ଉତ୍ସବ ଭଳି ପରିଲକ୍ଷିତ ହୋଇଥିଲା । ହଜାର ହଜାର ଭକ୍ତଙ୍କ ସମାଗମ ସହ ଭଳିକି ଭଳି କୀର୍ତ୍ତନ ସଂଘ ମାନଙ୍କ ସଙ୍କୀର୍ତ୍ତନ ଓ ଯୁବଗୋଷ୍ଠୀଙ୍କ ଢୋଲ, ମହୁରୀ, ଶଙ୍ଖ, ବାଜାର ସମାଗମ ଯାତ୍ରାକୁ ଦ୍ୱିଗୁଣିତ କରିଥିଲା । ତେବେ ସୂଚନା ଅନୁସାରେ ଗୁରୁବାର ଅପରାହ୍ନରେ ବ୍ରହ୍ମପୁର ସହରର ସମସ୍ତ ଜନ ସାଧାରଣଙ୍କ ଅବଗତ ନିମନ୍ତେ ଶ୍ରୀ ଶ୍ରୀ ଶ୍ରୀ ମାଁ ବୁଢ଼ି ଶାନ୍ତାଣୀ ଠାକୁରାଣୀଙ୍କ ଯାତ୍ରାର ମୁଖ୍ୟ ପରିଚାଳକ ତଥା ବାପା ଦେଶୀ ବେହେରା ନିର୍ଦ୍ଦେଶ କ୍ରମେ ଏକ ଧେଣ୍ଡୁରା ବାଜା ଦ୍ୱାରା ଆଜିର ଯାତ୍ରା ପାଇଁ ନିମନ୍ତ୍ରଣ କରିବା ସହ ଏହି ସାମୁହିକ ଯାତ୍ରାରେ ଯୋଗଦାନ କରି ଶୋଭାଯାତ୍ରାକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ତେବେ ପ୍ରକାଶ ଥାଉ କି, ଆଜି ରାତ୍ର ପ୍ରାୟ ୧୨ ଘଣ୍ଟା ସମୟରେ ଠାକୁରାଣୀ ମାଁ'ଙ୍କର ଜନ୍ମ ସ୍ଥାନ ହୋଇଥିବା ଦେଶୀବେହେରା ସାହି ସ୍ଥିତ ପୀଠମ ଘର ଠାରୁ ଏକ ବିରାଟ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ମାଁ ନିଜର ଶାଶୁଘର ବା ବଡ ଠାକୁରାଣୀ ମନ୍ଦିର ଠାରୁ ମଧ୍ୟରାତ୍ର ପ୍ରାୟ ୩.୧୦ ମି. ଠାରୁ ୪.୩୦ ମି. ମଧ୍ୟରେ ନିଜର ବାପା ଘର ବା ଅସ୍ଥାୟୀ ମଣ୍ଡପରେ ଆଗମନ କରିବା ପାଇଁ ପାରମ୍ପାରିକ ସିଦ୍ଧାନ୍ତୀ ତାରିଖ ବା ମୁହୂର୍ତ ଧାର୍ଯ୍ୟ କରିଥିଲେ । ସେହି ସମୟ ଅନୁସାରେ ଦେଶୀ ବେହେରାଙ୍କ ତତ୍ତ୍ୱାବଧାନରେ ଅସ୍ଥାୟୀ ମଣ୍ଡପ ଠାରେ ବ୍ରହ୍ମପୁର ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମାନଙ୍କ ସମେତ ବହୁ ଜନପ୍ରତିନିଧି, ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁ, ବରିଷ୍ଠ ନେତା ଡ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସୁବାଷ ଚନ୍ଦ୍ର ମହାରଣା, କଂଗ୍ରେସ ଦଳର ବରିଷ୍ଠ ନେତା ପ୍ରମୋଦ ଜେନାଙ୍କ ସମେତ ମହାନଗର ନିଗମର ମେୟର ସଂଘମିତ୍ରା ଦଳାଇ ଓ ପ୍ରାୟ ସମସ୍ତ କର୍ପୋରେଟ ମାନେ ଯୋଗଦାନ କରି ଅସ୍ଥାୟୀ ମଣ୍ଡପର ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ସହ ମାଁ ଙ୍କ ଆଗମନ ପାଇଁ ଚାଙ୍ଗୁଡ଼ି ସହ ଶୋଭାଯାତ୍ରାରେ ବଡ଼ ଠାକୁରାଣୀ ମନ୍ଦିର ପର୍ଯ୍ୟନ୍ତ ଚାଲି ଚାଲି ବିଭିନ୍ନ ସାହି ପରିକ୍ରମା କରି ମନ୍ଦିରରେ ପହଞ୍ଚିଥିଲେ । ସେଠାରେ ମାଁଙ୍କ ଆରାଧନା ଓ ପୂଜାର୍ଚ୍ଚନା ସରିବା ପରେ ୨୬ଦିନର ଯାତ୍ରା ପାଇଁ ପାରମ୍ପରିକ ଇଟିମାଳା ଫୁଲର ଆଜ୍ଞାମାଳକୁ ଆଶୀର୍ବାଦ ରୂପେ ଗ୍ରହଣ କରି ପୁଣି ଉତ୍ସାହ ଓ ଉଦ୍ଦୀପନାର ସହ ଭକ୍ତିପୂତ ହୋଇ ମହାସମାରୋହରେ ଅସ୍ଥାୟୀ ମଣ୍ଡପରେ ପହଞ୍ଚି ବିଜେ ହୋଇଥିଲେ । ଏନେଇ ବଡ଼ ବଜାର ପୋଲିସ ଥାନା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ରହ୍ମପୁର ଏସପି ସର୍ବନା ବିବେକ ଏମ୍‌ଙ୍କ ତତ୍ତ୍ୱାବଧାନରେ ସମସ୍ତ ବରିଷ୍ଠ ପୋଲିସ ଅଧିକାରୀ, ଟ୍ରାଫିକ ଅଧିକାରୀ ଏବଂ ଅଗ୍ନିଶମ ବିଭାଗ ଅଧିକାରୀ ମାନଙ୍କୁ ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ସୁରକ୍ଷା ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରାଯାଇଥିଲା। ସୂଚନା ଅନୁସାରେ ଯାତ୍ରାର ପରିଚାଳନା ପାଇଁ ୬ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିବ ସହ ୩୫ଜଣ ଅଧିକାରୀ ସୁରକ୍ଷାରେ ରହିଥିବା ଏସପି କହିଛନ୍ତି । ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଯାତ୍ରାର ସଫେଇ ନିମନ୍ତେ ସ୍ୱତନ୍ତ୍ର ରୂପେ ୮୦ ଜଣ ସଫେଇ କର୍ମଚାରୀ ମାନଙ୍କୁ ନିୟୋଜିତ କରାଯାଇଛି। ସନ୍ଧ୍ୟାରେ ଦେଶୀ ବେହେରା ସାହି ଠାରେ ନିଗମର ମେୟର ଶ୍ରୀମତୀ ସଂଘମିତ୍ରା ମହାନ୍ତି, କମିଶନର ଭବାନୀ ପ୍ରସାଦ ମିଶ୍ର, ସ୍ଥାନୀୟ କର୍ପୋରେଟର ଟି କିଶୋରୀ ପାତ୍ର, ଡେପୁଟି କମିଶନର ସାନିଟେଶନ ଓ ଏନଫର୍ସମେଣ୍ଟ କଲ୍ୟାଣୀ ସଂଘମିତ୍ରା, ଉପସ୍ଥିତ ରହି ଉପସ୍ଥିତ ୩୦ ଜଣ ସଫେଇ କର୍ମଚାରୀ ମାନଙ୍କୁ ପୋଷାକ ଓ ପରିଚୟ ପତ୍ର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ମେୟର ଶ୍ରୀମତୀ ଦଳାଇ କହିଛନ୍ତି ଯେ, ପ୍ରସିଦ୍ଧ ମାଁ ବୁଢୀ ଠାକୁରାଣୀଙ୍କ ଯାତ୍ରାର ସାହି ଏବଂ ମଣ୍ଡପର ସଫେଇ ନିମନ୍ତେ ମୋଟ ୮୦ ଜଣଙ୍କୁ ନିଯୁକ୍ତି ଦିଆଯାଇଥିବା ସହ ସେହି ମାନଙ୍କ କାର୍ଯ୍ୟ ପାଇଁ ଦୈନିକ ୪ଟି ପର୍ଯ୍ୟାୟରେ ଭାଗ କରାଯାଇଛି । ଗୋଟିଏ ଭାଗରେ ୨୦ ଜଣ ଲେଖାଏଁ କର୍ମଚାରୀ ରହି କାର୍ଯ୍ୟ କରିବା ସହ ନିର୍ଦ୍ଦେଶ ପ୍ରକାରେ ସମୟ ପରିବର୍ତ୍ତନ କରି ୪ଟି ଦଳ କାର୍ଯ୍ୟ କରିବେ । ଏହି ଦଳ ମାନଙ୍କୁ ପ୍ରତ୍ୟୁଷ, ପି ଏମ୍ ଆର୍ ଓ ପାରା ଭଳି ତିନୋଟି ଦ୍ୱାରା ତ୍ୱରାନିତ ହେବ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଅର୍ବାନ ବ୍ୟାଙ୍କ ସଭାପତି ଆର୍ ମୁରଲୀ ମୋହନ, କର୍ପୋରେଟର ଟି ତ୍ରିପତି ପାତ୍ର, ଡି କରୁଣାକର, ପ୍ରଦୀପ ଶତପଥି, ସିଏଚ ରଞ୍ଜିତା ବେହେରାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ ନିରୀକ୍ଷକ ମନେ ଉପସ୍ଥିତ ଥିଲେ।

# ବଡ଼ଚଣା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଥ ସ୍ତରୀୟ ଏଜେଣ୍ଟ ନିଯୁକ୍ତି ନେଇ ରାଜନୈତିକ ଦଳମାନଙ୍କ ସହିତ ବୈଠକ



ଯାଜପୁର: ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ପ୍ରତ୍ୟେକ ଦଳ ଦ୍ୱାରା ପ୍ରତି ବୁଥରେ ବୁଥ ସ୍ତରୀୟ ଏଜେଣ୍ଟ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି କ୍ରମରେ ଆଜି ବଡ଼ଚଣା ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ରିଟର୍ନିଙ୍ଗଅଫିସର ତଥା ଅତିରକ୍ତ ଜିଲ୍ଲାପାଳ, ରାଜସ୍ୱ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ସ୍ୱଚ୍ଛତା ପାଇଁ ନିର୍ଭୁଲ ଭୋଟର ତାଲିକାର ଭୂମିକା ବିଷୟରେ ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ନିଙ୍ଗ ଅଫିସର ଆଲୋକପାତ କରିଥିଲେ। ଜିଲ୍ଲାର ପ୍ରତି ବୁଥରେ ରାଜନୈତିକ ଦଳଙ୍କ ଦ୍ୱାରା ବିଏଲଏ ନିଯୁକ୍ତି କରିବା ପ୍ରକ୍ରିୟା ନେଇ ଫର୍ମ ୧ ଓ ଫର୍ମ ୨ ବିଷୟରେ ଅତିରିକ୍ତ ଜିଲ୍ଲାପାଳ ବୁଝାଇଥିଲେ। ଭୋଟର ତାଲିକାରେ ଯୋଗ, ବିୟୋଗ, ସଂଶୋଧନ, ସ୍ଥାନାନ୍ତର ଆଦି ପାଇଁ ବିଏଲଏ ମାନେ ବିଏଲଓ ମାନଙ୍କ ସହ ମିଶି କାର୍ଯ୍ୟ କରିବା ଉପରେ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ବୁଝାଇ ଦିଆଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ଡେପୁଟି କଲେକ୍ଟର ତଥା ନିର୍ବାଚନ ଶାଖା ଅଧିକାରୀ ଶ୍ରୀମତୀ ଦିପ୍ତିମୟୀ ବେହେରା ବୈଠକର ଆଭିମୁଖ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରି ବୈଠକର ଉପସ୍ଥିତ ସମସ୍ତ ଦଳୀୟ କର୍ମକର୍ତ୍ତା ମାନଙ୍କୁ ନିର୍ଦ୍ଧାରିତ ଫର୍ମ ଯୋଗାଇ ଦେଇଥିଲେ। ନିର୍ବାଚନ କମିଶନ ଓ ଭାରତର ଏକକ ପରିଚୟ ପତ୍ର ପ୍ରକରଣ ଅଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ସହମତି କ୍ରମେ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ଲିଙ୍କ କରାଯିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା। ବୈଠକରେ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ବିଏଲଏ ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ଶିବାନନ୍ଦ ସ୍ୱାଇ, ଡେପୁଟି କଲେକ୍ଟର, ନିର୍ବାଚନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ବୈଠକରେ ଅଂଶ ଗ୍ରହଣ କରିଥିଲେ।ଉକ୍ତ ବୈଠକରେ ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ଶ୍ରୀ ଦୁର୍ଯ୍ୟୋଧନ ବେହେରା, ସି ପି ଆଇ (ଏମ ) ତରଫରୁ ଶ୍ରୀ ନିମାଇଁ ରଥ ଓ ବିଏସପି ତରଫରୁ ଅକ୍ଷୟ କୁମାର ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ୫ରୁ ବଙ୍ଗୋମୁଣ୍ଡାରେ ଶ୍ରୀ ଶ୍ରୀ ରାମ ନବମୀ ପୂଜନୋତ୍ସବ ଓ ଶ୍ରୀ ଶ୍ରୀ ଷୋହଳ ପ୍ରହର ନାମଯଜ୍ଞ

ବଙ୍ଗୋମୁଣ୍ଡା: ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ରେ ଶ୍ରୀ ରାମନବମୀ ପୂଜା କମିଟୀ ତଥା ବଙ୍ଗୋମୁଣ୍ଡା ଗ୍ରାମବାସୀ ବୃନ୍ଦ ଙ୍କ ସହ ଯୋଗ ରେ ଆସନ୍ତା ୫ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ରାମ ନବମୀ ପୂଜନୋତ୍ସବ ଓ ଶ୍ରୀ ଶ୍ରୀ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ ବୋଲି ଜଣାପଡିଛି । ୫ ତାରିଖ ଅପରାହ୍ନ ରେ କଳସଯାତ୍ରା ଓ ଅଧିବାସ,୬ ତାରିଖ ସକାଳ ୭ ଘଟିକା ରେ ନାମ ଆରମ୍ଭ ହୋଇ ୮ ତାରିଖ ଦିନ ପୂର୍ଣ୍ଣାହୂତୀ ହେବ ବୋଲି ଆୟୋଜକ କମିଟୀ ପକ୍ଷରୁ ସୂଚନା ମିଳିଛି । ଏଥିରେ କର୍ତ୍ତା ଭାବେ ସନ୍ତୋଷ ଅଗ୍ରୱାଲ ଓ ତାଙ୍କ ସହ ଧର୍ମିଣୀ ସୁଜାତାଦେବୀ ଅଗ୍ରୱାଲ ଦାୟିତ୍ୱ ତୁଲାଇବେ । ଶ୍ରୀ ରାମ ନବମୀ ପୂଜା କମିଟୀ ର ଅଧ୍ୟକ୍ଷ ତଥା ବଙ୍ଗୋମୁଣ୍ଡା ସରପଂଚ ଅଜିତ କୁମାର ଯୋଶୀ,ସଭାପତି ନିଳାଂଚଳ ଥନାପତି,କାର୍ଯ୍ୟକାରୀ ସଭାପତି ନାରାୟଣ ମିଶ୍ର,ଉପସଭାପତି କପିଳ ଅଗ୍ରୱାଲ,ଠାକୁର ଛତ୍ରିଆ,ସମ୍ପାଦକ ଯଶୋବନ୍ତ ବାଗ,ସହ ସମ୍ପାଦକ ରମେଶ ଜୈନ,କୋଷାଧ୍ୟକ୍ଷ ସନ୍ତୋଷ ଜୈନ,ପ୍ରଚାର ପ୍ରସାର କମିଟୀ ହୁଲେଶ୍ୱର ହଂସ,ଅଶୋକ ନାରାୟଣ ଭୋଇ,ଦୀପକ କୁମାର ଦାସ ଯାଦବ,ରଶ୍ମିରଞ୍ଜନ ପୁଟେଲ,ରାଧେଶ୍ୟାମ ମେହେର,ସୁଶାନ୍ତ ବେହେରା,ସଦସ୍ୟ ସୁଶାନ୍ତ କୁମାର ଯୋସୀ,କ୍ଷୀର ସାହୁ,ପଦ୍ମନାଭ ବାରିକ,ଧରମ ବାରିକ,ସୁଶାନ୍ତ ବାରିକ,ନାଟୁ ବାରିକ,ନରେଶ ଅଗ୍ରୱାଲ,ସନ୍ତୋଷ ଅଗ୍ରୱାଲ,ବସନ୍ତ ଜୈନ,ଅନିଲ ଗୁପ୍ତା,ଦୁର୍ଗା ବନଛୋର,ବିନୋଦ ପୁଟେଲ ,ଭାଗିରଥି ପୁଟେଲ,ପିଣ୍ଟୁ ଦାସ,ପରିକ୍ଷିତ ସାହୁ,ବାବାଜି ଦାସ,ପିଣ୍ଟୁ ପାତ୍ର,ଆୟୁଷ ସାହୁ,ନିଳାଂଚଳ ସା,ଚମ୍ପେ ସାହୁ,ସୁନିଷ ପ୍ରଧାନୀ,ଜଗନ୍ନାଥ ଭୋଇ,ଚମାର ସେଠ୍ ?,ବାସୁ ମହାଲିକ,ବିନୋଦ ବାରିକ,ନୂଆଁ ମନହୀରା,ଶୁଭମ ଅଗ୍ରୱାଲ,ମଧୁ ଭୋଇ ,ବିକାଶ ପୁଟେଲ ପ୍ରମୁଖ ଙ୍କ ସହ ଗ୍ରାମବାସୀ ପ୍ରସ୍ତୁତି କୁ ଚୂଡାନ୍ତ ପର୍ଯ୍ୟାୟ ରେ ପହଂଚିଛି । ଅଂଚଳ ର ବିଭିନ୍ନ ସଂକୀର୍ତ୍ତନ୍ୟ ଦଳ ସାମିଲ ହେବେ ବୋଲି କମିଟୀ ପକ୍ଷରୁ ସୂଚନା ମିଳିଛି ।

# ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀରେ ଜନ ଅଭିଯୋଗ ଶୁଣାଣି



ଯାଜପୁର: ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।ଆଜି ମୋଟ ୨୪୫ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୮୯ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୧ ଗୋଟି, ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୧୪୩ ଗୋଟି ଓ ରେଡ୍ କ୍ରସ୍ ପାଣ୍ଠିରୁ ୦୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୫୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅନିରୁଦ୍ଧ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ଶ୍ରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ, ଯାଜପୁର ଶ୍ରୀ ତାପସ ରଂଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ,ଶ୍ରୀ ହେମନ୍ତ କୁମାର ମହନ୍ତ, ତହସିଲଦାର, ଯାଜପୁର ଶ୍ରୀ ରବି ନାରାୟଣ ପାଢ଼ୀ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

# ଶହୀଦ ରଘୁ-ଦିବାକରଙ୍କ ଆତ୍ମ ବଳିଦାନ ଅତୁଳନୀୟ

ଭୁବନେଶ୍ୱର : ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ରଣପୁର ପ୍ରଜା ଆନ୍ଦୋଳନରେ ଶହୀଦ ହୋଇଥିବା ଯୁବ ଅମ୍ଳାନ କବି, ବିପ୍ଳବୀ, ମହାନ୍ ବ୍ୟକ୍ତିତ୍ୱର ଅଧିକାରୀ ଶହୀଦ ରଘୁ-ଦିବାକରଙ୍କ ୮୫ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଭୁବନେଶ୍ୱର ୟୁନିଟ୍-୯ ସ୍ଥିତ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ବିଧାନସଭାର ମାନନୀୟା ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ବିଶିଷ୍ଟ ଅତିଥି ତଥା ସଂଯୋଜକ ଭାବରେ ବରିଷ୍ଠ ସାମ୍ବାଦିକ ତଥା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ସଂଗଠନର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜା ପ୍ରାଣ ଲକ୍ଷ୍ମୀଧର ବେହେରା, ସମ୍ମାନିତ ଅତିଥି ଭାବରେ ସରକାରଙ୍କ ଅଧିକାରୀ ସୁଚେତା ପ୍ରିୟଦର୍ଶିନୀ, ବିଭୂତି ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ରହିବା ସହ ଶହୀଦଙ୍କ ଦେଶ ମାତୃକା ପ୍ରତି ଥିବା ସମର୍ପିତ ପ୍ରାଣ, ନିଷ୍ଠା ତଥା ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ମାନନୀୟା ବାଚସ୍ପତି ଶ୍ରୀମତୀ ପାଢୀ ତତ୍କାଳୀନ ରାଜାଙ୍କ ଅତ୍ୟାଚାର ବିରୋଧରେ ଶହଦୀ ରଘୁ-ଦିବାକରଙ୍କ ସଂଗ୍ରାମ ଆଜିବି ସ୍ୱତନ୍ତ୍ର ଭାବରେ ସମସ୍ତଙ୍କ ହୃଦୟରେ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ପ୍ରଦ୍ୟୁମ୍ନ ବାବୁ ରାଜଧାନୀରେ ଶହୀଦଙ୍କ ଭବ୍ୟ ପ୍ରତମୂର୍ତ୍ତି ପ୍ରତିଷ୍ଠା କରିବାକୁ ସରକାର ଓ ମାନନୀୟା ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ରାଜଧାନୀରେ ଶହୀଦଙ୍କ ଭବ୍ୟ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ବାଚସ୍ପତି ଦୃଢ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ପାଇକଗୁରୁ କବିରାଜ ପ୍ରଧାନ, ସାମ୍ବାଦିକ ବିଜ୍ଞାନ କୁମାର ବିଶ୍ୱାଳଙ୍କୁ ଶହୀଦ ରଘୁ-ଦିବାକର ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରମେଶ ପାତାଳ ସିଂ, ଗିରିଜା ମହାପାତ୍ର, ନାରାୟଣ ଖୁଣ୍ଟିଆ କବି ରାମଚନ୍ଦ୍ର ଦାଶ, ରାଧାମୋହନ ମହାପାତ୍ର, ମନୋରଞ୍ଜନ ମହାନ୍ତି, ସୀତାଂଶୁ ଶେଖର ମହାରଣା, କସ୍ତୁରୀ ଚରଣ ଦାସ ପ୍ରମୁଖ ପରିଚାଳନା କରିଥିଲେ।


Jajpur Highlights
ଯାଜପୁର ହାଇଲାଇଟ୍ସ
Jajpur
1-15-2025
APRIL


DEBESWAR INTERNATIONAL SCHOOL
Boarding | Day School | Day Boarding
Organised by: Debeswar Educational Trust
Regd. No. - 782302020
NTT / PTT TRAINED TEACHERS
PLAY | DANCE | LEARN
MUSIC | CRAFT | PAINTING
Debeswar Cultural Academy
Director - Harihara Swain
ADMISSION OPEN
Free Admission For Play Group
Narasinghpur, Kodandapur, Jajpur Town, Email - debeswarinternationalschool2023@gmail.com
Contact - 9937400385, 7735150845

# ପାଣ୍ଡିଆନ-ବବିଙ୍କ ପାଖରେ ଦଳୀୟ ପାଣ୍ଠି , ଆହ୍ୱାନ ନେବାକୁ ନବୀନ ଚୁପ୍

ୱ୍କଫ୍ ବିଲ୍ ପ୍ରସଙ୍ଗରେ ବିଜେଡିରେ ଉଠିଥିବା ଝଡ଼ ଏବେ ଜଟିଳ ହୋଇ ନିର୍ଣ୍ଣାୟକ ମୋଡ଼ ନେବାକୁ ଯାଉଛି । ଏହାସହିତ ବିଜେଡି ଏବେ କାହାର ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଲାଣି । ୱ୍କଫ୍ ବିଲ ପ୍ରସଙ୍ଗରେ ଦଳରେ ଚାଲିଥିବା ବୟାନବାଜି ଓ ଅସ୍ଥିରତାକୁ ସମାପ୍ତ କରିବା ପରିବର୍ତ୍ତେ ନିଜର ଅସହାୟତା ପ୍ରକଟ କଲେଣି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଆଉ ରାଜ୍ୟସଭାରେ ଯାହା ହୋଇଛି ତାଙ୍କର ନିର୍ଦ୍ଦେଶରେ ହୋଇନି ବୋଲି ସେ ପରୋକ୍ଷରେ ମଧ୍ୟ ସ୍ୱୀକାର କରି ଘଟଣାର ଅନୁଧ୍ୟାନ କରିବାର ଭରସା ଦେଇଥିବାରୁ ଦଳରେ ଅସନ୍ତୋଷକୁ ତୀବ୍ର ରୂପ ଧାରଣ କଲାଣି । ସୋମବାର ନବୀନଙ୍କ ଏଭଳି ବୟାନ ପରେ ରାଜ୍ୟସଭାରେ ଦଳୀୟ ସାଂସଦମାନଙ୍କୁ 'ବିବେକାନୁମୋଦିତ' ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ଅନ୍ୟ କେହି ନିର୍ଦ୍ଦେଶ ଦେଇଥିବା ଏକରକମ ସ୍ପଷ୍ଟ ହୋଇଯାଇଛି । ତଥାପି ନବୀନ ଦଳରେ ବଢୁଥିବା ଏଭଳି ଅସ୍ଥିରତାକୁ ପ୍ରଶମିତ କରିବାକୁ କାହିଁକି ନିରବ ରହିଛନ୍ତି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ କେଉଁଠି ସମସ୍ୟା ରହିଛି ବୋଲି ତାକୁ ନେଇ ଲାଗି ରହିଥିବା ଚର୍ଚ୍ଚା ମଧ୍ୟରେ ବେଶ୍ ଗୁରୁତର ଘଟଣା ସାମ୍ନାକୁ ଆସିଛି । ନବୀନଙ୍କୁ ଅନ୍ଧାରରେ ରଖି ଦଳ ଓ ଦଳୀୟ ପାଣ୍ଠିକୁ ହଡ଼ପ ସହ ନିଜ ପତ୍ନୀ ସୁଜାତାଙ୍କୁ ବିଜେଡିର ନେତୃତ୍ୱ ଦେବା ନିମନ୍ତେ ପାଣ୍ଡିଆନ ସୁଚିନ୍ତିତ ଢଙ୍ଗରେ ଏଭଳି ରଣନୀତି କରିଥିବା ସୂଚନା ମିଳିଛି । ନବୀନଙ୍କ ପାଖରେ ଦଳ ନାହିଁ ତେଣୁ ୱ୍କଫ୍ ପ୍ରସଙ୍ଗରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ସେ ଅକ୍ଷମ ଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି ।ବିଜେଡି ଏବେ କାହାର ଓ କାହା ନିୟନ୍ତ୍ରଣରେ ଅଛି ? ନବୀନ ପଟ୍ଟନାୟକଙ୍କ ବର୍ତ୍ତମାନର ଆଭିମୁଖ୍ୟ ଓ ଅସହାୟତାକୁ ଦେଖିବା ପରେ ଏଭଳି ପ୍ରଶ୍ନ ଉଠିବା ସ୍ୱାଭାବିକ । ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଆଖିଦୃଶିଆ ସଫଳତା ସହ ପଂଚମଥର ସରକାର ଗଢ଼ିବା ପରେପରେ ବିଜେଡିର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଭିକେ ପାଣ୍ଡିଆନ ଓ ତାଙ୍କ ଗୋଷ୍ଠୀଙ୍କ ହାତକୁ ଚାଲିଯାଇଛି । ଦଳରେ କିଏ କ'ଣ କହିବେ, କାହାକୁ କେଉଁ ପଦପଦବୀ ଦିଆଯିବ, କିଏ ଲଢ଼ିବେ ଏପରିକି ପ୍ରତ୍ୟେକ ଛୋଟବଡ଼ ନିଷ୍ପତ୍ତି ପାଣ୍ଡିଆନ ହିଁ ନେଉଥିଲେ । ନବୀନଙ୍କ ବିଶ୍ୱାସ ଜିଣି ଉଭୟ ଦଳ ଓ ସରକାରରେ ପାଣ୍ଡିଆନ ପାଲଟି ଯାଇଥିଲେ ଅଘୋଷିତ ସର୍ବେସର୍ବା । ଆଉ ସେବେଠୁ ନିଜର ତୋଷାମଦକାରୀଙ୍କୁ ବିଭିନ୍ନ ପଦପଦବୀରେ ଥଇଥାନ କରିବାର ଫଳ ତାଙ୍କୁ ଏବେ ମିଳିବାରେ ଲାଗିଛି । ବିଜେଡିର ସଂଖ୍ୟାବଳକୁ ଆଧାର କରି ରାଜ୍ୟସଭା ଭଳି ଗୁରୁତ୍ୱପୂର୍ଣ୍ଣ ଗାରିମାମୟ ସ୍ଥାନକୁ ପାଣ୍ଡିଆନ ନିଜର ପତିଆରା ପ୍ରଦର୍ଶନର ସ୍ଥଳୀ ଭାବେ ବାଛି ନେଇଥିଲେ । କେତେବେଳେ କାହାକୁ ସେଠାରୁ କାଢ଼ି ଆଣିବା ତ ଆଉ କାହାକୁ ଯୋଗ୍ୟତା ନଥାଇ ବି ପଠାଇବାରେ ସକ୍ଷମ ହେଉଥିଲେ । ମାନସ ମଙ୍ଗରାଜ, ଶୁଭାଶିଷ ଖୁଂଟିଆ, ସୁଲତା ଦେଓ ଓ ସନାତନ ବିଶିଙ୍କ ଭଳି ଚରିତ୍ରମାନେ ଏହାର ପ୍ରକୃଷ୍ଟ ଉଦାହରଣ । ନା ଏମାନଙ୍କର ରାଜନୀତିକ ଯୋଗ୍ୟତା ଅଛି ନା ଏମାନେ ରାଜ୍ୟରେ ପ୍ରତିଷ୍ଠିତ ଚେହେରା ।କେବଳ ପାଣ୍ଡିଆନ ଓ ତାଙ୍କ ଟିମ ସଦସ୍ୟଙ୍କ ଚାଟୁକାରିତା ହିଁ ଏମାନଙ୍କ ଯୋଗ୍ୟତା ଥିଲା । ତେଣୁ ଦଳର ବହୁ ଯୋଗ୍ୟ ଓ ପୁରୁଖା ନେତାମାନଙ୍କୁ ଅଣଦେଖା କରି ପାଣ୍ଡିଆନ ଏହି ରାଜନୀତିକ ଅପାଂକ୍ତେୟମାନଙ୍କୁ ରାଜ୍ୟସଭା ପଠାଇଥିଲେ । ଦଳର ସରକାର ଥିବାରୁ ପାଣ୍ଡିଆନଙ୍କ ଏଭଳି କାର୍ଯ୍ୟ ଉପରେ ଦଳୀୟ ନେତାମାନେ ପ୍ରତିବାଦର ସାହାସ ଜୁଟାଇବା ମଧ୍ୟ ସମ୍ଭବପର ନଥିଲା । ଏବେ ସେହି ସାଂସଦମାନେ ପାଣ୍ଡିଆନଙ୍କ ସପକ୍ଷରେ ଯୁକ୍ତି ବାଢ଼ିବାରେ ଲାଗିଛନ୍ତି । ଯଦିଓ ନବୀନଙ୍କୁ ସୋସିଆଲ ମିଡିଆରେ ସମାଲୋଚନାବେଳେ ଚୁପ୍ ରହୁଛନ୍ତି ଅଥଚ ପାଣ୍ଡିଆନଙ୍କ ବେଳକୁ ଚିହିଁକି ଉଠୁଥିବା ଜଣାପଡ଼ିଛି । ୨୦୨୪ ସାଧାରଣ ନିର୍ବାଚନରେ ପାଣ୍ଡିଆନ ଓ ତାଙ୍କ ଟିମର ଔଦ୍ଧତ୍ୟ, ତ୍ରୁଟିପୂର୍ଣ୍ଣ ରଣନୀତି ଓ ନବୀନଙ୍କୁ ନବୀନ ନିବାସ ଭିତରେ ଆବଦ୍ଧ କରି ରଖିବାର ପରିମାଣ ବିଜେଡିକୁ ଭୋଗିବାକୁ ପଡ଼ିଲା । ବିଜେଡିର ୨୪ବର୍ଷର ଶାସନର ଅନ୍ତ ହେଲା । ଆଉ ପାଣ୍ଡିଆନ ନିଜର ତ୍ରୁଟି



## ପାଣ୍ଡିଆନ କାହିଁକି ଛାଡୁ ନାହାନ୍ତି ବିଜେଡି ? ସୁଜାତାଙ୍କ ଏଣ୍ଟ୍ରି ପାଇଁ ହୋଇଛି କି 'ଡିଲ୍ ?

ଜାଣି ରାଜନୀତିରୁ ସନ୍ୟାସ ନେଲେ । ମାତ୍ର ବିଭିନ୍ନ ଉପାୟରେ ନବୀନଙ୍କୁ କରାୟତ କରିଥିବା ପାଣ୍ଡିଆନ ନବୀନ ନିବାସ ଯିବା ଛାଡ଼ିଲେ ନାହିଁ । ପ୍ରଚ୍ଛଦପଟ୍ଟରେ ରହି ଦଳର ନିଷ୍ପତ୍ତି ପୂର୍ବଭଳି ନେବାରେ ଲାଗିଲେ । ଦଳରେ ତାଙ୍କ ପ୍ରତି ବଢୁଥିବା ଅସନ୍ତୋଷକୁ ପରଖି ଦଳୀୟ ନେତାମାନଙ୍କ ଆଗରେ ପ୍ରାୟୋଜିତ ଡ୍ରାମା ମଧ୍ୟ କଲେ । ସେ ଦଳୀୟ କଥା ବୁଝିବେ ନାହିଁ ଓ ବିଦେଶ ପଳାଇବେ ବୋଲି କିଛି ଆଗଧାଡ଼ିର ନେତାଙ୍କୁ ଡାକି କହିବା ପରେପରେ ତାଙ୍କ ପତ୍ନୀ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଇସ୍ତଫା ଦେଲେ । ଦିଲ୍ଲୀ ଦରବାରରେ ନବୀନଙ୍କ ପ୍ରତି ଥିବା ସମ୍ମାନ ଯୋଗୁ ତାଙ୍କ ହସ୍ତକ୍ଷେପରେ ସୁଜାତାଙ୍କ ଇସ୍ତଫା ମଧ୍ୟ ମଞ୍ଜୁର ହେଲା । ଆଉ ପତ୍ନୀ ସୁଜାତାଙ୍କୁ ବିଜେଡିର ନେତୃତ୍ୱ ଦେବା ପାଇଁ ପାଣ୍ଡିଆନଙ୍କ ରଣନୀତିର ମୂଳଦୁଆ ପଡ଼ିଛି ।ଦଳର ବିପର୍ଯ୍ୟୟ ଓ ଦଳୀୟ ନୀତିବିରୁଦ୍ଧ ନିଷ୍ପତ୍ତିକୁ ନେଇ ବିଜେଡିରେ ବରିଷ୍ଠ ନେତାମାନେ ତୁମ୍ବିତୋଫାନ କରୁଛନ୍ତି । ପାଣ୍ଡିଆନଙ୍କ ବିରୁଦ୍ଧରେ ବିସ୍ଫୋରକ ବୟାନ ବି ଦେଉଛନ୍ତି । ମାତ୍ର ଏହାସତ ଯେ, ଦଳ କିଭଳି ଚାଲୁଛି ଓ ପାଣ୍ଠି କେଉଁଠି ଅଛି ତା'ର ସାମାନ୍ୟତମ ଧାରଣା ସେମାନଙ୍କର ନାହିଁ । ଏପରିକି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ଦଳୀୟ ପାଣ୍ଠିକୁ ନେଇ ଅନ୍ଧାରରେ ରହିଥିବା ନବୀନ ନିବାସ ସୂତ୍ରରୁ ଜଣାପଡ଼ିଛି । ସାଧାରଣ ନିର୍ବାଚନ ପରେ ଦଳ ପାଖରେ ଆନୁଷ୍ଠାନିକ ଭାବେ ୬୨୫.୦୭ କୋଟି ଟଙ୍କା ବ୍ୟାଙ୍କ ବାଲାନ୍ସ ରହିଛି । ଏହାବାଦ୍ ଦଳର ସମ୍ପତ୍ତି ପ୍ରାୟ ହାରାହାରି ୮୦କୋଟି ଟଙ୍କା । କିନ୍ତୁ ଏସବୁ ବ୍ୟତୀତ ଦଳ ପାଖରେ କେତେ ଅର୍ଥ କେଉଁଠି ରହିଛି ତାହା କେବଳ ପାଣ୍ଡିଆନ ହିଁ ଜାଣନ୍ତି । ବବିଙ୍କ ମାଧ୍ୟମରେ ସିଂହଭାଗ ପାଣ୍ଠି ବିନିଯୋଗ ହୋଇଥିବା ଦଳୀୟ ମହଲରେ ଚର୍ଚ୍ଚା । ଦଳ ପାଖରେ ପ୍ରାୟ ୨୦ହଜାର କୋଟି ଟଙ୍କାର ଘୋଷିତ ଓ ଅଘୋଷିତ ପାଣ୍ଠି ଥିବା ସନ୍ଦେହ କରାଯାଉଛି । ଦଳର ମାଲିକାନାରେ ମାନସ ମଙ୍ଗରାଜଙ୍କ ଦ୍ୱାରା ଦୁଇଟି ଗଣମାଧ୍ୟମ ସଂସ୍ଥା ପରିଚାଳିତ ହେଉଛି ଓ ମାସିକ ପ୍ରାୟ ଅଢ଼େଇରୁ ୩କୋଟି ଟଙ୍କା ଖର୍ଚ୍ଚ ହେଉଛି । ଏହା ଆସୁଛି କେଉଁଠି ତା'ର ଟେର ମଧ୍ୟ ଦଳର କୌଣସି ନେତା ପାଇନାହାନ୍ତି । ସମ୍ପୃକ୍ତ ଗଣମାଧ୍ୟମ ସଂସ୍ଥା ବିଜେଡି ଓ ନବୀନଙ୍କ ପରିବର୍ତ୍ତେ ପାଣ୍ଡିଆନ-ମାନସଙ୍କ ଗୁଣଗାନ କରିବାରେ ବ୍ୟସ୍ତ ରହିଛି । ତେଣୁ ଏଭଳି ସ୍ଥିତିରେ ପାଣ୍ଡିଆନଙ୍କୁ ନେଇ ବଢୁଥିବା ଅସନ୍ତୋଷକୁ ଅଧିକ ଜଟିଳ କରି ଫାଇଦା ଉଠାଇବା ପାଇଁ ବବି ଚତୁରତାର ସହ ଗୋଟିଚାଳନା କରୁଥିବା ଜଣାପଡ଼ିଛି । କିଛି ବରିଷ୍ଠ ନେତାମାନଙ୍କ ସହ ରହି ପାଣ୍ଡିଆନ ବିରୁଦ୍ଧରେ ଉସକାଇବା ଓ ସେମାନଙ୍କୁ ପାଣ୍ଠି ମଧ୍ୟ ଦେଉଥିବା ବିଜେଡି ମହଲରେ ଚର୍ଚ୍ଚା ହେଉଛି । ସେପଟେ ପାଣ୍ଡିଆନଙ୍କ ଅନୁଗତ ଭାବେ ନିଜକୁ ଦର୍ଶାଇ ଏପଟେ ଗୋଳିଆପାଣିରୁ ଫାଇଦା ନେବାକୁ ଉଭୟ ଡାହାଣୀ ଓ ଗୁଣିଆ ଭୂମିକାରେ ବବି ଅବତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି । ଯେହେତୁ ଦଳୀୟ ପାଣ୍ଠି ସମ୍ପର୍କରେ ଦଳର କୌଣସି ନେତା କିଛି ଜାଣନ୍ତି ନାହିଁ ଓ ନବୀନ ନିଜେ ମଧ୍ୟ ବିଗତ କିଛିବର୍ଷ ଧରି ପାଣ୍ଡିଆନଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ରହିଥିବାରୁ ଏବେ ଦଳର ଉଭୟ ଘୋଷିତ ଓ ଅଘୋଷିତ ପାଣ୍ଠି କେଉଁଠି ଅଛି ତାହା ଜାଣିବା ନବୀନଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଛି । ପାଣ୍ଡିଆନ-ବବି ଉଭୟ ବିଜେଡିକୁ ନିଜ ନିଜ କବଜାରେ ରଖିବାକୁ ଚାହୁଁଥିବାରୁ ଜାଣିଶୁଣି ଦଳରେ ଏଭଳି ଅସ୍ଥିରତା ସୃଷ୍ଟି କରାଯାଉଛି । ପାଣ୍ଡିଆନଙ୍କ ନିୟନ୍ତ୍ରଣରେ ରହି ନବୀନ ନିଜେ କୌଣସି ଆହ୍ୱାନ ନେବା ସ୍ଥିତିରେ ନଥିବାରୁ ଦଳୀୟ ନେତାମାନେ ଯେତେ ଚିତ୍କାର କଲେ ମଧ୍ୟ ତାହା କେବଳ 'ନିଜ ଗୋଡ଼ରେ କୁରାଢ଼ୀ ମାରିବା' ସଦୃଶ ହୋଇଛି । ନବୀନଙ୍କ ନେତୃତ୍ୱ ବିଗତ କିଛିବର୍ଷ ହେଲା ସଙ୍କଟରେ ରହିଛି । ନବୀନଙ୍କ ନେତୃତ୍ୱ କହିଲେ ପାଣ୍ଡିଆନଙ୍କ ଅଘୋଷିତ ନିର୍ଦ୍ଦେଶକୁ ହିଁ ବୁଝାଏ । ପାଣ୍ଡିଆନଙ୍କ ବିନା ନବୀନଙ୍କ ଅସ୍ତିତ୍ୱ ନଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ବିଜେଡିର ନେତାମାନେ ଯିଏ ଯେତେ କହିଲେ ବି ପାଣ୍ଡିଆନଙ୍କ କବଳରୁ ନବୀନ ମୁକ୍ତ ହେବା ସହଜ ନୁହେଁ । ବୟସର ସାୟାହ୍ନରେ ଉପନୀତ ନବୀନ ନିଜର ଶାରୀରିକ ଆବଶ୍ୟକତା ପାଇଁ ସାଂଗଠନିକ କାର୍ଯ୍ୟରେ ଅନାଗ୍ରହୀ ରହୁଛନ୍ତି । ଦଳର ନେତାମାନେ ଏବେ 'ପାଣ୍ଡିଆନ ହଟାଅ' ନୀତି ଆପଣାଇ ନବୀନଙ୍କ ନେତୃତ୍ୱକୁ ବଳିଷ୍ଠ କରିବାକୁ ଚାହୁଁଥିଲେ ମଧ୍ୟ ପାଣ୍ଡିଆନଙ୍କ କବଳରୁ ମୁକ୍ତ ହେବା ନବୀନଙ୍କ ପାଇଁ କାଠିକର ପାଠ ଥିବାରୁ 'ନବୀନଙ୍କ ନେତୃତ୍ୱ ଓ ନେତାଗିରି' କେବଳ ଦଳୀୟ ନେତାମାନଙ୍କ ଭାଷଣ ଓ ବୟାନବାଜି ମଧ୍ୟରେ ସୀମିତ ବୋଲି ଚର୍ଚ୍ଚା ହେଉଛି ।ଓକଫ୍ ବିଲ୍ ପ୍ରସଙ୍ଗରେ ଦଳର ନାଟକୀୟ ଆଭିମୁଖ୍ୟକୁ ନେଇ ବିଜେଡିରେ ଉଠିଥିବା ରାଜନୀତିକ ଝଡ଼ ଥମିବାର ନାଁ ଧରୁନି । ଜଣକପରେ ଜଣେ ବରିଷ୍ଠ ନେତା ଦଳୀୟ ଫୋରମ ଛାଡ଼ି ସର୍ବସାଧାରଣରେ ନିଜର ଅସନ୍ତୋଷ ବ୍ୟକ୍ତ କରିବାରେ ଲାଗିଛନ୍ତି । ରାଜ୍ୟସଭାରେ ଦଳର ନେତା ସସ୍ମିତ ପାତ୍ରଙ୍କୁ ଦୋଷ ଦେଇ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଫୁଲ୍ଲ ସାମଲ,ଗଣେଶ୍ୱର ବେହେରା ଓ ପ୍ରତାପ ଜେନାଙ୍କ ଭଳି ନେତାମାନେ ଦାବି କରୁଥିବାବେଳେ ରାଜ୍ୟସଭା ସାଂସଦ ଦେବାଶୀଷ ସାମନ୍ତରାୟ ନାଁ ନନେଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ମୁଖ୍ୟ ପରାମର୍ଶଦାତା ଭିକେ ପାଣ୍ଡିଆନଙ୍କୁ ସ୍ପଷ୍ଟଭାବେ ଏସବୁ ନିମନ୍ତେ ଦାୟୀ କରିଛନ୍ତି । ନିକଟ ଅତୀତରେ ଯିଏ ଭିଆରଏସ୍ (ପାଣ୍ଡିଆନଙ୍କ ପତ୍ନୀ ସୁଜାତା) ନେଇଛନ୍ତି ତାଙ୍କପାଇଁ ଏଭଳି 'ଡିଲ୍' ହୋଇଛି ବୋଲି କହି ଦେବାଶୀଷ ସିଧାସଳଖ ସସ୍ମିତଙ୍କୁ କ୍ଲିନଚିଟ୍ ଦେଇଛନ୍ତି । ବିଜେଡିର ଆଗଧାଡ଼ିର ନେତାମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ଓ ବରିଷ୍ଠ ନେତାମାନେ ବଡ଼ଧରଣର 'ଡିଲ୍-ଖେଳ' ହୋଇଥିବା ନେଇ ଆଶଙ୍କା କରିବା ମଧ୍ୟରେ ନବୀନଙ୍କୁ ମୋହରା ସଜାଇ ପାଣ୍ଡିଆନ ନିଜର ଗେମପ୍ଲାନକୁ ସଫଳ ରୂପ ଦେଉଥିବା ଚର୍ଚ୍ଚା ହେଉଛି । ପାଣ୍ଡିଆନଙ୍କ ନାଁ ନନେଇ ତାଙ୍କୁ ଆକ୍ଷେପ କରି ବରିଷ୍ଠ ବିଜେଡି ନେତା ଦେବାଶୀଷ ସାମନ୍ତରାୟଙ୍କ କହିଛନ୍ତି ଯେ, ରାଜନୀତି ନକରିବେ ବୋଲି କହି ରାଜନୀତିକୁ ନିୟନ୍ତ୍ରଣ କରୁଥିବା ବ୍ୟକ୍ତି କେବେ ରାଜନେତା ହୋଇପାରିବେ ନାହିଁ । ୱ୍କଫ୍ ବିଲ୍ ପ୍ରସଙ୍ଗରେ ଯେଉଁ ନିଷ୍ପତ୍ତି ନିଆଗଲା ତାହା ଦଳର ନିଷ୍ପତ୍ତି ଥିଲା । ନବୀନଙ୍କୁ ଭୁଲ୍ ପରାମର୍ଶ ଦେଇ ଏଭଳି କରାଯାଇଛି ବୋଲି କହି ପରୋକ୍ଷରେ ନବୀନ ଏବେବି ପାଣ୍ଡିଆନଙ୍କ ହାତରେ ସଖିକଣ୍ଢେଇ ସାଜିଥିବା ଦେବାଶୀଷ ଇସାରାରେ ସୂଚନା ଦେଇଛନ୍ତି । ତେବେ ପ୍ରଶ୍ନ ଉଠୁଛି, ନିର୍ବାଚନୀ ବିପର୍ଯ୍ୟୟ ପରଠୁ ବିଜେଡିଠୁ ଦୂରେଇ ରହିଥିବାର ସନ୍ଦେଶ ଦେଉଥିବା ପାଣ୍ଡିଆନ କ'ଣ ନବୀନଙ୍କ ମାଧ୍ୟମରେ ଦଳୀୟ ନେତା ଓ କର୍ମୀଙ୍କ ଭାବନା ଓ ସମ୍ମାନକୁ ଆଘାତ ଦେବାଭଳି ନିଷ୍ପତ୍ତି ନେଉଛନ୍ତି ? ମାସକ ପୂର୍ବରୁ ଦଳର ନେତାମାନଙ୍କୁ ଡାକି ବିଜେଡି ସହ ତାଙ୍କର କିଛିସମ୍ପର୍କନଥିବା ଓ ସେ ବିଦେଶ ପଳାଇବେ ବୋଲି କହିଥିବା ପାଣ୍ଡିଆନ ଏବେବି ନିୟମିତ ନବୀନ ନିବାସ ଯାଇ ଦଳୀୟ ବ୍ୟାପାରରେ ମୁଣ୍ଡ ଖେଳାଉଛନ୍ତି କି ?

Printed, Published, Owned & Edited By HARIHAR SWAIN, Published At-Narasinghpur, Kodandapur, Jajpur, Pin-755007, Printed At-Mayur Offset Printers, Plot No.D-1/1, Sector-A Zone-D,Mancheswar Industrial Estate, Bhubaneswar-751010, Khordha, Odisha. Mobile: 9937400385, Email:jajpurhighlights@gmail.com

Editor: HARIHAR SWAIN

ସଂପାଦକ: ହରିହର ସ୍ୱାଇଁ